
'ସ୍ପିରିଟ୍'ରେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-153 ♦SATURDAY ♦29 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୩ ♦ଶନିବାର ♦୨୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# କାର୍ ଉପରେ ଓଲଟିଲା ଡମ୍ଫର; ଶିଶୁ ସମେତ ୭ ମୃତ

■ ସାହାରନପୁର, ୨୮ ।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏକ ଡମ୍ଫର ନିୟନ୍ତ୍ରଣ ହରାଇ କାର୍ ଉପରେ ଓଲିଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ଏକ ୪ ବର୍ଷର ପିଲା ମଧ୍ୟ ରହିଛି । ଡମ୍ଫରରେ ବଜୁରୀ ଭରି ରହିଥିଲା । ଦ୍ରୁତଗିତରେ ଆସୁଥିବାରୁ ଡମ୍ଫର ନିୟନ୍ତ୍ରଣ ହରାଇ ନିକଟରେ ଯାଉଥିବା କାର୍ ଉପରେ ପଲଟି ଯାଇଥିଲା । ଡମ୍ଫରରେ ଥିବା ବଜୁରୀ ମଧ୍ୟ କାର୍ ଉପରେ ପଡିଥିଲା । ସମ୍ପୂର୍ଣ୍ଣ କାର୍ ଡମ୍ଫର ଓ ବଜୁରୀ ତଳେ ଦବି ରହିଥିଲା । ଫଳରେ ୫ ଫୁଟ୍‌ର କାର ୨ ଫୁଟ୍‌ରେ ପରିଣତ ହୋଇଥିଲା । ୩ଟି କ୍ରେନ୍ ସହାୟତାରେ ଡମ୍ଫରକୁ ଉଠାଯାଇଥିଲା । ବଜୁରୀକୁ ହଟାଇବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା । ସେପର୍ଯ୍ୟନ୍ତ କାର୍‌ରେ ଥିବା ବ୍ୟକ୍ତିମାନେ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଶେଷରେ କାର୍‌ର ଛାତକୁ କଟାଯାଇ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଇଥିଲା । ଏକ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଏମାନେ କାର୍‌ରେ ଯାତ୍ରା କରୁଥିଲେ । କାର୍‌ରେ ଗୋଟିଏ ପରିବାରର ୭ ଲୋକ ଯାତ୍ରା କରୁଥିଲେ । ଏମାନେ ସବୁ ସୟଦ ମାଜରା ଗାଁରୁ ଗଙ୍ଗୋ ଯାଉଥିଲେ । ଗାଁଠାରୁ ଗୋଟିଏ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । କାର୍‌ରୁ ୭ଟି ମୃତ ଦେହକୁ ବାହର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି । ଗାଗଲହେଡି ଥାନରେ ଏହି ଦୁର୍ଘଟଣା ହୋଇଛି ।



# ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କଲା ନେପାଳ

■ କାଠମାଣ୍ଡୁ, ୨୮ ।୧୧ (ଏଜେନ୍ସି): ନେପାଳ ପୁଣିଥରେ ଭାରତ ସହ ଥିବା ସୀମା ବିବାଦକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରିଛି । ନେପାଳ ନିଜର ୧୦୦ ଟଙ୍କିଆ ନୋଟ ଉପରେ ଏନେଇ ବିବାଦୀୟ ମାନଚିତ୍ର ଛାପିଛି । ନେପାଳ ଏହି ମାନଚିତ୍ରରେ ଲିପୁଲେଖ, କାଲାପାନୀ ଓ ଲିମ୍ପିୟାଧୁରାକୁ ନିଜର ଅଂଶ ବୋଲି ଦର୍ଶାଇଛି । କିନ୍ତୁ ଏହି ୩ଟି ଅଞ୍ଚଳ ଭାରତର ସୀମା ଭିତରରେ ରହିଛି । ନେପାଳର ଏହି ଅଭିମୁଖ୍ୟକୁ ଭାରତ କଡ଼ା ସାମାଲୋଚନା କରିଛି ଓ ଏହାକୁ ଏକତରଫା ବୋଲି କହିଛି । ଏଥିରେ ନେପାଳ ଐତିହାସିକ ତଥ୍ୟକୁ ଅଣଦେଖା କରିଛି ବୋଲି ଭାରତ କହିଛି । ଏଭଳି ଅନୁଚିତ ଦାବି ଉପସ୍ଥାପନ କରିବା ଦ୍ୱାରା ସତ୍ୟର ପରିବର୍ତ୍ତନ ହେବ ନାହିଁ । ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ନେପାଳ ସମ୍ମାନ କରିବା ଉଚିତ ଓ ଏଭଳି ଦାବି ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ।



**୧୦୦ ଟଙ୍କିଆ ନୋଟ୍‌ରେ ଛାପିଲା ବିବାଦୀୟ ମାନଚିତ୍ର**

**ଏଭଳି ଦାବିରେ ସତ୍ୟ ବଦଳି ନ ଥାଏ: ଭାରତ**


ଏହି ବିବାଦିତ ମାନଚିତ୍ର ୧୦୦ ଟଙ୍କା ନୋଟରେ ହଲକା ହଳଦିଆ ରଙ୍ଗରେ ଚିହ୍ନିତ ହୋଇଛି । ତେବେ ଏହି ମାନଚିତ୍ର କେବଳ ୧୦୦ ଟଙ୍କା ନୋଟରେ ହିଁ ଚିହ୍ନିତ ହୋଇଛି । କିନ୍ତୁ ଏହା ୧୦, ୫୦ ଓ ୧୦୦ ଟଙ୍କା ନୋଟ ଉପରେ ଚହ୍ନିତ ହୋଇନାହିଁ । ପୁରୁଣା ୧୦୦ ଟଙ୍କା ନୋଟରେ ଏହି ମାନଚିତ୍ର ଥିଲା ବୋଲି ବ୍ୟାଙ୍କ ତରଫରୁ କୁହାଯାଇଛି । ଏବେ କେବଳ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହାକୁ ସଂଶୋଧନ କରାଯାଇଛି ▶ପୃଷ୍ଠା-୭

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ .୩୪ କୋଟି ଟପିବ ଋଣ ଭାର

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆସିଛି । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା ରହିଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮ ୯ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଣି ୧୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଅନ୍ୟପଟେ ଚଳିତ ଆର୍‌ôଥକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜରା ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦ (ଜିଡିପି) ୧୨.୭ ପ୍ରତିଶତ ବୋଲି ବଜେଟ୍ ପୁସ୍ତିକାରେ ଦର୍ଶାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ ତାରିଖରେ ଓଡ଼ିଶା ବିଧାନସଭାରେ ଅନୁମୋଦନ ହୋଇଥିଲା । ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଅତିରିକ୍ତ ବଜେଟର ଆବଶ୍ୟକତା ରହିଥିବା ନେଇ ରାଜ୍ୟ ସରକାର ବଜେଟ୍ ପୁସ୍ତିକାରେ ଦର୍ଶାଇଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିର ଆବଶ୍ୟକତା ରହିଛି । ଏହାସହିତ ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଉଲ୍ଲେଖ କରାଯାଇଛି । ଅତିରିକ୍ତ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ରହିଥିବା ସର୍ବାଧିକ ୧୩୭୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ସୂଚନା ଦେଇଛନ୍ତି ।




**କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି**

**ନୂଆ ଯୋଜନା 'ଶକ୍ତିଶ୍ରୀ' ପାଇଁ ୧୫ କୋଟି ବ୍ୟୟ ବରାଦ**


**ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି**

ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି । ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି । ଏ ବାବଦକୁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି 'ସୁଭଦ୍ରା' ଯୋଜନା ପାଇଁ ୨୯୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏହାସହିତ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ▶ପୃଷ୍ଠା-୭

# ଡିସେମ୍ବର ୪ରେ ଭାରତ ଗସ୍ତରେ ଆସିବେ ପୁଟିନ

## ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ

■ ନୂଆଦିଲ୍ଲୀ, ୨୮ ।୧୧ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଗାମୀ ଡିସେମ୍ବର ୪-୫ରେ ଦୁଇଦିନିଆ ଗସ୍ତରେ ଭାରତ ଆସିବେ ବୋଲି ରୁଷିଆର ଗଣମାଧ୍ୟମଗୁଡିକ ଘୋଷଣା କରିଛନ୍ତି । ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ । ପ୍ରତିବର୍ଷ ଭାରତ ଓ ରୁଷିଆ ମଧ୍ୟରେ ହେଉଥିବା ବୈଠକର ଏହା ଅଂଶ । ଭାରତ ଓ ରୁଷିଆ ପ୍ରତିବର୍ଷ ପାଳି କରି ଏହି ବୈଠକର ଆୟୋଜନ କରିଥାନ୍ତି । ଏଥର ଭାରତର ଏହି ବୈଠକ ଆୟୋଜନ କରିବାର ପାଳି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନରେ ଏକ ଭୋଜି ଆୟୋଜନ କରିବେ । ଏହି ଗସ୍ତରେ ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ । ଏହି ଅବସରରେ ଦୁଇ ନେତା ଆଶୋଧିତ ତୈଳ ଚୁକ୍ତି ସହିତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ କ୍ରୟ ଓ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନେଇ ଆଲୋଚନା କରିବା ଆଶା କରାଯାଉଛି ।



**ଏସ୍-୪୦୦, ଏସ୍ୟୁ-୫୭ ଜେଟ୍ କ୍ରୟ ନେଇ ହେବ ଆଲୋଚନା**

ରୁଷ ତୈଳ କ୍ରୟ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଟାରିଫ ଲାଗୁ କରିଛି । ଫଳରେ ଭାରତ ମୋଟ୍ ଉପରେ ୫୦ ପ୍ରତିଶତ ଟାରିଫର ଭାର ବହନ କରୁଛି । ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ସହିତ ଯୁଦ୍ଧ କରିବାକୁ ରୁଷିଆକୁ ବଳ ମିଳୁଛି ବୋଲି ଆମେରିକା କହୁଛି । ରୁଷିଆ- ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ । ୨୦୨୨ ଫେବୃଆରୀ ▶ପୃଷ୍ଠା-୭

**ଗୃହରେ ଉଦ୍‌ବେଗ**

# ଅନ୍ଧାରରେ 'ଅନ୍ୱେଷା'

## ଯୋଜନା ଅଧୀନରେ ଚଳିତବର୍ଷ ହୋଇନି ନାମଲେଖା

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆଦିବାସୀ ପିଲାଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ପାଇଁ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ଅନ୍ୱେଷା' ଯୋଜନା । ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ଯୋଜନାର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନ୍ଧାର । ଏହାକୁ ନେଇ ଶିକ୍ଷାବିତ୍, ଅଭିଭାବକ, ସମାଜତତ୍ୱବିଦ୍ ଉଦ୍‌ବେଗ ପ୍ରକାଶ କରିଥିବା ସମୟରେ ବିଧାନସଭାରେ ବିରୋଧୀ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି । ଆଦିବାସୀ ପିଲାଙ୍କ ପାଇଁ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ମଧ୍ୟ ବିଧାୟକମାନେ ପ୍ରଶ୍ନ କରିଛନ୍ତି । ବିରୋଧୀ ବିଜେଡିର ବିଧାୟକମାନେ ଅନ୍ୱେଷା ଯୋଜନା ସଂକ୍ରାନ୍ତରେ ସରକାରଙ୍କୁ ପ୍ରଶ୍ନ କରିଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଲେଇ ବଙ୍କେଇ ପ୍ରଶ୍ନକୁ ଏଡ଼ାଇଯିବାକୁ ଉଦ୍ୟମ କରିଛନ୍ତି ।।



ଯୋଜନା ବନ୍ଦ ହେବକି ଜାରି ରହିବ, ସେ ନେଇ ମନ୍ତ୍ରୀ କୌଣସି ସ୍ୱଷ୍ଟୋକ୍ତି ରଖିନଥିବା ବେଳେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଏହି ଯୋଜନାରେ ନାମଲେଖା ହୋଇ ନ ଥିବା ସ୍ୱୀକାର କରିଛନ୍ତି । ତେଣୁ ଯୋଜନାକୁ ବନ୍ଦ କରିବା ପାଇଁ ସରକାର ଏକପ୍ରକାର ନିଷ୍ପତ୍ତି କରିଥିବା ନେଇ ମନ୍ତ୍ରୀଙ୍କ ଇଙ୍ଗିତ ସ୍ପଷ୍ଟ କରୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି ।

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଓମ୍ ପ୍ରକାଶ ମିଶ୍ରଙ୍କ ଏକ ତାରକା ପ୍ରଶ୍ନରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଧାୟକ ପ୍ରଦୀପ ଦିଶାରୀ । ସରକାର ଅନ୍ୱେଷା ଯୋଜନା ବନ୍ଦ କରିବାକୁ ଯାଉଛନ୍ତି କି ? ଯଦି ନୁହେଁ, ତାହେଲେ ନାମଲେଖା କେବେ ଆରମ୍ଭ ହେବ ବୋଲି ସେ ପ୍ରଶ୍ନ କରିଥିଲେ । ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ୍ୟ ଅନୁରୂପ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ ଚଳିତ ବର୍ଷ ଅନ୍ୱେଷା ଯୋଜନାରେ ନାମଲେଖା ହୋଇପାରି ନାହିଁ । ଯଦି ପ୍ରଥମ ଶ୍ରେଣୀରେ ▶ପୃଷ୍ଠା-୭



# ଧାନକିଣା: ଆରମ୍ଭରୁ ବିଭ୍ରାଟ

## ଆଜିଯାଏଁ ବସ୍ତାଏ ବି ଧାନ କିଣି ନାହାନ୍ତି ସରକାର

■ ଭୁବନେଶ୍ୱର, ୨୮ ।୧୧ (ସମିସ): ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଧାନକିଣା ଆରମ୍ଭ ହୁଏ । ମାତ୍ର ନଭେମ୍ବର ଶେଷ ହେବାକୁ ବସିଲାଣି, ଆଜି ସୁଦ୍ଧା ସରକାର ବସ୍ତାଟିଏ ଧାନ କିଣିନାହାନ୍ତି । ଚାଷୀଙ୍କ ପାଖରେ ଧାନ ରଖିବାକୁ ଯାଗା ନାହିଁ । ଫଳରେ ଚାଷୀ ଅଭାବୀ ବିକ୍ରି କରିବା ଆରମ୍ଭ କଲେଣି । ସରକାର ଚାଷୀଙ୍କ ଭାଗ୍ୟ, ଭବିଷ୍ୟତ ସହ ଖେଳ ଖେଳୁଛନ୍ତି । ଏଥିରୁ ବିରତ ନ ହେଲେ ସାରା ରାଜ୍ୟରେ ନିଆଁ ଲାଗିଯିବ ବୋଲି ବିଧାନସଭାରେ ସରକାରଙ୍କୁ ଚେତାବନୀ ଶୁଣାଇଛନ୍ତି ବିରୋଧୀଦଳ ଉପନେତାପ୍ରସନ୍ନ ଆଚାର୍ଯ୍ୟ । ଶୁକ୍ରବାର ଶୂନ୍ୟକାଳରେ ଧାନକିଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

**ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି**

**ଚାଷୀଙ୍କ ଭାଗ୍ୟ ସହ ଖେଳନ୍ତୁନି; ନିଆଁ ଲାଗିଯିବ**

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବରଗଡ଼, ସମ୍ବଲପୁରରେ ଆଜିଠାରୁ ଧାନକ୍ରୟ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା । ମାତ୍ର ଆଜି ତାରିଖ ସୁଦ୍ଧା ବସ୍ତାଏ ମଧ୍ୟ ଧାନ କିଣା ଯାଇପାରିଲା ନାହିଁ । ବରଗଡ଼ ଜିଲ୍ଲାରେ ୫୦୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ନାହାନ୍ତି । କୌଣସି ମିଲକୁ ଧାନ କିଣିବା ପାଇଁ ସରକାର ଆଲଟମେଣ୍ଟ ଦେଇ ▶ପୃଷ୍ଠା-୭

## ଖେଞ୍ଚ ମାରିଲେ ସନ୍ତୋଷ

■ ଭୁବନେଶ୍ୱର,୨୮ ।୧୧(ସମିସ): ଗତ ଖରିଫରେ ଧାନକିଣାରେ ସଫଳତାକୁ ନେଇ ନିଜ ସରକାରଙ୍କୁ ପ୍ରଶଂସା କରିଥିଲେ ବି ସରକାରଙ୍କୁ ଖେଞ୍ଚ ମାରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ । ଶ୍ରୀ ଖଟୁଆ କହିଛନ୍ତି, ଚଳିତ ଖରିଫରେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବାର ସମ୍ଭାବନା ରହିଛି । ଏତେଧାନ ସରକାର କେଉଁଠି ରଖିବେ, ତାହା ନିଶ୍ଚିତ ଭାବେ ଆହ୍ୱାନର ବିଷୟ । ସରକାର ଏନେଇ ସୁବ୍ୟବସ୍ଥା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ ।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଖଟୁଆ କହିଥିଲେ ଯେ ଗତ ଖରିଫରେ ସରକାର ୧୭ ଲକ୍ଷ ଚାଷୀଙ୍କ ନିକଟରୁ ୭୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ । କେବଳ ଗତବର୍ଷ ରାଜ୍ୟରେ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କ୍ରୟ କରିଥିଲେ । ▶ପୃଷ୍ଠା-୭

# କଂଗ୍ରେସରେ ନରସିଂହ ଅଲୋଡ଼ା !

■ ଭୁବନେଶ୍ୱର, ୨୮ ।୧୧ (ସମିସ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିରୋଧୀଦଳ ନେତା ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଏବେ ଅଲୋଡ଼ା । ଯେତେବେଳେ ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ସବୁ ନେତା ଏକାଠି ହେବାର ଆବଶ୍ୟକତା ଥିବା ଆହ୍ୱାନ ଦେଉଛନ୍ତି, ସେତେବେଳେ ଦଳର ସବୁଠାରୁ ଟାଣୁଆ ନେତା ନରସିଂହଙ୍କୁ କିପରି ଉପେକ୍ଷା କରାଯାଇ ପାରିବ ? ମାତ୍ର ଏହା ବାସ୍ତବତଃ ସତ୍ୟ ଓ ଖୋଦ୍ ନରସିଂହ ହିଁ ଏହାକୁ ସ୍ୱୀକାର କରିଛନ୍ତି । ତାଙ୍କୁ କୌଣସି ପ୍ରସଙ୍ଗରେ ପଚରା ଯାଉ ନାହିଁ କି ତାଙ୍କଠାରୁ କୌଣସି ମତ ଲୋଡ଼ାଯାଉ ନାହିଁ । ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଏଭଳି ଅଣଦେଖା କରାଯାଉଛି ବୋଲି ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି ଶ୍ରୀ ମିଶ୍ର । ବଲାଙ୍ଗିରଠାରେ ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ସେ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଅଣଦେଖା କରାଯାଉଛି । ଏପରିକି ଦଳର କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଉନାହିଁ । କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସୌଜନ୍ୟମୂଳକ ଫୋନ ଟିଏ ବି କରାଯାଉ ନାହିଁ । ପୂର୍ବରୁ ସେ ରାଜ୍ୟ ସରକାରରେ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ଓ ଆଇନ ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ସେହି ସମୟରେ ଦଳ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରୁଥିଲା । ମାତ୍ର ଗତ ନୂଆପଡ଼ା ଉପନିର୍ବାଚନରେ ତାଙ୍କୁ ଡ଼କା ଗଲାନାହିଁ । କଂଗ୍ରେସର କିଛି ବରିଷ୍ଠ ନେତା ତାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ, ମାତ୍ର ଏହା କେବଳ ସୌଜନ୍ୟମୂଳକ ▶ପୃଷ୍ଠା-୭



**ରାଜଧାନୀରେ ବି ଅପରାଧୀଙ୍କଠାରୁ ତ୍ରାହି ନାହିଁ**

# ସ୍କୁଲରେ ବୋମା ମାଡ଼, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

- ▶▶ ପୁଲିସ ସହ ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ
- ▶▶ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିରୋଧୀ ସଦସ୍ୟ
- ▶▶ ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ରଖିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୮ ।୧୧ (ସମିସ): ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଧାନସଭା ଅଧିବେଶନ ପାଇଁ ସାରା ରାଜଧାନୀରେ ଏବେ ପୁଲିସ ଛାଉଣି । ଘନଘନ ଚେକିଂ, ଛକଛକରେ ବ୍ଲକିଂ । ଏହା ସତ୍ତ୍ୱେ ସବୁ ପୁଲିସ ବ୍ୟବସ୍ଥାକୁ ଉପହାସ କରି ଅପରାଧୀ ସେମାନଙ୍କର ଆତଙ୍କରାଜ ଚଳାଇଛନ୍ତି । ସୁରକ୍ଷା ବ୍ୟବସ୍ଥାକୁ ସିଧାସଳଖ ଚାଲେଞ୍ଜ କରିଛନ୍ତି । ସକାଳୁ ସକାଳୁ ଗାଡ଼କଣ ସ୍ଥିତ କେଳୁଚରଣ ପାର୍କ ଛକରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ-୩ ସ୍କୁଲ ସାମ୍ନାରେ ବୋମାମାଡ଼ ଘଟିଛି । ଏହାକୁ ନେଇ ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବୋମାମାଡ଼ ହେବା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ପରିସରକୁ ପଶି ଯାଇଥିବାରୁ ଏକ ବଡ଼ ଧରଣ ଅଘଟଣ ଟଳି ଯାଇଥିଲା । ଛାତ୍ରଛାତ୍ରୀମାନେ ସ୍କୁଲ ଭିତରେ ପ୍ରବେଶ କରିବା ପରେ ଏଭଳି ଅଘଟଣ ଘଟିଥିଲା । ଏଣୁ ଛାତ୍ରଛାତ୍ରୀମାନେ ଏକ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ସହରରେ ଖୋଦ ରାଷ୍ଟ୍ରପତିଙ୍କ ଉପସ୍ଥିତି ଓ ବିଧାନସଭା ଅଧିବେଶନ ସମୟରେ ଏ ପ୍ରକାର ଅରାଜକତାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି ।



ପ୍ରତ୍ୟେକଦିନ ଭଳି ଛାତ୍ରଛାତ୍ରୀଙ୍କ ସ୍କୁଲ ଆସିବା ସମୟ ହୋଇ ସାରିଥିଲା ଓ ୭ଟା ୪୫ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଭିତରକୁ ପ୍ରବେଶ କରି ସାରିଥିଲେ । ସକାଳ ପ୍ରାୟ ୮ଟା ସମୟରେ ସ୍କୁଲ ଫାଟକ ନିକଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଅଭିଭାବକ ଏବଂ ସ୍ଥାନୀୟ ଲୋକେ ଏହି ଶବ୍ଦରେ ଥରହର ହୋଇଯାଇଥିଲେ । ଆତଙ୍କିତ ହୋଇ ଲୋକେ ଏପଟ ସେପଟ ଦୌଡିବାକୁ ଲାଗିଲେ । ବୋମା ମାଡ଼ରେ ପାଚେରୀ ଖଣ୍ଡିଆ ଖାବରା ହେବା ହୋଇ ▶ପୃଷ୍ଠା-୭

### ମାସିକ ଧର୍ମର ପ୍ରମାଣ ମାଗିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ

## କେନ୍ଦ୍ର-ହରିୟାଣା ସରକାରଙ୍କୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି):ହରିୟାଣାର ମହର୍ଷି ଦୟାନନ୍ଦ ୟୁନିଭର୍ସିଟିରେ ମହିଳା ସଫେଇ କର୍ମଚାରୀଙ୍କୁ ମାସିକ ଧର୍ମର ପ୍ରମାଣ ମାଗିବା ମାମଲାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହାକୁ କେନ୍ଦ୍ର, ହରିୟାଣା ସରକାର ଏବଂ ଅନ୍ୟ ପକ୍ଷଙ୍କୁ ଜଷ୍ଟିସ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କହିଥିଲେ ଯେ ଏହା ମହିଳାଙ୍କ ପ୍ରତି ଲୋକଙ୍କ ଭାବନାକୁ ଦେଖାଉଛି। ଯଦି ମହିଳା କର୍ମଚାରୀଙ୍କ ଅନୁପସ୍ଥିତିରେ କୌଣସି ବଡ଼ କାମ ହୋଇପାରୁ ନାହିଁ ତେବେ ଅନ୍ୟ କର୍ମଚାରୀଙ୍କୁ ଡାକିବା କଥା। କର୍ଣ୍ଣାଟକରେ ମାସିକ ଧର୍ମ ସମୟରେ ଛୁଟି ଦିଆଯାଉଛି। କିନ୍ତୁ ଏବେ ଏହି ଛୁଟି ଦେବା ପାଇଁ ମାସିକ ଧର୍ମର ପ୍ରମାଣ ମଗାଯିବ କି ବୋଲି ଜଷ୍ଟିସ ନାଗରତ୍ନା ପଚାରି ଥିଲେ। ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ତଥା ବରିଷ୍ଠ ଓକିଲ ବିକାଶ ସିଂହ କହିଥିଲେ ଯେ ଏହା ଏକ ଗମ୍ଭୀର ମାମଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ। କେନ୍ଦ୍ର ଓ ହରିୟାଣା ସରକାରଙ୍କୁ ଏହାର ବିସ୍ତୃତ ଯାଞ୍ଚ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଥିଲେ।

## ୟୁରୋପ ଉପରେ ରୁଷ୍ କେବେ ଆକ୍ରମଣ କରିବନି: ପୁଟିନ

ବିଶକେକ୍, ୨୮ ।୧୧(ଏଜେନ୍ସି): ରୁଷିଆ ୟୁରୋପ ଉପରେ କେବେ ବି ଆକ୍ରମଣ କରିବ ନାହିଁ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଯଦି ୟୁରୋପ ଚାହିଁବ ତେବେ, ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୟୁରୋପ ଉପରେ ରୁଷ୍ ଆକ୍ରମଣ କରିବା ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାହାକୁ ସେ ବେକାର କଥା ବୋଲି କହିଛନ୍ତି। ୟୁରୋପୀୟ ନେତାମାନେ କେବଳ ଅସ୍ତ୍ରଶସ୍ତ୍ର କମ୍ପାନୀଗୁଡିକୁ ଖୋସାମତି କରୁଛନ୍ତି। ଏହି ନେତାମାନେ ନିଜ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଏହା ପୂର୍ବରୁ ଜର୍ମାନୀର ବୈଦେଶିକ ମନ୍ତ୍ରୀ ୟୋହାନ ୱାଡଫୁଲ ଅଭିଯୋଗ କରିଥିଲେ ଯେ, ରୁଷିଆ ଆଗାମୀ ୪ ବର୍ଷ ମଧ୍ୟରେ କୌଣସି ନାଟୋ ଦେଶ ଉପରେ ଆକ୍ରମଣ କରିପାରେ। ୨୦୨୯ ପର୍ଯ୍ୟନ୍ତ ରୁଷିଆ ନାଟୋ ବିପକ୍ଷରେ ଯୁଦ୍ଧ କରିବାକୁ ପ୍ରସ୍ତୁତି କରୁଛି ବୋଲି ଜର୍ମାନୀର ଗୁଇନ୍ଦା ସଂସ୍ଥା କହିଥିବା କଥା ୱାଡଫୁଲ କହିଥିଲେ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକା, ୟୁରୋପ ଓ ୟୁକ୍ରେନ ମଧ୍ୟରେ ଶାନ୍ତି ଯୋଜନା ନେଇ ଆଲୋଚନା ଚାଲିଥିବା ବେଳେ ପୁଟିନ ଏହି ଟିପ୍ପଣୀ ଦେଇଛନ୍ତି। କିନ୍ତୁ ରୁଷିଆ ଅଞ୍ଚଳରେ ଥିବା ୟୁକ୍ରେନ ସୈନିକଙ୍କୁ ପଛକୁ ହଟିବାକୁ ହେବ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। କିନ୍ତୁ ରୁଷିଆ ଏବେ ୟୁକ୍ରେନର ୧୯ ପ୍ରତିଶତ ଅଂଶକୁ କବ୍‌ଜା କରିନେଇଛି।

## ପ୍ରତିଦିନ ରଣକୌଶଳରେ ପରିବର୍ତ୍ତନ ହେଉଛି: ସିଡିଏସ୍

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଆଧୁନିକ ଯୁଦ୍ଧର ରଣକୌଶଳ ପ୍ରତିଦିନ ପରିବର୍ତ୍ତନ ହେବାରେ ଲାଗିଛି ବୋଲି ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ କହିଛନ୍ତି। ଭବିଷ୍ୟତ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ ହେଉଛି ତାହା ଲାଗୁ ହେବା ପୂର୍ବରୁ ହିଁ ପୁରୁଣା ହେଇ ଯାଉଛି। ତେଣୁ ସେନାକୁ ଏଭଳି ବିପଦ ନେବାକୁ ପଡୁଛି। ଭବିଷ୍ୟତର ଯୁଦ୍ଧ ପାଇଁ ପୂର୍ବାନୁମାନ ଓ ପ୍ରସ୍ତୁତ କରିବା ଆମର ଅସ୍ତିତ୍ୱ ସହିତ ଜଡିତ। ଏ ନେଇ ଦ୍ୱିତୀୟ ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଦିଲ୍ଲୀର ସାମ ମାଣିକସା ସେଣ୍ଟରରେ ଚାଲିଥିବା ଚାଣକ୍ୟ ଡିଫେନ୍ସ ଡାଏଲଗରେ ଯୋଗ ଦେଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଥିଲେ ଯେ ଯୁଦ୍ଧ ଏବେ ଜଳ, ସ୍ଥଳ ଓ ଆକାଶରେ ସୀମିତ ହୋଇ ରହିନାହିଁ। ଏହା ସାଇବର, ଗଣମାଧ୍ୟମ ସମେତ ଆହୁରି କେତୋଟି କ୍ଷେତ୍ରକୁ ବ୍ୟାପିଗଲାଣି।

## ସୀମାରେ ରୋବୋଟ୍ ମୁତୟନ କରିବ ଚୀନ୍

ବେଜିଂ, ୨୮ ।୧୧(ଏଜେନ୍ସି): ନିଜ ସୀମାରେ ସେନା ସହିତ ରୋବୋଟ ସୈନ୍ୟ ନିୟୋଜିତ କରିବାକୁ ଚୀନ୍ ନିଷ୍ପତ୍ତି ନେଇଛି। ଏହାକୁ ସାକାର କରିବାକୁ ଆଗାମୀ ଦୁଇବର୍ଷ ମଧ୍ୟରେ ଚୀନ୍ ୧୦ ହଜାର ରୋବୋଟ ସୈନ୍ୟ ପ୍ରସ୍ତୁତ କରିବ। ଏଥିପାଇଁ ୟୁପିଟେକ୍ ରୋବୋଟିକ୍ସକୁ ୨୬୪ ମିଲିୟନ ୟୁଆନ ଅର୍ଥାତ ୩୭ ମିଲିୟନ ଡଲାରର ଏକ ବଡ଼ ଅର୍ଡର ମିଳିଛି। ଭିଏତନାମ ସୀମାରେ ଚୀନ୍ ପ୍ରଥମେ ଏହି ରୋବୋଟକୁ ନିୟୋଜିତ କରିବ। ପାଟ୍ରୋଲିଂ ସହିତ ରୋବୋଟ ସୀମା ଉପରେ ତୀକ୍ଷଣ ନଜର ରଖିବେ। ସୀମା ଭିତରକୁ ଓ ବାହରକୁ ଯାଉଥିବା ପର୍ଯ୍ୟଟକଙ୍କୁ ଦିଗଦର୍ଶନ ମଧ୍ୟ ଦେବେ।

### ରାହୁଲ ଗାନ୍ଧୀଙ୍କ ପ୍ରଶ୍ନ

# ଦିଲ୍ଲୀ ପ୍ରଦୂଷଣକୁ ନେଇ କେନ୍ଦ୍ର ଚୁପ୍ କାହିଁକି



- ଶିଶୁ ବିଷାକ୍ତ ବାୟୁରେ ବଢୁଥିବା କହୁଛନ୍ତି ମାଆ
- ସଂସଦରେ ବିସ୍ତୃତ ଚର୍ଚ୍ଚା ଦାବି କଲେ ରାହୁଲ
- ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ସୃଷ୍ଟି କରିଛି ପ୍ରଦୂଷଣ
- ପିଲାଙ୍କୁ ବାହାନା ନୁହେଁ, ସ୍ୱଚ୍ଛ ବାୟୁ ଦରକାର

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଭାରତ ସାରା ବିଶ୍ୱରେ ନିନ୍ଦିତ ହେଉଛି। ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାରେ ଦିଲ୍ଲୀ ଶୀର୍ଷରେ ରହିଛି। ପ୍ରତି ବର୍ଷ ଏହି ସମସ୍ୟା ସୃଷ୍ଟି ହେଉଥିବାବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦିଆଯାଉଛି। ମାତ୍ର ଏହା କେବଳ ପ୍ରଚାରପ୍ରସାର ସୀମିତ ରହୁଛି। ତେଣୁ ପ୍ରଦୂଷଣର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଦୂଷଣରେ ରୁନ୍ଧି ହୋଇଯାଉଛନ୍ତି। ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଦୂଷଣ ବୃଦ୍ଧିକୁ ନେଇ ମୋଦୀ ଚୁପ୍ କାହିଁକି ବୋଲି ସେ ପଚାରିଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ସରକାର କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। କୌଣସି ଯୋଜନା ମଧ୍ୟ କରୁନାହାନ୍ତି। ଆଉ ଉତ୍ତରଦାୟିତ୍ୱ ମଧ୍ୟ ନେଉନାହାନ୍ତି। ଦିଲ୍ଲୀ ମହିଳାଙ୍କ ସହ ପ୍ରଦୂଷଣ ଉପରେ ଆଲୋଚନା କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ସେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି।

ରାହୁଲ ଲେଖିଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣକୁ ନେଇ ମାଆମାନେ ଚିନ୍ତିତ ଅଛନ୍ତି। ଶିଶୁମାନେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେଇ ବଡ଼ ହେଉଥିବା ମାଆମାନେ କହୁଛନ୍ତି। ଲୋକେ ଥକିଗଲେଣି, ଭୟଭୀତ ହେଲେଣି ଏବଂ କ୍ରୋଧ ପ୍ରକାଶ କରୁଛନ୍ତି। ମୋଦୀ ଜୀ ଭାରତର ଶିଶୁ ଆମ ସାମ୍ନାରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହା ସହିତ ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ପ୍ରଦୂଷଣ ଉପରେ ବିସ୍ତୃତ ଆଲୋଚନା କରିବାକୁ ରାହୁଲ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏକ କଠୋର ଏବଂ ତୁରନ୍ତ କାର୍ଯ୍ୟକାରୀ ହୋଇ ପାରୁଥିବା କାର୍ଯ୍ୟଖସଡ଼ାର ଆବଶ୍ୟକତା ରହିଛି। ପିଲାଙ୍କୁ ବାହାନା ନୁହେଁ, ବରଂ ସ୍ୱଚ୍ଛ ବାୟୁ ଦରକାର। ଶିଶୁଙ୍କ କଷ୍ଟ ମାଆଙ୍କୁ ଗଭୀର ଆଘାତ ଦେଉଛି। ଏହା ତାଙ୍କୁ ପ୍ରଭାବିତ କରୁଛି।

ଦିଲ୍ଲୀରେ ପ୍ରଦୂଷଣ ବିରୋଧରେ ଲଢୁଥିବା ଏଭଳି କିଛି ସାହସୀ ମହିଳାଙ୍କୁ ରାହୁଲ ଆଜି ମାଆ ସୋନିଆ ଗାନ୍ଧୀଙ୍କ ବାସଭବନରେ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ସେମାନେ କେବଳ ନିଜର ନୁହେଁ, ସାରା ଦେଶରେ ଶିଶୁଙ୍କ ଭବିଷ୍ୟତକୁ ନେଇ ଭୟଭୀତ ଥିବା ଉଲ୍ଲେଖ କରିଥିଲେ।

ରାହୁଲ କହିଥିଲେ ଯେ ବିଷାକ୍ତ ବାୟୁ ଯୋଗୁଁ ଶିଶୁ ଫୁସ୍‌ଫୁସ, ହୃତ୍‌ପିଣ୍ଡ ଏବଂ ମାନସିକ ରୋଗର ଶିକାର ହେଉଛନ୍ତି। ଏଭଳି ଭୟାନକ ସ୍ଥିତି ସତ୍ତ୍ୱେ କେନ୍ଦ୍ର ସରକାର ହାତରେ ହାତ ପକାଇ ବସି ରହିଛନ୍ତି। ସମୟ ଦ୍ରୁତଗତିରେ ହାତରୁ ଖସି ଚାଲିଛି। ପ୍ରଦୂଷଣ ଉପରେ ତୁରନ୍ତ ଚର୍ଚ୍ଚା ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଜରୁରୀ। ସ୍ୱଚ୍ଛ ବାୟୁ ପାଇଁ ଶିଶୁଙ୍କ ସଂଘର୍ଷକୁ ବନ୍ଦ କରିବା ନିମନ୍ତେ ଏହା ଜରୁରୀ। ସୁସ୍ଥ, ସୁରକ୍ଷିତ ପରିବେଶରେ ଶିଶୁଙ୍କୁ ବଡ଼ ହେବା ପାଇଁ ସୁଯୋଗ ଦେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଦିଲ୍ଲୀ ବାୟୁ ଏବେ ସବୁଠୁ ବିପଜ୍ଜନକ ସ୍ତରରେ ରହିଛି। ଆଜି କିଛି ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୪୫ ଥିଲା। ସେହିପରି ଗୁରୁବାର ଏହା ୪୯୩, ବୁଧବାର ୩୦୦, ମଙ୍ଗଳବାର ୩୯୬, ସୋମବାର ୪୬୬, ରବିବାର ୪୭୦, ଶନିବାର ୪୫୧ ଏବଂ ଗତ ଶୁକ୍ରବାର ୪୦୦ ରେକର୍ଡ କରାଯାଇଥିଲା।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିବାଦରେ ହାଇକମାଣ୍ଡଙ୍କ ହସ୍ତକ୍ଷେପ

## ଡିକେଙ୍କୁ ଜଳଖିଆ ପାଇଁ ଡାକିଲେ ସିଦ୍ଧରମୈୟା

ବେଙ୍ଗାଲୁରୁ, ୨୮।୧୧ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଏଥିରେ ହସ୍ତକ୍ଷେପ କରି ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଫୋନ କରିଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମୈୟା ଏବେ ଡିକେଙ୍କୁ ଜଳଖିଆ ପାଇଁ ଶନିବାର ନିଜ ବାସଭବନକୁ ଡକାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧକୁ କଂଗ୍ରେସର ବରିଷ୍ଠ ନେତାମାନେ ସମାଲୋଚନା କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ମୁହାଁମୁହିଁ ହେବା ପରେ ଡିକେ ଏବଂ ଶିବକୁମାର ଆଜି ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଅଙ୍ଗନବାଡ଼ି କାର୍ଯ୍ୟକ୍ରମର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାରୋହରେ ଦୁଇ ନେତା ଏହି ପ୍ରସଙ୍ଗକୁ ଇଙ୍ଗିତ କରି ମନ୍ତବ୍ୟ ଦେଇଥିଲେ। ଏଠାରେ ସିଦ୍ଧରମୈୟା କହିଥିଲେ ଯେ ସୋନିଆ ଗାନ୍ଧୀ କ୍ଷମତା ତ୍ୟାଗ କରିଥିଲେ। ୨୦୦୪ରେ ସୋନିଆ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଦିବଂଗତ ରାଷ୍ଟ୍ରପତି ଅବଦୁଲ କଲାମ ଚାହୁଁଥିଲେ। କିନ୍ତୁ ସୋନିଆ କ୍ଷମତା ତ୍ୟାଗ କରି ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନାମ ପ୍ରସ୍ତାବ ଦେଇଥିବା କହିଥିଲେ।

ଏହା ପୂର୍ବରୁ ଶିବକୁମାର କହିଥିଲେ ଯେ ମୋର କିଛି ଦରକାର ନାହିଁ। ମୁଁ ତରବରିଆ ହେଉ ନାହିଁ। ଦଳ ଏହି ନିଷ୍ପତ୍ତି ନେବ। ମୁଁ କୌଣସି ସମୁଦାୟର ରାଜନୀତି ଚାହୁଁନାହିଁ। କଂଗ୍ରେସ ହିଁ ମୋର ସମୁଦାୟ ଏବଂ ସବୁ ବର୍ଷ ମୋତେ ଭଲ ପାଆନ୍ତି। ଅନ୍ୟପଟେ ଡିକେ ଆଜି ମଲ୍ଲୁର, କୋଲାର, ମୁଲବଗଲ ଏବଂ କୁନିଗଲର କଂଗ୍ରେସ ବିଧାୟକ ଏବଂ ନେତାଙ୍କୁ ଭେଟିଛନ୍ତି। ସେ ରାତିରେ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିଥାନ୍ତେ। କିନ୍ତୁ ଏବେ ତାଙ୍କୁ ଜଳଖିଆ ପାଇଁ ଡକାଯାଇଛି।

## ଗରିବଙ୍କ ପାଇଁ ଅଧରାତି ପର୍ଯ୍ୟନ୍ତ ଚାଲିବ ସୁପ୍ରିମକୋର୍ଟ: ସିଜେଆଇ




ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଗରିବଙ୍କୁ ନ୍ୟାୟ ଦେବାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଏଭଳି ଲୋକଙ୍କ ପାଇଁ ସୁପ୍ରିମକୋର୍ଟରେ ଅଧ ରାତି ପର୍ଯ୍ୟନ୍ତ ବସିପାରିବି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ସହ ଏକ ମାମଲାର ଶୁଣାଣି କରୁଥିବା ସମୟରେ ସିଜେଆଇ ଏହି ଟିପ୍ପଣୀ ଦେଇଥିଲେ। ସେ କହିଥିଲେ ଯେ ମୋ କୋର୍ଟରେ କୌଣସି ଡ୍ରାମା ଚାଲିବ ନାହିଁ। ବ୍ୟୟବହୁଳ ମାମଲାକୁ ଧନୀ ଲୋକ ହିଁ ଲଢ଼ିଥାନ୍ତି। କହିବାକୁ ଚାହୁଁଛି ଯେ ସବୁଠାରୁ ଗରିବ ଏବଂ ଅନ୍ତିମ ପର୍ଯ୍ୟାୟର ବ୍ୟକ୍ତି ପାଇଁ ମୁଁ ଏଠାରେ ରହିଛି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ରାତି ଅଧ ପର୍ଯ୍ୟନ୍ତ ବସିପାରିବି। ତିଲକ ସିଂହ ଡାଙ୍ଗି ନାମକ ବ୍ୟକ୍ତି କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାଏର କରିଥିଲେ। ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ହରିୟାଣା ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରୁ ଆସୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଗତ ୨୪ ତାରିଖରେ ଭାରତର ୫୩ ତମ ସିଜେଆଇ ହୋଇଥିଲେ।

## ପୁଅ ମାଗିଲେ ପ୍ରମାଣ: ଇମ୍ରାନ ଜୀବିତ କି ମୃତ

ଇସଲାମାବାଦ, ୨୮।୧୧ (ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ହତ୍ୟାକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ଦୀର୍ଘ ଦିନ ହେଲା ଇମ୍ରାନଙ୍କୁ ଭେଟିବା ପାଇଁ କାହାକୁ ଅନୁମତି ଦିଆଯାଉ ନ ଥିବାରୁ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏବେ ବାପା ଜୀବିତ ଅଛନ୍ତି କି ନାହିଁ ତାହାର ପ୍ରମାଣ ଇମ୍ରାନଙ୍କ ପୁଅ କାସିମ ଖାନ ମାଗିଛନ୍ତି। ଇମ୍ରାନ ବଞ୍ଚିଛନ୍ତି ନା ନାହିଁ ତାହା କେହି ଜାଣି ନ ଥିବା ସେ କହିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ୮୪୫ ଦିନ ତଳେ ବାପାଙ୍କୁ ଗିରଫ କରାଯାଇଥିଲା। ଗତ ୬ ସପ୍ତାହ ହେଲା ତାଙ୍କୁ ମୃତ୍ୟୁ ଯନ୍ତାରେ ରଖାଯାଇଥିଲା। ଅନ୍ୟପକ୍ଷରେ ଆଜି ଇମ୍ରାନଙ୍କ ସମର୍ଥନରେ ଖୈବର ପଖତୁନଖ୍ୱା ରାଜ୍ୟର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରୀଦି ରାୱାଲପିଣ୍ଡିର ଅଡିୟାଲ ଜେଲ୍‌କୁ ଯାଇଥିଲେ। କିନ୍ତୁ ପୁଲିସ ମୁଖ୍ୟମନ୍ତ୍ରୀଙ୍କୁ ବି ଛାଡ଼ି ନ ଥିଲା। ପୁଲିସ ସୋହେଲଙ୍କୁ ରାସ୍ତାରେ ଗୁଡେଇ ତୁଡ଼େଇ ପିଟି ଥିଲା। ଖୁନ୍ଦା ବିନ୍ଧା ମଧ୍ୟ ମାରିଥିଲେ। ସେନାର ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ କରାଗଲା ବୋଲି ଜଣାପଡ଼ିଛି।

## ଶ୍ରୀରାମଙ୍କ ସର୍ବୋଚ୍ଚ ପ୍ରତିମା ଉନ୍ମୋଚନ କଲେ ମୋଦୀ



ବେଙ୍ଗାଲୁର, ୨୮ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦକ୍ଷିଣ ଗୋଆର କାନାକୋନାରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜିବୋତମ ମଠରେ ପୂଜାର୍ଚ୍ଚନା କରିଛନ୍ତି। ଏଠାରେ ସେ ୭୭ ଫୁଟର ଶ୍ରୀରାମଙ୍କ ବ୍ରୋଞ୍ଜ୍ ପ୍ରତିମା ଉନ୍ମୋଚନ କରିଛନ୍ତି। ଶ୍ରୀରାମଙ୍କର ଏହି ପ୍ରତିମା ବିଶ୍ୱର ସବୁଠାରୁ ଉଚ୍ଚ ବୋଲି ବିବେଚନା କରାଯାଇଛି। 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ଶିଳ୍ପକାର ରାମ ସୂତାର ଏହି ମୂର୍ତ୍ତି ତିଆରି କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦୀ ବିଶେଷ ସ୍ମାରକ ଡାକଟିକେଟ ଓ ଏକ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେ ମଧ୍ୟ ମଠ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରାମାୟଣ ଥିମ ପାର୍କ ଗାର୍ଡେନର ଉଦ୍‌ଘାଟନ କରିଛନ୍ତି। ଏହା ପୂର୍ବରୁ ସେ କର୍ଣ୍ଣାଟକର ଉଡୁପୀରେ ଶ୍ରୀ କୃଷ୍ଣ ମଠରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ କରିବା ସହ ସୁନାର କଳସ ଚଢ଼ାଇ ଏକ ଲକ୍ଷ ଲୋକଙ୍କ ସହ ଶ୍ରୀମଦ ଭାଗବତ ଗୀତା ପାଠ କରିଥିଲେ।

## ଏସିଆ ପାୱାର ଇଣ୍ଡେକ୍ସରେ ଆମେରିକା, ଚୀନ୍ ପରେ ଭାରତ ତୃତୀୟ

- ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ବୃଦ୍ଧି
- ନିବେଶରେ ଚୀନ୍‌କୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଏସିଆ ପାୱାର ଇଣ୍ଡେକ୍ସରେ ୨୭ଟି ଦେଶକୁ ନେଇ ପ୍ରକାଶିତ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ୧୬ତମ ସ୍ଥାନରେ ରହିଛି। ଅର୍ଥାତ ପାକିସ୍ତାନକୁ ଏସିଆର ଶ୍ରେଷ୍ଠ-୧୦ରେ ସ୍ଥାନ ମିଳିନାହିଁ। ପୂର୍ବାପେକ୍ଷା ଭାରତର ସାମରିକ ଶକ୍ତି ଓ ସାମର୍ଥ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆ ଥିଙ୍କ୍ ଟ୍ୟାଙ୍କ ଲୋଇ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ଏହି ପାୱାର ଇଣ୍ଡେକ୍ସ ଜାରି କରିଥାଏ। ଏହି ର୍ୟାଙ୍କିଂରେ ଆମେରିକା ଓ ଚୀନ୍ ପଛକୁ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। କିନ୍ତୁ ନିବେଶରେ ଭାରତ ଚୀନ୍‌କୁ ପଛରେ ପକାଇ ଦେଇଛି। ରିପୋର୍ଟ ଅନୁଯାୟୀ ଭାରତ ଏକ ବୃହତ୍ ଶକ୍ତି ବିବେଚିତ ହେଉଛି। ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ଭାରତ ତା'ର ସ୍ଥିତିକୁ ଆହୁରି ଦୃଢ କରିଛି। ଯେଉଁ ଦେଶର ଅଙ୍କ ୪୦ କିମ୍ବା ତା'ଠାରୁ ଅଧିକ ହୋଇଥାଏ ସେହି ଦେଶକୁ ମେଜର ପାୱାର ବା ବୃହତ ଶକ୍ତି ବୋଲି କୁହାଯାଇଥାଏ। ପ୍ରଥମଥର ପାଇଁ ଭାରତ ଏହି ମେଜର ପାୱାର ରେଖା ପାର କରିଛି। ସୈନ୍ୟ କ୍ଷମତା ଓ ଡିଫେନ୍ସ ନେଟ୍‌ୱର୍କ, ଆର୍ଥିକ କ୍ଷମତା, କୂଟନୈତିକ ତଥା ସାଂସ୍କୃତିକ ପ୍ରଭାବ ଏବଂ ଭବିଷ୍ୟତର ସଂଶାଧନ ଭଳି ମାପଦଣ୍ଡକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ସଦ୍ୟ ପ୍ରକାଶିତ ତାଲିକା ଏସିଆ ପାୱାର ଇଣ୍ଡେକ୍ସର ୭ମ ସଂସ୍କରଣ। ଏଥିରେ ୨୭ଟି ଦେଶକୁ ସାମିଲ କରାଯାଇଛି। ଆମେରିକା ୮୧.୭ ଅଙ୍କ ହାସଲ କରି ପୁଣି ଥରେ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଚୀନ୍ ୭୩.୭ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ୧୦୦ରୁ ଏହି ଅଙ୍କ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଚୀନ୍‌ର ଗୋଟିଏ ଓ ଭାରତ ୨ ଅଙ୍କ ବୃଦ୍ଧି ପାଇଛି। ଭାରତ ୧୦୦ରୁ ୪୦ ଅଙ୍କ ହାସଲ କରିଛି। ରୁଷ ୩୨.୧ ଅଙ୍କ ସହ ୫ମ ସ୍ଥାନରେ ରହିଛି। ସେହିପରି ଜାପାନ ୩୮.୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୪. ୫ ଅଙ୍କ ହାସଲ କରିଛି।

### ଟ୍ରମ୍ପଙ୍କ ଏକଛତ୍ରନୀତି


# ଗରିବ ରାଷ୍ଟ୍ରର ଶରଣାର୍ଥୀଙ୍କୁ ପଶିବାକୁ ଦେବୁନି

- ଆମେରିକାକୁ ଭଲ ପାଉ ନ ଥିବା ଲୋକଙ୍କୁ ବାହାର କରିବୁ

ୱାଶିଂଟନ, ୨୮।୧୧ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ଏକଛତ୍ରନୀତିକୁ ନେଇ ଭୟ ସୃଷ୍ଟି ହୋଇଛି। କଥା କଥାରେ ମାନବାଧିକାର ପ୍ରସଙ୍ଗ ଉଠାଉ ଥିବା ଆମେରିକାର ଏହି ରାଷ୍ଟ୍ରପତି 'ଥାର୍ଡ ୱାର୍ଲ୍ଡ କଣ୍ଟ୍ରି' ତଥା ଗରିବ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ଉପରେ ସବୁବେଳ ପାଇଁ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି। ଏପରି କରି ଆମେରିକାକୁ ପୁଣିଥରେ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହା ସହିତ ଆମେରିକାରୁ ଭଲ ପାଉ ନ ଥିବା ଲୋକଙ୍କୁ ଦେଶରୁ ବିଦା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

'ଥାର୍ଡ ୱାର୍ଲ୍ଡ କଣ୍ଟ୍ରି'ର କୌଣସି ଆଇନଗତ ଅର୍ଥ ନାହିଁ। କିନ୍ତୁ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ ମଧ୍ୟପ୍ରାଚ୍ୟର ଗରିବ ଦେଶଗୁଡିକ ତଥା କମ୍ ଆୟକାରୀ ରାଷ୍ଟ୍ରଗୁଡିକ ଏହି ଶ୍ରେଣୀରେ ଆସନ୍ତି। ହ୍ୱାଇଟ ହାଉସ ନିକଟରେ ବୁଧବାର ସକାଳେ ୨ ନ୍ୟାସନାଲ ଗାର୍ଡଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଏହା ପରେ ଶରଣାର୍ଥୀଙ୍କ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଆକ୍ରମଣରେ ଆହତ ମହିଳା ଗାର୍ଡ ସାରା ବେକ୍‌ଷ୍ଟ୍ରମ୍ ଆଜି ମୃତ୍ୟୁବରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଅନ୍ୟ ଗାର୍ଡ ଆଣ୍ଡ୍ରୁ ଉଲ୍‌ଫଙ୍କ ସ୍ଥିତି ମଧ୍ୟ ଗୁରୁତର ରହିଛି।

ଟ୍ରମ୍ପ କହିଛନ୍ତି ଯେ ଇମିଗ୍ରେସନ ତଥା ଆପ୍ରବାସନ ନୀତି ପାଇଁ ଆମେରିକୀୟଙ୍କ ଜୀବନ ଖରାପ ହୋଇଗଲାଣି। ଯେଉଁ ଲୋକ ଆମେରିକା ପାଇଁ ଲାଭଦାୟକ ନୁହେଁ କିମ୍ବା ଯେଉଁମାନେ ଦେଶକୁ ଭଲ ପାଉନାହାନ୍ତି ତାଙ୍କୁ ମଧ୍ୟ ହଟାଇ ଦିଆଯିବ। ଆପ୍ରବାସନ ନୀତିକୁ ଅଧିକ କଠୋର କରାଯିବ। ଏହା ପୂର୍ବରୁ ୧୯ ଦେଶରୁ ଆସୁଥିବା ପ୍ରବାସୀଙ୍କୁ କଠୋର ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ଗୁରୁବାର କହିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ଟ୍ରମ୍ପ ନିଜ ନୀତି ବଦଳାଇ ଦେଇଛନ୍ତି। ତୃତୀୟ ବିଶ୍ୱର ଦେଶଙ୍କ ଉପରେ ସ୍ଥାୟୀ କଟକଣା ଲଗାଇ ଦେବେ ବୋଲି କହିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ହୋଇଥିବା କୋଟି କୋଟି ଆପ୍ରବାସନକୁ ରୋକି ଦିଆଯିବ। ବେଆଇନ ଭାବେ ବାଇଡେନ ମଞ୍ଜୁରି ଦେଇଥିବା ଲୋକଙ୍କୁ ମଧ୍ୟ ଦେଶରୁ ହଟାଯିବ।



ହାଇତି, କ୍ୟୁବା, ଟୋଗୋ, ଭେନଜୁଏଲା, ଇକ୍ୱେଟୋରିଅଲ ଗିନି, କଙ୍ଗୋ ରିପବ୍ଲିକ, ଆଫଗାନିସ୍ତାନ, ମ୍ୟାଁମାର, ଲାଓସ, ଇରାନ, ତୁର୍କମେନସ୍ତାନ, ସୋମାଲିଆ, ସୁଦାନ, ୟେମେନ, ଇରିଟ୍ରିଆ, ଲିବିଆ, ସିଏରା ଦେଶର ଶରଣାର୍ଥୀଙ୍କୁ ଟ୍ରମ୍ପ ରୋକିଦେବେ। ସେ କହିଛନ୍ତି ଯେ ଅଣ-ନାଗରିକଙ୍କୁ ଆଉ କୌଣସି ସରକାରୀ ସୁବିଧା, କିମ୍ବା ରିଆତିର ଲାଭ ମିଳିବ ନାହିଁ। ଦେଶର ଶାନ୍ତି ଭଙ୍ଗ କରୁଥିବା ପ୍ରବାସୀଙ୍କ ନାଗରିକତା ରଦ୍ଦ କରିଦିଆଯିବ। ସାର୍ବଜନୀନ ବୋଝ, ସୁରକ୍ଷା ପାଇଁ ବିପଦ କିମ୍ବ ପଶ୍ଚିମ ସଭ୍ୟତା ସହ ମେଳ ଖାଉ ନ ଥିବା ଲୋକଙ୍କୁ ଦେଶରୁ ବାହାର କରାଯିବ। ଭୁଲ ଆପ୍ରବାସନ ନୀତି ଯୋଗୁଁ ଆମେରିକାରେ ଅପରାଧ ଏବଂ ଅବ୍ୟବସ୍ଥା ବଢିଯାଇଛି। ଲୋକଙ୍କୁ ପୁଣିଥରେ ନିଜ ଦେଶକୁ ପଠାଇଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଟ୍ରମ୍ପ ଭାବୁଛନ୍ତି।

### ● ଏସ୍‌ଆଇଆର୍ ମାମଲା

## ନିର୍ବାଚନ କମିଶନଙ୍କୁ ଭେଟିଲେ ଟିଏମ୍‌ସିର ୧୦ ସାଂସଦ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦେଶବ୍ୟାପୀ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍)କୁ ନେଇ ବିବାଦ ଚାଲିଥିବା ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୦ ସାଂସଦ ଶୁକ୍ରବାର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ଦୁଇ ପକ୍ଷ ମଧ୍ୟରେ ପ୍ରାୟ ୨ ଘଣ୍ଟା କଥାବାର୍ତ୍ତା ହୋଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ମୃତ୍ୟୁବରଣ କରିଥିବା ୪୦ ଜଣ ବ୍ଲକ ଲେବୁଲ ଅଫିସର (ବିଏଲ୍‌ଓ)ଙ୍କ ତାଲିକା କମିଶନଙ୍କୁ ଦେଇଥିଲୁ ବୋଲି ଟିଏମ୍‌ସି ସାଂସଦ ଡେରେକ ଓ ବ୍ରାଏନ କହିଛନ୍ତି। କମିଶନଙ୍କୁ ଆମେ ୫ଟି ପ୍ରଶ୍ନ ପଚାରିଥିଲୁ। କିନ୍ତୁ ତା'ର ଜବାବ ମିଳିଲା ନାହିଁ। ଉଲ୍ଲେଖଥାଉ କି, ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡିକ ତରଫରୁ ଲଗାତର ପ୍ରଶ୍ନ ଉଠାଯାଉଛି। ଡିସେମ୍ବର ପହିଲାରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡିକ ଏସ୍‌ଆଇଆର୍ ନେଇ ହଙ୍ଗାମା କରିପାରନ୍ତି। ଗତ ୨୨ ଦିନରେ ୭ଟି ରାଜ୍ୟରେ ୨୫ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ତେବେ କେବଳ ପଶ୍ଚିମବଙ୍ଗରେ ୪୦ ଜଣ ବିଏଲଓ ପ୍ରାଣ ହରାଇଥିବା ଟିଏମସି ଦାବି କରିଛି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିସେମ୍ବର ୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଏବେ ଏସ୍‌ଆଇଆର୍ ଚାଲିଛି। ଏହାର ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୭ରେ ପ୍ରକାଶ ପାଇବ। ଏସ୍‌ଆଇଆର୍ ପ୍ରଥମ ପର୍ଯ୍ୟାୟ ବିହାରରେ ଗତ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଥିଲା।

## ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଅଭାବନୀୟ ସ୍ଥିତି

# ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକିବା ପରେ ଖୋଲୁଛି ମଣ୍ଡି

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟ ସରକାର ଗତ ନଭେମ୍ବର ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ନଭେମ୍ବର ୨୭ ତାରିଖ ମଧ୍ୟରେ ମଣ୍ଡି ଖୋଲା ନ ଯିବାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷୀ ଏମ୍ଏସ୍‌ପିଠାରୁ କମ୍ ଦରରେ ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକି ସାରିବା ପରେ ମଣ୍ଡି ଖୋଲାଯାଉଛି। ଏହି ସବୁ ଅଞ୍ଚଳର ବହୁ ମିଲର ଚାଷୀଙ୍କଠାରୁ କମ୍ ରେଟରେ ଧାନ କିଣି ଗୋଦାମରେ ରଖି ସାରିଲେଣି ବୋଲି ଜାତୀୟ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ୍ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚାଷୀ ଅଦ୍ୟାବଧି ଟୋକନ ପାଇ ନାହାଁନ୍ତି କିମ୍ବା ମଣ୍ଡି ଭିତ୍ତିଭୂମି ସୁଦୃଢ଼ ନାହିଁ। ସେପଟେ ସୋସାଇଟିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ବରଗଡ଼ ପ୍ରଭୃତି ଜିଲ୍ଲାର ଅନେକ ଯୋଗ୍ୟ ଚାଷୀଙ୍କୁ ଧାନ ବିକ୍ରି ପଞ୍ଜୀକରଣରେ ବିଭିନ୍ନ ଆଳ ଦେଖାଇ ବାଦ୍

### ୩୧୬୯ ଟଙ୍କାରେ ଧାନ ନ କିଣିଲେ ମଣ୍ଡି ଘେରିବ କଂଗ୍ରେସ କୃଷକ ସେଲ୍

ଦିଆଯାଇଛି। ଅନେକ ସମୟରେ ପ୍ରତି ବସ୍ତାରେ ୫ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଥିବାର ନଜିର ରହିଛି। ଧାନ ପରିଲକ୍ଷିତ ମାପକ ଯନ୍ତ୍ର ବା ଆନାଲାଇଜର ମେସିନ୍‌ରେ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ସରକାରଙ୍କ ଧାନକିଣା ଘୋଷଣା ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ହୋଇଛି।

ଧାନ ସଂରକ୍ଷଣ ପାଇଁ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନିର୍ମାଣ ନ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏଫସିଆଇ ଦ୍ୱାରା ଚାଉଳ ନ ଉଠାଇବା ଯୋଗୁଁ ମିଲରମାନଙ୍କ ମନମାନିରେ ଧାନ କିଣା ଯାଉଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏମଏସପିର ଦେଢ଼ଗୁଣା ବୃଦ୍ଧି କରିବା ସହିତ ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ଏବଂ ଧାନ କିଣାର ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ବିଧିବଦ୍ଧ ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଧାନର ଅଭାବି ବିକ୍ରି ରୋକିବା, ମଣ୍ଡି ସୁଦୃଢ଼ୀକରଣ, ଟୋକନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ସହିତ ଚାଷୀର ସମସ୍ତ ବଳକା ଧାନକୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ୩୧୬୯ଟଙ୍କାରେ କ୍ରୟ କରା ନ ଯାଏ ସରକାର ଓ ପ୍ରଶାସନ ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସ କୃଷକସେଲ୍ ପକ୍ଷରୁ ମଣ୍ଡି ଘେରାଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି କରାଯିବା ସହିତ ଏମ୍ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାରି ହୋଇଥିଲେ। ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ, କିମ୍ବା ଏମ୍ଏସ୍‌ପିର ଆଇନଗତ ମାନ୍ୟତା ମିଳିଲା ନାହିଁ। ଫଳରେ ଚାଷୀ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ପ୍ରଖ୍ୟାତ କବି, ଗୀତିକାର, ସଂଳାପ ଲେଖକ ପଦ୍ମଭୂଷଣ ଜାଭେଦ୍ ଅଖତରଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରୁଛନ୍ତି ସୋଆ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ, ସୋଆ (ପ୍ରାଚୀନ) ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା

---

## ପ୍ରସ୍ତାବ ସ୍ଥଗିତ

# ୧ରେ ଖୋଲିବନି ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ,୨୮।୧୧(ସମିସ): ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜର୍‌ଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛି ଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ପରେ ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ। ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା। ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍ ଲଗାଯିବା ପ୍ରସ୍ତାବ ଥିବା, ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ ଜରୁରି ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

---

## ଟାରିଫ୍ ବିବାଦ

# ଓଇଆର୍‌ସିର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ

ଭୁବନେଶ୍ୱର,୨୮।୧୧(ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ । ଓଇଆର୍‌ସି ବିଜ୍ଞାପିତ କରୁଥିବା ତ୍ରୁଟିଯୁକ୍ତ ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାକୁ ଆୟୁଧ କରି ବିଦ୍ୟୁତ ବିତରଣ କମ୍ପାନୀଗୁଡିକ ଧାର୍ଯ୍ୟ ହୋଇଥିବା ହାରାହାରି ଟାରିଫ ତୁଳନାରେ ଉପଭୋକ୍ତାଙ୍କଠାରୁ ବର୍ଷବର୍ଷ ଧରି ଅଧିକ ଟାରିଫ ଆଦାୟ କରାଯାଉଛି । ତେଣୁ ବିଦ୍ୟୁତ ଆଇନ ଅନୁସାରେ ଅଧିକ ଅଦାୟ ଟାରିଫକୁ ସୁଧସହ ଉପଭୋକ୍ତାଙ୍କୁ ଫେରସ୍ତ କରିବାର ନିୟମ ଥିଲେବି ଆୟୋଗ ନିଦାବିଷ୍ଣୁ ସାଜିଛନ୍ତି ଶକ୍ତି ସମୀକ୍ଷକମାନେ ଅଭିଯୋଗ କରିଛନ୍ତି ।

> **ଓଇଆର୍‌ସି ବିଜ୍ଞପିତ କରୁଥିବା ଖୁଚୁରା ବିଦ୍ୟୁତ ଶୁଳ୍କ ସୂଚୀ ବିବାଦୀୟ: ସମୀକ୍ଷକ**
>
> **ଆଇନ ଅନୁସାରେ ଉପଭୋକ୍ତାଙ୍କୁ ସୁଧ ସହ ଫେରସ୍ତ କରାଯାଉ ଅଧିକ ଦେୟ**

ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ଓଇଆରସି ବିଜ୍ଞାପିତ କରିଥିବା ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକା ଅନୁସାରେ ସେମାନେ ଉପଭୋକ୍ତାଙ୍କୁ ବିଲ କରୁଛନ୍ତି ବୋଲି ବିତରଣ କମ୍ପାନୀଗୁଡ଼ିକ ଯୁକ୍ତି ବାଢ଼ୁଛନ୍ତି । ମାତ୍ର ବାସ୍ତବତା ହେଉଛି ଓଇଆରସି ବିଜ୍ଞାପିତ କରୁଥିବା ଉକ୍ତ ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାଟି ସମ୍ପୂର୍ଣ୍ଣ ତ୍ରୁଟିଯୁକ୍ତ ଓ ଦୁର୍ନୀତିପୂର୍ଣ୍ଣ। କାରଣ ଓଇଆରସି ଜାରି କରୁଥିବା ବିସ୍ତୃତ ଟାରିଫ ଆଦେଶ ସହିତ ତାହାର କୌଣସି ସମ୍ପର୍କ ନାହି। ଓଇଆରସି ଟାରିଫ ଆଦେଶରେ କେବଳ ହାରାହାରି ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟହେଉଛି। ମାତ୍ର ଉକ୍ତ ହାରାହାରି ବିଦ୍ୟୁତ ମୂଲ୍ୟ କିପରି ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାରେ ରୂପାନ୍ତରିତ ହେଲା ତାହାର ହିସାବ ଟାରିଫ ଆଦେଶରେ ଓଇଆରସି ଉଲ୍ଲେଖ କରୁନାହି। ଓଇଆରସି ବନ୍ଦ କୋଠରୀରେ ବସି ବିଦ୍ୟୁତ ବିତରଣ କମ୍ପାନୀଗୁଡିକୁ ସୁହାଇଲା ଭଳି ଏବଂ ଆବଶ୍ୟକତା ଠାରୁ ଅଧିକ ଖୁଚୁରା ବିଦ୍ୟୁତ ମୂଲ୍ୟ ସ୍ଥିରକରି ବିଜ୍ଞାପିତ କରୁଛନ୍ତି। ଫଳରେ ବିତରଣ କମ୍ପାନୀଗୁଡିକ ଓଇଆରସି ଜନଶୁଣାଣୀ ମାଧ୍ୟମରେ ଧାର୍ଯ୍ୟ କରିଥିବା ହାରାହାରି ବିଦ୍ୟୁତ ମୂଲ୍ୟ (ଟାରିଫ) ତୁଳନାରେ ଉପଭୋକ୍ତାଙ୍କ ଠାରୁ ବହୁତ ଅଧିକ ଟାରିଫ ଅଦାୟ କରିବା ପାଇଁ ସକ୍ଷମ ହେଉଛନ୍ତି। ଅପରପକ୍ଷେ ଟାଟା ପାୱାର ଅଧିକ ଅଦାୟ ଟାରିଫକୁ ଟ୍ରୁଇଙ୍ଗ ଅପ ପ୍ରଣାଳୀରେ ଆଡଜଷ୍ଟ କରିବା ଓଇଆରସିର ଅନ୍ୟ ଏକ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ । ଯଦି ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାଟିକୁ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବେ ଓଇଆରସି ଟାରିଫ ନିର୍ଣ୍ଣୟ ପ୍ରଣାଳୀରେ (ଜନଶୁଣାଣୀ) ପ୍ରସ୍ତୁତ କରିଥାନ୍ତେ ତେବେ ତାହା ଟ୍ରୁଇଙ୍ଗ ଅପ ହୋଇଥାନ୍ତା। ଓଇଆରସି ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ହାରାହାରି ଟାରିଫ ନିର୍ଣ୍ଣୟ କରିଥିଲେ ହେଁ ର ବିଜ୍ଞାପିତ କରୁଥିବା ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକା ସମ୍ପୂର୍ଣ୍ଣ ଅସ୍ୱଚ୍ଛ ଓ ଦୁର୍ନୀତିପୂର୍ଣ୍ଣ। ତେଣୁ ବିତରଣ କମ୍ପାନୀମାନେ ଅସୁଲ କରିଥିବା ଅଧିକ ଟାରିଫକୁ ଟ୍ରୁଇଙ୍ଗ ଅପ ପ୍ରଣାଳୀରେ ଆଡ଼ଜଷ୍ଟ ପରିବର୍ତ୍ତେ ବିଦ୍ୟୁତ ଆଇନ ଧାରା ୬୨(୬) ଅନୁସାରେ ସୁଧସହ ଉପଭୋକ୍ତାଙ୍କୁ ଫେରସ୍ତ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।।

---

## ଇତିହାସ ରଚିଲା ପାରାଦୀପ ବନ୍ଦର

# ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମ୍ଏମ୍‌ଟି ପଣ୍ୟ କାରବାର

ପାରାଦୀପ, ୨୮।୧୧ (ସମିସ): ପଣ୍ୟ କାରବାରରେ ପୁଣିଥରେ ଇତିହାସ ରଚିଛି ପାରାଦୀପ ବନ୍ଦର। ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମ୍ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ନଭେମ୍ବର ୨୭ରେ କ୍ରମାଗତ ଭାବେ ନବମଥର ପାଇଁ ୧୦୦ଏମ୍ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଯେଉଁ ସମୟରେ ୧୦୦ ଏମ୍ଏମ୍‌ଟି ପଣ୍ୟ କାରବାର କରିଥିଲା, ତାହାର ୧୨ଦିନ ପୂର୍ବରୁ ଚଳିତ ବର୍ଷ ୧୦୦ ଏମ୍ଏମ୍‌ଟି ପଣ୍ୟ କାରବାର କରିଛି। ଏଥିପାଇଁ ବନ୍ଦର ବ୍ୟବହାରକାରୀଙ୍କ ଭୂମିକାକୁ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ପ୍ରଶଂସା କରିଛନ୍ତି।

ଶୁକ୍ରବାର ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଶ୍ରୀ ହରନାଦ କହିଛନ୍ତି ଯେ ଏହି ସମୟ ମଧ୍ୟରେ ବନ୍ଦର ଥର୍ମାଲ କୋଇଲା, ଜିପସମ୍, ପିଓଏଲ, ଷ୍ଟିଲ୍ କାର୍ଗୋ ପରିବହନ ବୃଦ୍ଧି ହୋଇଥିବାରୁ ଏହି ସଫଳତା ହାସଲ ହୋଇପାରିଛି। ଏହି ସଫଳତାର ଶ୍ରେୟ ସମସ୍ତ ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡର୍ସ, ଷ୍ଟିମ ସିପ୍ ଏଜେ, ଟ୍ରେଡ୍ ୟୁନିୟନ୍, ପିପିଏ ଅପରେଟର, ବନ୍ଦର ଅଧିକାରୀ, କର୍ମଚାରୀଙ୍କୁ ସେ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ଚେୟାରମ୍ୟାନ୍ ଟି. ଭେନୁଗୋପାଳ, ଟ୍ରାଫିକ୍ ଉପଦେଷ୍ଟା ଏ.କେ ବୋଷ ଓ ଟ୍ରାଫିକ୍ ମ୍ୟାନେଜର୍ ଜି. ଏଡିସନ୍ ପ୍ରମୁଖ ଉପସ୍ଥିତ ଥିଲେ।

---

## ■ ଅଗ୍ନିକ ନିଯୁକ୍ତି ପ୍ରସଙ୍ଗ

# ସର୍ବୋଚ୍ଚ ବୟସ ସୀମା ୩ବର୍ଷ କୋହଳ କଲେ ହାଇକୋର୍ଟ

କଟକ, ୨୮ ।୧୧(ସମିସ): ଫାୟରମ୍ୟାନ୍(ଅଗ୍ନିକ) ପଦରେ ନିଯୁକ୍ତି କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା ବୃଦ୍ଧି ପ୍ରସଙ୍ଗକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ୭ଜଣ ଆବେଦନକାରୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମାକୁ ୩ ବର୍ଷ କୋହଳ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ସର୍ବୋଚ୍ଚ ବୟସସୀମା କୋହଳ ପରେ ଆବେଦନକାରୀ ଏହି ବର୍ଗରେ ଆସନ୍ତି, ତାହେଲେ ସେମାନଙ୍କୁ ଖାଲି ପଦରେ ଆସନ୍ତା ଦୁଇମାସ ମଧ୍ୟରେ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହିରଣ୍ୟ କୁମାର ସାମଲ ଓ ଅନ୍ୟ ୬ଜଣଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ କେତେକ ବିଭାଗରେ ଏଭଳି ସର୍ବୋଚ୍ଚ ବୟସ ସୀମାକୁ କୋହଳ କରାଯାଇଥିବା ତଥା ସରକାର ମଧ୍ୟ ଏହାକୁ ଗ୍ରହଣ କରିଥିବା ଦୃଷ୍ଟିରେ ରଖି ଅଦାଲତ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ୮୨୬ ଫାୟରମ୍ୟାନ ଓ ୧୫୦ଟି ଫାୟାର ଡ୍ରାଇଭର୍ ପଦରେ ନିଯୁକ୍ତି ପାଇଁ ୨୦୨୩, ଅଗଷ୍ଟ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ସର୍ବୋଚ୍ଚ ବୟସସୀମା ୨୫ ବର୍ଷ ଧାର୍ଯ୍ୟ ହୋଇଥିଲା। ବିଭିନ୍ନ ସରକାରୀ ପଦ ପାଇଁ ସର୍ବାଧିକ ବୟସସୀମା କୋହଳ ପାଇଁ ଓଡ଼ିଶା ସିଭିଲ ସର୍ଭିସ (ଫିକ୍ସେସନ ଅଫ ଅପର ଏଜ୍ ଲିମିଟ) ନିୟମାବଳୀ ୧୯୮୯ରେ ୨୦୨୨ରେ ସଂଶୋଧନ କରାଯାଇ ୩୨ରୁ ୩୮ କରାଯାଇଥିଲା ବେଳେ ଅଗ୍ନିକ ପଦ ପାଇଁ ବୟସସୀମା କୋହଳ କରାନଯିବା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶ ବଳରେ ଆବେଦନକାରୀମାନେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

---

## ଦାରିଦ୍ର୍ୟର ତାଡ଼ନା

# ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି !

ବଲାଙ୍ଗିର, ୨୮ ।୧୧ (ସମିସ): ଦାରିଦ୍ୟର ତାଡ଼ନା ସହି ନପାରି ନିଜର ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ବଲାଙ୍ଗିର ସଦର ଲୋଇସିଂହା ବ୍ଲକ ଅଧୀନ କନ୍ଦାପୁରୀ ଗାଁର ଜଣେ ମହିଳାଙ୍କୁ ପ୍ରସବ ପାଇଁ ତାଙ୍କ ସ୍ୱାମୀ ଗତ ୧୮ ତାରିଖରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମହିଳାଜଣଙ୍କ ଯମଜ ସନ୍ତାନ ହୋଇଥିଲା। ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିଲା। କମ୍ ଓଜନ କାରଣରୁ ସେମାନଙ୍କୁ କିଛି ଦିନ ଏସ୍ଏନ୍‌ସିୟୁରେ ରଖାଯାଇଥିଲା। ତେବେ କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀ ହସ୍ପିଟାଲରୁ ଫେରିଥିଲେ ହେଁ ସେମାନଙ୍କ କୋଳରେ ଶିଶୁମାନେ ନଥିଲେ। ଏହା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସେମାନେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ଲାଳନପାଳନ ପାଇଁ ସେମାନେ ଶିଶୁଦ୍ୱୟଙ୍କୁ ଜଣେ ସଂପର୍କୀୟଙ୍କୁ ଦେଇ ଦେଇଥିବା କହିଥିଲେ। କିନ୍ତୁ, କିଛି ଗ୍ରାମବାସୀ ଜାଣିବାକୁ ପାଇଥିଲେ ଯେ ଦମ୍ପତି ନିଜର ଶିଶୁଦ୍ୱୟଙ୍କୁ ବିକି ଦେଇଛନ୍ତି। ଗୋଟିଏ ଶିଶୁ ବେଲପଡ଼ାରେ ରହିଥିବା ବେଳେ ଅନ୍ୟଟି ସୋନପୁର ଜିଲ୍ଲା ପୁଆରେ ରହିଥିବା ଜଣାପଡ଼ିଥିଲା।

ମିଳିଥିବା ସୂଚନାନୁସାରେ, ଏହି ଦମ୍ପତିଙ୍କର ପୂର୍ବରୁ ଦୁଇ ପୁଅ ଓ ଝିଅ ରହିଛନ୍ତି। ଏହାବାଦ୍ ସ୍ୱାମୀଙ୍କ ପୂର୍ବ ସ୍ତ୍ରୀର ଏକ ଭିନ୍ନକ୍ଷମ ଝିଅ ମଧ୍ୟ ରହିଛି। ସେମାନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ନବଜାତ ଯମଜ ଶିଶୁଦ୍ୱୟଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଆଜି ଏହି ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଅପରପକ୍ଷେ, ଡାକ୍ତରଖାନାରୁ ହିଁ ଶିଶୁବିକ୍ରି ହୋଇଥିବା ଏବଂ ଏହା ପଛରେ କିଛି ଦଲାଲଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ତେଣୁ, ଶିଶୁଦ୍ୱୟଙ୍କୁ ମା' କୋଳକୁ ଫେରାଇ ଆଣିବା ସହ ଏହି କାରବାରରେ ସାମିଲ ଥିବା ମଧ୍ୟସ୍ଥିଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

# ସ୍ତ୍ରୀକୁ ପିଟିପିଟି ମାରିଦେଲା

ଉଦଳା, ୨୮।୧୧(ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ। ଶୁକ୍ରବାର ଅପରାହ୍ଣରେ ଉଦଳା ଥାନା ତେଲଦିହୁଡ଼ି ଗ୍ରାମରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ରଞ୍ଜିତା ମଲ୍ଲିକ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକକୁ ଗିରଫ କରିଛି। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ରଞ୍ଜିତା ଘର କାମ କରୁଥିବା ବେଳେ ଚନ୍ଦ୍ରଶେଖର ଘରକୁ ଫେରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚନ୍ଦ୍ରଶେଖର ପାଖରେ ପଡ଼ିଥିବା ଏକ ବାଡ଼ିରେ ପିଟିପିଟି ତାଙ୍କୁ ନିର୍ମମ ହତ୍ୟା କରିଥିଲା। ହତ୍ୟା ସେ ରଞ୍ଜିତାଙ୍କ ମୃତଦେହକୁ ଜଗି ରହିଥିଲା। ତେବେ ଘରର ଅନ୍ୟ ସଦସ୍ୟ ପହଞ୍ଚିବା ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତାକୁ ଧରିଥିଲା।

---

## ବିବାଦରେ ଲୋକପ୍ରିୟ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର

# 'ଶ୍ରୀମନ୍ଦିର ଗଲେ ଭାଙ୍ଗିଯାଏ ପ୍ରେମ ସମ୍ପର୍କ'

ଭୁବନେଶ୍ୱର,୨୮।୧୧(ସମିସ): ବିବାଦରେ ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରା। ପୁରୀ ଶ୍ରୀମନ୍ଦିରକୁ ନେଇ ସେ ଦେଇଥିବା ବିବାଦୀୟ ଟିପ୍ପଣୀ ପାଇଁ ତାଙ୍କୁ ସମାଲୋଚନା କରାଯାଇଛି। ଶୁଭଙ୍କର ତାଙ୍କର ପଡ୍‌କାଷ୍ଟରେ ଶ୍ରୀମନ୍ଦିର ଉପରେ ବଡ଼ ଆରୋପ ଲଗାଇ କହିଛନ୍ତି, କୌଣସି ପ୍ରେମୀଯୁଗଳ ଯଦି ମନ୍ଦିର ଯା'ନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ସେ ନିଜ ପଡ୍‌କାଷ୍ଟରେ ଏକ ପୁରାଣ କାହାଣୀ ମାଧ୍ୟମରେ କହିଛନ୍ତି ଯେ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡିଛି। ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ କରିବା ପାଇଁ ମନ୍ଦିରରେ ପହଞ୍ଚିଥିଲେ ମା' ରାଧାରାଣୀ। ମନ୍ଦିର ଭିତରକୁ ଯିବା ବେଳେ ତାଙ୍କୁ ସେବାୟତମାନେ ଅଟକାଇ ଦେଇଥିଲେ। ମନ୍ଦିର ଭିତରକୁ ପ୍ରଭୁ ଜଗନ୍ନାଥଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଆପଣ କେମିତି ଆସିପାରିଲେ ବୋଲି

> **ଶୁଭଙ୍କର କ୍ଷମା ମାଗନ୍ତୁ: କୁମ୍ଭକାର ନିଯୋଗର ପୂର୍ବତନ ସମ୍ପାଦକ**
>
> 

ସେବାୟତମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ ରାଗିଯାଇ ମା' ଅଭିଶାପ ଦେଇଥିଲେ। ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ ବୋଲି ମା' ଅଭିଶାପ ଦେଇଥିବା ଶୁଭଙ୍କର କହିଛନ୍ତି। ଜାତୀୟ ଗଣମାଧ୍ୟମରେ ନ୍ୟୁଜ୍ ଆଙ୍କର୍ ଭାବେ କାମ କରିସାରିଥିବା ଶୁଭଙ୍କରଙ୍କ ଏଭଳି ଟିପ୍ପଣୀକୁ ସବୁ ମହଲରେ ସମାଲୋଚନା କରାଯାଇଛି।

ଏନେଇ କୁମ୍ଭକାର ନିଯୋଗର ପୂର୍ବତନ ସମ୍ପାଦକ ମହେନ୍ଦ୍ର ବିଶୋଇ କହିଛନ୍ତି, ଶୁଭଙ୍କର ମିଶ୍ରାଙ୍କ ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ବିଶ୍ୱାସ ଉପରେ କୁଠାରଘାତ। ହିନ୍ଦୁ ଜାତିର ଆରାଧ୍ୟ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ଧର୍ମ ଉପରେ ଏଭଳି ମନ୍ତବ୍ୟ ଦେବା ସମସ୍ତ ହିନ୍ଦୁଙ୍କ ଭାବାବେଗକୁ କଷ୍ଟ ଦେଇଛି। ଏଥିରୁ ସେ ନିବୃତ୍ତ ରହିବା ସହ ମହାପ୍ରଭୁଙ୍କ ନିକଟରେ କ୍ଷାମ ମାଗନ୍ତୁ ବୋଲି ଶ୍ରୀ ବିଶୋଇ ଦାବି କରିଛନ୍ତି।

---

# ଦୁର୍ଘଟଣା ନେଲା ୩ ଜୀବନ

ଢେଙ୍କାନାଳ,୨୮ ।୧୧(ସମିସ): ଦୁର୍ଘଟଣାପ୍ରବଣ ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଫାଣ୍ଡି ନିକଟରେ ଟ୍ରକ୍ ଧକ୍କାରେ ୩ଜଣ ଯୁବକଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ଅନୁଗୋଳ ବନ୍ତଳା ଥାନା କଞ୍ଚା ଗାଁର ସୁରେନ୍ଦ୍ର ବେହେରା (୨୧), ଢେଙ୍କାନାଳ ତୁମୁସିଂହା ଥାନା ମାଛିଆ ଗାଁର ମିଥୁନ ପାତ୍ର (୨୪) ଓ କଟକ ଜିଲ୍ଲା ମାହାଙ୍ଗା ଥାନା ଜଲେଶ୍ୱରପୁରର ଜଗନ୍ନାଥ ଦାଶ (୩୦)। ଗୁରୁବାର ରାତି ପ୍ରାୟ ୨ଟାରେ ଏମାନେ ଏକ ସ୍କୁଟିରେ ଢେଙ୍କାନାଳରୁ କଟକ ଆଡ଼କୁ ଯାଉଥିଲେ। ଗୋବିନ୍ଦପୁର ଗ୍ରାମ ନିକଟରେ ଏକ ଟ୍ରକ୍ ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ଚୌଦ୍ୱାରର ଏକ ହୋଟେଲରେ କାମ କରୁଥିଲେ। ଖବର ପାଇ ପରିବାରଲୋକେ ମେଡିକାଲରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

---

## ଶୁଭିଲାନି ହୁଳହୁଳି, ବାଜିଲାନି ପେଁକାଳି

# ସମ୍ବିଧାନକୁ ସାକ୍ଷୀ ରଖି ଚିରଦିନର ସାଥୀ

ବ୍ରହ୍ମପୁର, ୨୮।୧୧(ସମିସ): ଶୁଭିଲାନି ହୁଳହୁଳି କି ବାଜିଲାନି ପେଁ କାଳି, ପୁରୋହିତ ବି ମନ୍ତ୍ର ପଢ଼ିଲେନି। ସମ୍ବିଧାନକୁ ସାକ୍ଷୀ ରଖି ଚିରଦିନର ସାଥୀ ହେଲେ ବର-କନ୍ୟା। ଜାତି, ଜାତକ, ଯୌତୁକ, କର୍ମକାଣ୍ଡ ବିହୀନ ଏଭଳି ଏକ ଆଦର୍ଶ ବିବାହ ବ୍ରହ୍ମପୁରରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଡ. ବିଧୁପ୍ରଭା ରଥଙ୍କ କନ୍ୟା ପ୍ରୀତିପନ୍ନାଙ୍କର ଆନ୍ଧ୍ରପ୍ରଦେଶ କାକିନାଡ଼ା ନିବାସୀ ବି. ନାଗଗୌରୀଙ୍କ ଜ୍ୟେଷ୍ଠପୁତ୍ର ଭାନୁତେଜାଙ୍କ ସହ ଆଦର୍ଶ ବିବାହ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବରକନ୍ୟା ପରସ୍ପରକୁ ବରଣମାଳା ଦେଇ ନିଜର ଜୀବନସାଥୀ ଭାବେ ଗ୍ରହଣ କରିବା ସହ ସମ୍ବିଧାନର ଆଧାରରେ ଏକ ଶପଥ ପାଠ କରିଛନ୍ତି।

ଅଣ-ପାରମ୍ପରିକ ଭାବେ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଭାବେ ଆୟୋଜିତ ଏହି ବିବାହ ପାଇଁ କୌଣସି ଶୁଭ ମୁହୂର୍ତ୍ତ ଦେଖାଯାଇନଥିଲା। ପୁରୋହିତ, ହୋମ କିମ୍ବା ମନ୍ତ୍ରର ଆବଶ୍ୟକ ପଡ଼ିନଥିଲା। ଭିନ୍ନଭିନ୍ନ ଜାତିରୁ ଆସିଥିବା ବର-କନ୍ୟା ସମସ୍ତଙ୍କ ସମ୍ମୁଖରେ ଶପଥ ପାଠ କରି ଆନ୍ତଃଜାତି



ବିବାହ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଉଭୟ ବର-କନ୍ୟା ମଧ୍ୟ ରକ୍ତଦାନ କରିଥିଲେ। ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ପ୍ରତାପ ରଥ ଉଭୟ ବର-କନ୍ୟାଙ୍କୁ ଶପଥ ପାଠ କରାଇଥିଲେ।

ଏହି ବିବାହ ଉତ୍ସବରେ ପ୍ରଫେସର୍ ବିଷ୍ଣୁ ଚୌଧୁରୀ, ବିଜୟ ବହିଦାର, ପ୍ରଫୁଲ୍ଲ ସାମନ୍ତରା, ପ୍ରଫେସର୍ ବି ରାମଚନ୍ଦ୍ର ପ୍ରମୁଖ ବୁଦ୍ଧିଜୀବୀ ଉପସ୍ଥିତ ରହି ବର-କନ୍ୟାଙ୍କୁ ଆଶୀର୍ବାଦ ଓ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ କର୍ମୀ ତଥା ଉଭୟ ବରକନ୍ୟାଙ୍କ ପରିବାରରଲୋକେ ତଥା ବନ୍ଧୁ ପରିଜନ ଯୋଗ ଦେଇଥିଲେ। ମାନବବାଦୀ ଓ ହେତୁବାଦୀ ସଂଗଠନର କର୍ମକର୍ତ୍ତାମାନେ ଏଭଳି ବିବାହ କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହଯୋଗ କରିଥିବା ବେଳେ ଏଭିବିଡି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରାଯାଇଥିଲା। ଆଗାମୀ ଦିନରେ ଏଭଳି ବିବାହ କରିବାକୁ ଅଧିକରୁ ଅଧିକ ଯୁବକ ଯୁବତୀଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକମାନେ କହିଛନ୍ତି।

---

# ବଢ଼ିଲା ମାଓବାଦୀଙ୍କ ଆତ୍ମସମର୍ପଣ ଅର୍ଥ ରାଶି

ଭୁବନେଶ୍ୱର,୨୮ ।୧୧(ସମିସ): ମାଓବାଦୀଙ୍କ ପାଇଁ ରହିଥିବା ଆତ୍ମସମର୍ପଣ ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଯେଉଁ ମାଓବାଦୀମାନେ ଲାଇଟ୍ ମେସିନ୍ ଗନ୍ ସହ ଆତ୍ମସମର୍ପଣ କରିବେ, ସେମାନଙ୍କୁ ୪ଲକ୍ଷ ୯୫ ହଜାର ଟଙ୍କା ଅର୍ଥରାଶି ମିଳିବ। ସେହିପରି, ଏକେ-୪୭ ରାଇଫଲ ଧରି ଆତ୍ମସମର୍ପଣ କଲେ ୩ ଲକ୍ଷ ୩୦ ହଜାର ଟଙ୍କା ମିଳିବ। ଏସ୍ଏଲ୍ଆର ସହ ଆତ୍ମସମର୍ପଣ କଲେ ମିଳିବ ୧ ଲକ୍ଷ ୬୫ ହଜାର ଟଙ୍କା। ଏହାବ୍ୟତୀତ, ଯେଉଁ ମାଓବାଦୀଙ୍କ ଉପରେ ୧୦ ଲକ୍ଷ ପୁରସ୍କାର ରହିଛି, ସେମାନେ ଆତ୍ମସମର୍ପଣ କଲେ ୫ ଲକ୍ଷ ଟଙ୍କା ମିଳିବ। ସେମାନଙ୍କ ନାଁରେ ଥିବା ସବୁ ଛୋଟମୋଟ ମାମଲା ପ୍ରତ୍ୟାହାର କରାଯିବା ସହ ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବରଙ୍କୁ ୧କୋଟି ୧୦ ଲକ୍ଷ ଟଙ୍କା ଅର୍ଥରାଶି ମିଳିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

> **ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବରଙ୍କ ପାଇଁ ୧.୧୦ କୋଟି**
>
> **ମେସିନ୍ ଗନ ସହ ଆତ୍ମ ସମର୍ପଣ କଲେ ୪ ଲକ୍ଷ ୯୫ ହଜାର**

ସେହିପରି ଷ୍ଟେଟ୍ କମିଟି, ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟଙ୍କୁ ୫୫ଲକ୍ଷ ଟଙ୍କା ପ୍ରଦାନ କରିବା ସହ ରିଜିଓନାଲ୍ କମିଟି ସଦସ୍ୟଙ୍କୁ ୩୩ ଲକ୍ଷ, ଡିଭିଜନାଲ୍ କମିଟି ସଦସ୍ୟଙ୍କ ୨୭.୫ଲକ୍ଷ ଟଙ୍କା ଓ ଡିଭିଜନାଲ୍ କମିଟି ମେମ୍ବରଙ୍କୁ ୨୨ଲକ୍ଷ ଟଙ୍କା ଦିଆଯିବାକୁ ନିଷ୍ପତ୍ତି ହୋଇଛି। କମାଣ୍ଡରଙ୍କ କ୍ଷେତ୍ରରେ ୧୧ଲକ୍ଷ ଟଙ୍କା ରହିଥିବା ବେଳେ ଡେପୁଟି କମାଣ୍ଡରଙ୍କ ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କା ରହିଛି।

ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ମାଓବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି। ଏଥିପାଇଁ ମାଓପ୍ରବଣ ରାଜ୍ୟଗୁଡ଼ିକରେ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଶେଷ ସୁଯୋଗ ଦିଆଯାଇଥିବା ବେଳେ ବିଭିନ୍ନ ସ୍ଥାନରେ କମ୍ବିଂକୁ ଜୋରଦାର କରାଯାଇଛି। କିଛି ଦିନ ତଳେ ହାର୍ଡକୋର୍ ମାଓବାଦୀ ହିଡମା ପୁଲିସ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିଲା। ସେହିପରି ଏବେ ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି। ତେଣୁ, କିପରି ଅଧିକରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିବେ ଓ ମୁଖ୍ୟସ୍ରୋତକୁ ଫେରି ଆସିବେ, ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅର୍ଥରାଶିର ପରିବର୍ତ୍ତନ କରି ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି ଓ ବର୍ଦ୍ଧିତ ଅର୍ଥରାଶି ସମ୍ପର୍କରେ ସୂଚନା ଜାରି କରାଯାଇଛି।





# ବାୟୁରେ ବିଷ
# ଖର୍ଚ୍ଚ ହେଲାଣି ୨୪ କୋଟି; ସୁଧୁରୁନି କଟକ ସହର ସ୍ଥିତି

କଟକ,୨୮ ।୧୧(ସମିସ)

ଏବେ ଦିଲ୍ଲୀ ପ୍ରଦୂଷଣ ଦେଶରେ ଚିନ୍ତାଜନକ ହୋଇଥିବା ବେଳେ କଟକ ପାଇଁ ମଧ୍ୟ ବାୟୁ ପ୍ରଦୂଷଣର ସତର୍କ ଘଣ୍ଟି ବାଜିଲାଣି । ଶୀତ ଋତୁରେ ପ୍ରଦୂଷଣ ସ୍ତର ସୀମା ଅତିକ୍ରମ କରିଥିବା ବେଳେ ଧୂଳି ଓ ଯାନବାହନ ଧୂଆଁ ପାଇଁ ସହରର ବାୟୁ ପ୍ରଦୂଷଣ ବେଶୀ ହେଉଥିବା କୁହାଯାଉଛି । ଅନ୍ୟପଟରେ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କଟକ ସହରରେ ବିଗତ ୬ବର୍ଷ ମଧ୍ୟରେ ୨୪କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ଏହାର ସୁଫଳ ମିଳିପାରିନି । ଆସନ୍ତା ୨୦୨୬ରେ କଟକ ସହରକୁ ବାୟୁ ପ୍ରଦୂଷଣମୁକ୍ତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି । ଏପରିକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ମଧ୍ୟ ଦେଶର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ନେଇ ସତର୍କ କରି ଆସିଥିବାର ନଜିର ରହିଛି । ରାଜ୍ୟର ଯେଉଁ କେତେଗୋଟି ସହରରେ ବାୟୁ ପ୍ରଦୂଷଣ ସ୍ଥିତି ସଂଗୀନ ରହିଛି ସେଥିମଧ୍ୟରେ କଟକ ସହର ସ୍ଥାନିତ ହୋଇଛି । ନୂତନ ମାନଦଣ୍ଡ ଅନୁସାରେ ପିଏମ୨.୫ ଓ ପିଏମ୧୦ର ସ୍ତର କମାଇ ଦିଆଯାଇଛି । ଏହି ସ୍ଥିତିରୁ ସୁଧାରିବା ପାଇଁ ପଦକ୍ଷେପ ନେବା ପାଇଁ କୁହାଯାଇଥିଲା । ଇତିମଧ୍ୟରେ ବର୍ଷାଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସହରରେ ବାୟୁ ପ୍ରଦୂଷଣ ବଢିଚାଲିଛି । ସହରର ବାଦାମବାଡ଼ିରେ



ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ ରହିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ମିଳିଥିବା ତଥ୍ୟ ଅନୁସାରେ କଟକ ସହରରେ ନାଇଟ୍ରୋଜେନ ଡାଇଆକ୍ସାଇଡକୁ ନେଇ ଚିନ୍ତାଜନକ ସ୍ଥିତି ରହିଛି କାରଣ ସର୍ବାଧିକ ପ୍ରଦୂଷଣ ଯାନବାହନ ଜନିତ ବୋଲି କୁହାଯାଉଛି । ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ଯାନବାହନ ଓ ନିର୍ମାଣ କାର୍ଯ୍ୟ ଦ୍ୱାରା ସହରର ବାୟୁ ପ୍ରଦୂଷଣ ଅଧିକ ହେବାରେ ଲାଗିଛି । କଟକ ସହରରେ ପିଏମ ୧୦ ଆଧାରରେ ୬୦ ଓ ପିଏମ୨.୫ଆଧାରରେ ୪୦ ରହିବା କଥା; ହେଲେ ଏହା ଅଧିକ ରହିଆସୁଛି । ସହରର ୪ଟି ସ୍ଥାନରେ ବାୟୁ ପ୍ରଦୂଷଣ ଯାଞ୍ଚ କରାଯାଉଛି । ବ୍ୟସ୍ତବହୁଳ ବାଦାମବାଡି, ଲିଙ୍କରୋଡ ଓ ବାରବାଟୀ ଷ୍ଟାଡିୟମ, ସିଡିଏ ନିକଟରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି । ବେଧଡକ ବାଲି ପରିବହନ ପାଇଁ ସହରର ଅଧିକାଂଶ ରାସ୍ତାଘାଟରେ ଏବେ ବାଲିର ଏକ ମୋଟା ଆସ୍ତରଣ ଦେଖିବାକୁ ମିଳୁଛି । ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ଯୋଗୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସିଏମସିକୁ ଗତ ୬ବର୍ଷରେ ୨୪କୋଟି ଟଙ୍କା ଦିଆଯାଇଥିବା ଜଣାପଡିଛି । ଯାନ୍ତ୍ରିକ ସଫେଇ ଦ୍ୱାରା ସହରର ରାସ୍ତାଘାଟକୁ ଧୂଳିବାଲିରୁ ମୁକ୍ତ ରଖିବା ଯୋଜନା ଫଳପ୍ରଦ ହୋଇନାହିଁ । ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜ ଆଡୁ ମାମଲା କରି ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ନୋଟିସ ଜାରି କରିବା ଉପରେ ନିକଟରେ ଓଡିଶା ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ । ହେଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାଁଭାଁ ନୋଟିସ କରିଥିବା ଜଣାପଡିଛି । ୨୦୧୯ ମସିହା ଅଗଷ୍ଟ ମାସ ପରେ ରାଜ୍ୟରେ ପରିବହନ ବିଭାଗ ପକ୍ଷରୁ ପ୍ରଦୂଷଣ ପ୍ରମାଣ ପତ୍ରକୁ କଡାକଡି କରିବା ପାଇଁ ସବୁ ଆରଟିଓଙ୍କୁ ଚିଠି ହୋଇଥିଲା । ୨୦୨୦ ଜାନୁଆରୀ ମାସରୁ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ରକୁ ବାଧ୍ୟତାମୂଳକ କରାଯାଇଛି । ବହୁ ଗାଡି ରାସ୍ତାରେ ଚଳାଚଳ କରିବା ପାଇଁ ପ୍ରଦୂଷଣ ଦୃଷ୍ଟିକୋଣରୁ ଅଯୋଗ୍ୟ ଥିଲେ ମଧ୍ୟ ଏଗୁଡିକ ବେଧଡକ ଗଡୁଛି ।

## ୧୭୧୩ ଗାଡ଼ିରୁ ୭ .୬୩ ଲକ୍ଷ ଜରିମାନା

କଟକ,୨୮ ।୧୧(ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ଏହା ଅନ୍ତର୍ଗତ ୭ଟି ଜିଲ୍ଲାରେ ହୋଇଥିବା ନାକା ଓ ପାଟ୍ରୋଲିଂ ବେଳେ ଶୁକ୍ରବାର ମୋଟ ୧୭୧୩ଟି ଗାଡିର ଯାଞ୍ଚ କରାଯାଇଛି । ୭ଟି ଜିଲ୍ଲାରେ ମୋଟ ୭ ଲକ୍ଷ ୬୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ପୁରୀରେ ୩୫୦ ଗାଡି ଯାଞ୍ଚ ସହ ୧ ଲକ୍ଷ ୮ ହଜାର, କଟକରେ ୩୫ ଗାଡିରୁ ୧୨ ହଜାର ୫୦୦, କେନ୍ଦ୍ରାପଡାରେ ୩୨୮ ଗାଡିରୁ ୧୬ ହଜାର ଜରିମାନା ଆଦାୟ କରାଯାଇଛି । ଖୋର୍ଦ୍ଧାରେ ୧୨୪ଟି ଗାଡିରୁ ୫ ଲକ୍ଷ ୩୭ ହଜାର ୫୦୦ ଟଙ୍କା, ନୟାଗଡରେ ୫୦୧ଟି ଗାଡିରୁ ୫୩ ହଜାର ଟଙ୍କା, ଯାଜପୁର ଜିଲ୍ଲାରେ ୨୨୬ଟି ଗାଡିରୁ ୨୧ ହଜାର ୫୦୦ ଜଗତସିଂହପୁର ଜିଲ୍ଲାରୁ ୧୪୯ଟି ଗାଡି ଯାଞ୍ଚ କରାଯାଇ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

## ରେଳଯାତ୍ରୀଙ୍କୁ ଲୁଟ୍; ଅଭିଯୁକ୍ତ ଗିରଫ

କଟକ,୨୮ ।୧୧(ସମିସ): ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ପେସାଦାର ଲୁଟେରାକୁ କଟକ ଆରପିଏଫ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ଦରଘାବଜାର ଥାନା ଅନ୍ତର୍ଗତ କେଶରପୁରର ସେକ ବାବୁ (୩୦) । ତା' ପାଖରୁ ୩ଟି ଦାମୀ ମୋବାଇଲ ଫୋନ୍ ଜବତ କରାଯାଇଛି । ଶୁକ୍ରବାର ସକାଳ ପ୍ରାୟ ୮ଟାରେ କଟକ ରେଳ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଆସି ପହଞ୍ଚିଥିଲା । ଆରପିଏଫ କର୍ମଚାରୀ ଉକ୍ତ ଟ୍ରେନରେ ଚଢି ଯାଞ୍ଚ କରିଥିଲେ । ଟ୍ରେନର ଶେଷ ବଗିରେ ସନ୍ଦେହଜନକ ଭାବେ ବସିଥିବା ଜଣେ ଯୁବକକୁ ପଚରାଉଚରା କରିବାରୁ ସେ ହଡବଡେଇ ଯାଇଥିଲା । ସେ କେଉଁଆଡେ ଯାଉଛି କିମ୍ବା କେଉଁଠାରୁ ଆସିଛି କିଛି କହିପାରି ନ ଥିଲା । ତଲାସି ନେବାରୁ ତା' ପାଖରୁ ୩ଟି ଦାମୀ ମୋବାଇଲ ମିଳିଥିଲା । ତାକୁ ଆରପିଏଫ ପୋଷ୍ଟକୁ ଧରିଆଣି ଜେରା କରିବାରୁ ସବୁ କଥା ମାନିଯାଇଥିଲା । ଉକ୍ତ ମୋବାଇଲଗୁଡିକୁ ସେ ଟ୍ରେନର ବିଭିନ୍ନ ଯାତ୍ରୀଙ୍କଠାରୁ ଚୋରାଇଥିବା ସ୍ୱୀକାର କରିଥିଲା । ଅଭିଯୁକ୍ତ ବାବୁ ଜଣେ ଅଭ୍ୟାସଗତ ଅପରାଧୀ । ନିଶା ସେବନ କରିବା ପାଇଁ ଟଙ୍କା ଦରକାର ଥିବାରୁ ସେ ଲୁଟପାଟ କରୁଥିବା ତଦନ୍ତରୁ ଜଣାପଡିଛି । ଜବତ ମୋବାଇଲ ସହ ଅଭିଯୁକ୍ତକୁ କଟକ ଜିଆରପି ଜିମା ଦିଆଯାଇଥିଲା । ଏନେଇ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି ।

● ରାଉସାପାଟଣାରେ ପୁଣି ଅଶାନ୍ତି

## ଗୋ-ମାଂସ ଠାବକୁ ନେଇ ଉତ୍ତେଜନା; ରାସ୍ତାରୋକ

କଟକ,୨୮ ।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ସହରର ରାଉସାପାଟଣା ଅଞ୍ଚଳର କିଛି ସ୍ଥାନରେ ଗୋ-ମାଂସ ପଡ଼ିଥିବା ଦେଖାଗଲା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାତିଅଧିଆ ଏନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟରେ କେହି ଦୁର୍ବୃତ୍ତ ଏଭଳି ହୀନ କାର୍ଯ୍ୟ କରିଥିବା ସନ୍ଦେହ କରି ଶତାଧିକ ଲୋକ ଏକାଠି ହୋଇଥିଲେ । ରାଉସାପାଟଣାର ଜଣେ ଦୋକାନୀଙ୍କ ଦୋକାନ ସମ୍ମୁଖରେ ଏବଂ ନିକଟସ୍ଥ ଏକ ଅଳିଆ ଗଦାରେ ସନ୍ଦିଗ୍ଧ ଗୋ-ମାଂସ ପଡ଼ିଥିବା ଅଭିଯୋଗ ହୋଇଛି । ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ତୁରନ୍ତ ରାସ୍ତାକୁ ଓହ୍ଲାଇ ଆସି ସେମିନାର ଛକ ଓ ରାଉସାପାଟଣା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଦୋଷୀଙ୍କୁ ଗିରଫ କରିବା ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଅଡ଼ି ବସିଥିଲେ । ଫଳରେ ସେହି ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ପରିସ୍ଥିତି ସରଗରମ ହୋଇଉଠିଥିଲା । ଖବର ପାଇ କଟକ କମିସନରେଟ ପୁଲିସର ବରିଷ୍ଠ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ବିଭିନ୍ନ ଥାନାର ପୁଲିସ ଅଧିକାରୀଙ୍କ ସହ ନିଜେ କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରି ଘଟଣାସ୍ଥଳରେ ପହଞ୍ଚିଥିଲେ । ଡିସିପି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଲଗାତାର ଚେଷ୍ଟା ଜାରି ରଖିଛନ୍ତି । ଉଲ୍ଲେଖଯୋଗ୍ୟ, ମାତ୍ର କିଛି ଦିନ ତଳେ କଟକ ଦୁର୍ଗାପୂଜା ଭସାଣି ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ସହରର ଶାନ୍ତିଶୃଙ୍ଖଳା ବିଗିଡ଼ି ଯାଇଥିଲା । ଏବେ ପୁଣି ଥରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ପୁଲିସ ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବର୍ତ୍ତମାନ ଘଟଣା ଉପରେ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି ।

## ସେଣ୍ଟ୍ ଜାଭିୟର୍ସ ବିଦ୍ୟାଳୟରେ ଶିଶୁ ବିକାଶ କେନ୍ଦ୍ର ଉଦ୍‌ଘାଟିତ

କଟକ,୨୮ ।୧୧(ସମିସ): ନୟାବଜାରସ୍ଥିତ ସେଣ୍ଟ୍ ଜାଭିୟର୍ସ ସିନିୟର୍ ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ଶିଶୁ ବିକାଶ କକ୍ଷର ଉନ୍ମୋଚନ କରାଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ ଗୀତାଞ୍ଜଳି ସାହୁ ମୁଖ୍ୟଅତିଥି ଭାବେ ଶିଶୁ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଏସ୍.ଟି ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ କର୍ପୋରେଟ୍ ହେଡ୍ ସମ୍ୟକ ମହାନ୍ତି ଏବଂ ଆୟାଶା ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟକ୍ଷ ଡ ପ୍ରଦୀପ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଉପାଧ୍ୟକ୍ଷ ଦେବାନନ୍ଦ ପାଢ଼ୀ, ପ୍ରଧାନଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁ ଏଥିରେ ଅଂଶଗ୍ରହଣ କରିଥିଲେ ।




## କଲେଜ ଛାତ୍ରୀଙ୍କୁ ଅସଦାଚରଣ ଓ ଧମକଚମକ: ଅଭିଯୁକ୍ତକୁ ୪ବର୍ଷ ଜେଲ୍

କଟକ,୨୮ ।୧୧(ସମିସ): କଟକ ଜିଲ୍ଲା ସାଲେପୁର ଅଞ୍ଚଳର ଏକ କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ଅସଦାଚରଣ ଓ ଧମକଚମକ ଅଭିଯୋଗରେ ଅଭିଯୁକ୍ତ କିଶନନଗର ଥାନା ମୁର୍କୁଣ୍ଡି ଗ୍ରାମର ସତ୍ୟଜିତ ବେହେରା (୧୯)କୁ ୪ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଆଡହକ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି । ପୋକ୍ସୋ ସଂଶୋଧିତ ଆଇନ-୨୦୧୯ର ଧାରା ୮ ଓ ବିଏନଏସର ଧାରା ୭୪ ଓ ୩୫୧(୨)ରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହିତ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୦୨୫ଜାନୁଆରୀ ୨୬ତାରିଖରେ ୧୮ବର୍ଷ କମ ବୟସର ନାବାଳିକା ଜଣକ କଲେଜକୁ ଯାଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ବାଇକରେ ବସାଇ ନଦୀ ପଠା ଆଡ଼କୁ ଜୋରଜବରଦସ୍ତ ନେଇଯାଇଥିଲା । ସମ୍ପୃକ୍ତ ଅଭିଯୁକ୍ତ ଜଣକ ଛାତ୍ରୀଙ୍କ ପିତାଙ୍କ ସହ କାମ କରୁଥିବାରୁ ତାଙ୍କ ଘର ସହ ସମ୍ପର୍କରେ ରହିଥିଲା । ତେବେ ନଦୀ ପଠାରେ କେତେକ ଫଟୋ ଉଠାଇବା ସହ ପୀଡିତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା । ହେଲେ ସେ ଏଥିରେ ରାଜି ନହେବାରୁ ତାଙ୍କ ଫଟୋ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା । ଏ ସଂକ୍ରାନ୍ତରେ ପୀଡିତା ଜଣକ ଘରେ କହିବା ପରେ ସାଲେପୁର ଥାନାରେ ପରିବାର ପକ୍ଷରୁ ଏକ ଏତଲା ଦିଆଯାଇଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ୨୦୨୫ ମାର୍ଚ୍ଚ୨୫ରେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା ଏତଲାକାରୀଙ୍କ ସମେତ ୧୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ମାନସିକ ଚାପ ପରିଚାଳନା କର୍ମଶାଳା




କଟକ,୨୮ ।୧୧(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ଯୁବ ରେଡକ୍ରସ୍ ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ଅଧ୍ୟକ୍ଷତା କରିଥିଲା ବେଳେ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ରାଜଯୋଗ ଶିକ୍ଷକ ରଶ୍ମି ଭଉଣୀ ପିଲାମାନଙ୍କୁ ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ଚାପମୁକ୍ତ ରହିବାକୁ ମାର୍ଗଦର୍ଶନ କରାଇଥିଲେ । ଯୁବ ରେଡକ୍ରସ୍ ଅଧିକାରୀ ଡ.ଗାୟତ୍ରୀ କର ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଡ. ପ୍ରତିଭାରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ. ମେନକାରାଣୀ ସାହୁ ଏବଂ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ଆଇନଜୀବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



କଟକ,୨୮ ।୧୧(ସମିସ): ରଶ୍ମି ପାଲେସଠାରେ ଆଇନଜୀବୀ ସରୋଜ ଶତପଥୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଆଇନଜୀବୀ ଅମରେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଆଦିତ୍ୟ ମହାପାତ୍ର, ବରିଷ୍ଠ ଓକିଲ ସୁବୀର ପାଲିତ, ସିପିଆଇ ରାଜ୍ୟ ସମ୍ପାଦକ ଡ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ବିପିନ ପାଢୀ, ଅଧିବକ୍ତା ଦୀପକ ମହାପାତ୍ର, ପ୍ରଶାନ୍ତ ଜେନା, ପଞ୍ଚାନନ ସାହୁ, ଡ. ଜ୍ଞାନଗୁରୁ ଦାସ, ଖଗେଶ୍ୱର ସେଠୀ, ଭବାନୀ ଦାସ, ଭ୍ରମରବର ସାହୁ, ଅଶୋକ ଡା, ତାପସ ଦ୍ୱିବେଦୀ, ବିପିନ ରାୟ, ଶରତ ଶତପଥୀ, ଉର୍ମିଳା ଆଚାର୍ଯ୍ୟ, ପ୍ରସନ୍ନ ମହାପାତ୍ର, ପ୍ରଫେସର ଅଶୋକ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ସରୋଜ ଶତପଥୀ ସାମ୍ୟବାଦୀ ଚିନ୍ତାଧାରାରେ ବିଶ୍ୱାସ କରୁଥିଲେ ଓ ଜଣେ ସଚ୍ଚା ସମାଜସେବୀ ଥିଲେ ବୋଲି ପ୍ରକାଶ କରିଥିଲେ ।

## ଡ୍ରିମ୍‌ସ ମେଡିକାଲ କଲେଜରେ ଜାତୀୟ କର୍ମଶାଳା



କଟକ,୨୮ ।୧୧(ସମିସ): ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍‌ପିଟାଲ ଫାର୍ମାକୋଲୋଜି ବିଭାଗ ଅଧୀନରେ ଥିବା 'ମେଡିକାଲ ଡିଭାଇସ ଆଡଭର୍ସ ମନିଟରିଂ ସେଣ୍ଟର' (ଏମ୍‌ଡିଏମ୍‌ସି) ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଚିକିତ୍ସାରେ ବ୍ୟବହୃତ ଯନ୍ତ୍ରପାତି ତ୍ରୁଟିଜନିତ ରୋଗୀଠାରେ ଦେଖାଯାଉଥିବା ନାନା ପ୍ରତିକ୍ରିୟା ପ୍ରସଙ୍ଗ ଉପରେ ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅଭାସୀ ମାଧ୍ୟମରେ ୧୬୮ ଜଣ ଏବଂ ଡ୍ରିମ୍‌ସ ମେଡିକାଲ କଲେଜରୁ ୫୮ ଜଣ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଓ ଟେକ୍ନିସିଆନ୍ ଅଂଶଗ୍ରହଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାର ସଫଳତା କାମନା କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଡ୍ରିମ୍‌ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏମ୍‌ଡିଏମ୍‌ସିର ସଞ୍ଚାଳକ ଡା.ସୟଦ୍ ଇଲିଆସ ବାସା ହସ୍ପିଟାଲରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତାରେ ତ୍ରୁଟି ପରିଲକ୍ଷିତ ହେଲେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭୁବନେଶ୍ୱରର ଶ୍ରୀପଦା ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋମେଶ ଶୁକ୍ଲା, ଅଞ୍ଜଳି କୁମାରୀ, ପ୍ରଫେସର ଡା. ଚିତ୍ତରଞ୍ଜନ ଷଡଙ୍ଗୀ, ପ୍ରଫେସର ଡା. ଦୈତାରୀ ରାଉତରାୟ, ପ୍ରଫେସର ଡା. ମନ୍ମଥ ମଣ୍ଡଳ, ପ୍ରଫେସର ଡା. ନିକୁଞ୍ଜ ଦାସ, ରାଜ୍ୟ ନର୍ସିଂ ଉପ ନିର୍ଦ୍ଦେଶିକା ହରପ୍ରିୟା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଫାର୍ମାକୋଲୋଜି ବିଭାଗର ମୁଖ୍ୟ ଡା. ବସନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

## ଗାଡ଼ି ଚୋରି ଗ୍ୟାଙ୍ଗ୍‌ର ଉପଦ୍ରବ; ପୁଲିସ ନିଷ୍କ୍ରିୟ

କଟକ,୨୮ ।୧୧(ସମିସ): ସହରରେ ଦିନକୁ ଦିନ ବାଇକ୍ ଚୋରି ବଢ଼ିବାରେ ଲାଗିଛି । ଯଦିଓ କମିସନରେଟ୍ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହେଉଛି, ମାତ୍ର ତାହା ଚୋରି ହେଉଥିବା ବାଇକ୍ ସଂଖ୍ୟା ତୁଳନାରେ ବହୁତ କମ । ରାତି ଅଧରେ ଘର ସାମ୍ନାରୁ ଲୁଟେରାମାନେ ଲୁଟି ନେଉଛନ୍ତି ବାଇକ୍ ଓ ସ୍କୁଟି । ଗତ ୮ ମାସରେ ସହରରୁ ୧୭୦୦ ବାଇକ୍ ଚୋରି ହୋଇଗଲାଣି । ଯାହାକୁ ନେଇ କଟକ ସହରବାସୀଙ୍କ ଚିନ୍ତା

- ଦିନରେ ରେକି; ରାତିରେ ଚୋରି
- ୮ ମାସରେ ୧୭୦୦ ବାଇକ୍ ଚୋରି
- ସନ୍ଦେହ ଘେରରେ ସହରର କବାଡ଼ିଆ ଦୋକାନ

ବଢ଼ିଯାଇଛି । ଏଭଳି ସ୍ଥଳେ ଡିସିପି ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓ ଥାନାୱାରୀ ଥିବା ବହୁ ଚୋରି ଘଟଣାର ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସିପି ଶ୍ରୀ ଖିଲାରୀ କହିଛନ୍ତି ଯେ ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ସାଧାରଣତଃ ବାଇକ୍ ଓ ମୋବାଇଲ୍ ଚୋରି ଅଧିକ ହୋଇଥାଏ । ଥାନାୱାରୀ ଆଇଆଇସିମାନେ ତ୍ୱରିତ ଭାବେ ଚୋରି ହୋଇଥିବା ବାଇକ୍ ଓ ମୋବାଇଲ୍ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ଏକାଧିକ ଗାଡ଼ି ଚୋରିର ସିସି କ୍ୟାମେରା ଫୁଟେଜ୍ ପୁଲିସ ହାତରେ ରହିଛି । ସମ୍ପୃକ୍ତ ଫୁଟେଜ୍‌ରେ ଚୋରର ମୁହଁ ଓ ଚେହେରା ସ୍ପଷ୍ଟ ଭାବେ ଦେଖି ହେଉଛି । ଏଭଳି ସ୍ଥଳେ ପୁଲିସ କୌଣସି ପଦକ୍ଷେପ ନେଉନାହିଁ । ନା ଚୋରା ଗାଡ଼ି ଜବତ ହେଉଛି, ନା ଚୋର ଗିରଫ ହେଉଛି ।

ନିକଟରେ ମାଲଗୋଦାମ ଥାନା ଅନ୍ତର୍ଗତ



କଲେଜଛକ, ମର୍କତନଗର, ସେକ୍ଟର୬ ଏବଂ ୭ ଅଞ୍ଚଳରୁ ବାଇକ୍ ଚୋରି ହୋଇଥିଲା । ସେହିପରି କଲେଜଛକ, ବଡ଼ ମେଡ଼ିକାଲ ପରିସର, ଝାଞ୍ଜିରୀମଙ୍ଗଳା ଓ ପାଲାମଣ୍ଡପ ଅଞ୍ଚଳରୁ ଗାଡି ଚୋରି ହେଉଥିବା ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଥିଲା । ଏହାପରେ ଏହି ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ପୁଲିସ ତତ୍ପରତା ଦେଖାଇଥିଲା ।

୮ ମାସରେ କଟକ ଯୁପିଡିର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୭୦୦ଟି ଗାଡ଼ି ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି । ଯେହେତୁ କଟକ ସହରରେ ଲୋକମାନଙ୍କ ଘରେ ଗାଡି ରଖିବା ପାଇଁ ସ୍ଥାନାଭାବ ଦେଖା ଦେଇଥାଏ ତେଣୁ ଘର ବାହାରେ ଲୋକମାନେ ଦୁଇଚକିଆ ଗାଡ଼ିଗୁଡ଼ିକୁ ପାର୍କିଂ କରିବାକୁ ବାଧ୍ୟ ହୋଇଥାଆନ୍ତି । ଏହି ଗାଡ଼ିଗୁଡ଼ିକୁ ବିଶେଷ କରି ରାତି ଅଧରେ ଲୁଟେରାମାନେ ଟାର୍ଗେଟ କରି ଲୁଟ୍ ନେଉଛନ୍ତି ।

ନିକଟରେ ଗାଡି ଚୋରିର ଶିକାର ହୋଇଥିବା ସ୍ନେହାଶିଷ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପାଟ୍ରୋଲିଂ ଠିକ୍ ଭାବେ କରାଯାଉ ନାହିଁ । ଏବେ ସହରରେ ଗାଡି ଚୋରି ଗ୍ୟାଙ୍ଗ୍ ମାତିଛନ୍ତି । ପୁଲିସ ନାଇଟ୍ ପାଟ୍ରୋଲିଂକୁ କଡାକଡି କଲେ, ବାଇକ ଚୋରିକୁ ରୋକାଯାଇ ପାରନ୍ତା । ମର୍କତନଗର ସେକ୍ଟର-୬ର ଅଭିଯୋଗକାରୀ ଉମେଶ ଖୁଣ୍ଟିଆ କହିଛନ୍ତି, ନିର୍ଦ୍ଦିଷ୍ଟ ଏକ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏହି ଚୋରି କରୁଛନ୍ତି । ସେମାନେ ସହରର ବିଭିନ୍ନ ଅଞ୍ଚଳକୁ ଯାଇ ଦିନ ବେଳେ ରେକି କରୁଛନ୍ତି । ବିଳମ୍ବିତ ରାତିରେ ଆସି ଗାଡି ଚୋରି କରି ଫେରାର୍ ହୋଇଯାଉଛନ୍ତି । ପୁଲିସ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । ଅନ୍ୟପଟେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ସହରର ବହୁ ଥାନାରେ ହୋଇଛି । ଅନେକ ସମୟରେ ପୁଲିସ ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ଗିରଫ କରୁଛି । ତଥାପି ବାଇକ୍ ଓ ସ୍କୁଟି ଚୋରିକୁ ରୋକି ହେଉନାହିଁ । ଏହି ବାଇକ୍ ଲୁଟ କରୁଥିବା ଅପରାଧୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣନୀତି ପୁଲିସ ପ୍ରସ୍ତୁତ କରୁଛି ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି । ଅଭିଯୋଗ ଅନୁସାରେ, ସହର ମଧ୍ୟରେ, ଜଗତପୁର, ମଙ୍ଗୁଳି ଓ ଟାଙ୍ଗି ଅଞ୍ଚଳରେ ରହିଥିବା କବାଡ଼ିଆ ଦୋକାନ ଗୁଡ଼ିକ ଏବେ ସନ୍ଦେହ ଘେରରେ ରହିଛି । ଚୋରା ଗ୍ୟାଙ୍ଗ ପକ୍ଷରୁ ଚୋରି ହୋଇଥିବା ଗାଡ଼ି ଗୁଡ଼ିକରୁ ପ୍ରଥମେ ପାର୍ଟସ ଖୋଲି ଦିଆଯାଉଛି । ଏହାପରେ ଗ୍ୟାସ୍ କଟର ସାହାଯ୍ୟରେ ଗାଡ଼ିକୁ ସମ୍ପୂର୍ଣ୍ଣ ଭାବେ କାଟି ଦିଆଯାଇ, ବିକ୍ରି କରାଯାଉଛି । ଯାହାଫଳରେ ଏହାକୁ ଧରିବା ପୁଲିସ ପକ୍ଷେ କଷ୍ଟକର ହୋଇପଡ଼ିଛି ।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ରାଜସ୍ୱ ମନ୍ତ୍ରୀଙ୍କ ଆଦେଶକୁ ଉପେକ୍ଷା କରୁଛନ୍ତି କଟକ ଜିଲ୍ଲାପାଳ

# ବିନା ଅନୁମତିରେ ମହାନଦୀରୁ ପାଣି ଶୋଷୁଛି କମ୍ପାନୀ




ଆଠଗଡ଼,୨୮।୧୧(ସମିସ): ଆଠଗଡ଼ରେ ପ୍ରତିଷ୍ଠିତ ଆରତୀ ଷ୍ଟିଲ୍ ଏବଂ ବିକେ ଷ୍ଟିଲ୍ କମ୍ପାନୀଗୁଡ଼ିକ ସରକାରୀ ଜମି ଜବରଦଖଲ କରି ମହାନଦୀରେ 'ଇନ୍‌ଟେକ୍ ୱେଲ୍' ନିର୍ମାଣ କରି ବିନା ଅନୁମତିରେ ପାଣି ଶୋଷୁଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାରେ ରାଜସ୍ୱ ମନ୍ତ୍ରୀ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କଟକ ଜିଲ୍ଲାପାଳ ତାହାକୁ କାର୍ଯ୍ୟକାରୀ ନ କରି ଓଲଟା ନୋ ଅବ୍‌ଜେକସନ୍ ସାର୍ଟିଫିକେଟ୍ ଦେଇଥିବା ଅଭିଯୋଗ କରି ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ ମଧ୍ୟ ଉଭୟ କମ୍ପାନୀ ଏହାକୁ ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ଆରତୀ ଷ୍ଟିଲ୍ କମ୍ପାନୀ କଟକ ସଦର ତହସିଲର କଖଡ଼ି ମୌଜା, ଖାତା ନଂ ୫୮୧, ପ୍ଲଟ ନମ୍ବର ୨୦୦୦ରୁ ୪ ଡେସିମିଲି ସରକାରୀ ଜମି ଜବରଦଖଲ କରିଥିବା ବେଳେ ବିକେ ଷ୍ଟିଲ୍ କମ୍ପାନୀ ମଧ୍ୟ କଟକ ସଦର ତହସିଲର ମହାଲପଡ଼ା ମୌଜା, ଖାତା ନଂ ୩୯୪, ପ୍ଲଟ ନଂ ୧୫୯୫ରୁ ୩ ଡେସିମିଲି ସରକାରୀ ଜମି ଜବରଦଖଲ କରିଛି। ଏନେଇ କଟକ ସଦର ତହସିଲ ପକ୍ଷରୁ ଉଭୟ କମ୍ପାନୀଙ୍କୁ ଜବରଦଖଲ ନୋଟିସ୍ ଦିଆଯାଇଛି। ତେବେ କଖଡ଼ି ଏବଂ ମହାଲପଡ଼ା ଗ୍ରାମର ଜନସାଧାରଣ ଏ ବାବଦରେ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମନ୍ତ୍ରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲ୍ଲାପାଳ ତାହାକୁ କାର୍ଯ୍ୟକାରୀ ନ କରି ଏହି ମାମଲାରେ କମ୍ପାନୀଗୁଡ଼ିକୁ ନୋ ଅବ୍‌ଜେକସନ୍ ସାର୍ଟିଫିକେଟ୍ ଦେଇଥିବା ନେଇ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ଯେ ଜିଲ୍ଲାପାଳ ତୁରନ୍ତ ଏହି ନୋ ଅବ୍‌ଜେକସନ୍ ସାର୍ଟିଫିକେଟ୍‌କୁ ପ୍ରତ୍ୟାହାର କରନ୍ତୁ ଏବଂ ମନ୍ତ୍ରୀଙ୍କ ଆଦେଶ ଅନୁଯାୟୀ ତଦନ୍ତ କରି କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଖଡ଼ିର ପୂର୍ବତନ ସରପଞ୍ଚ ସୁନୀଲ ସୁତାର, ପଞ୍ଚାନନ ରାଉତ, ଜମ୍ବେଶ୍ୱର ନାୟକ, ଗଗନ ବାରିକ, ସନ୍ତୋଷ ବେହେରା, ବୁଲୁ ସାହୁ, ଅଜୟ ମହାନ୍ତି, ଆଶୀର୍ବାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବି.କେ ଷ୍ଟିଲ୍ କାରଖାନାରେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

### ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ ଦୁର୍ଘଟଣା

ଆଠଗଡ଼, ୨୮।୧୧(ସମିସ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରମ୍ଫେଇ ରାଜା ଆଠଗଡ଼ଠାରେ ଥିବା ବିକେ ଷ୍ଟିଲ୍ କାରଖାନାରେ ଗତ ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍‌ଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଯାଜପୁର ଜିଲ୍ଲା କଦମପାଳ ଗ୍ରାମର ରାକେଶ କୁମାର ମହାନ୍ତି (୩୩)। କାରଖାନା ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାକେଶ ସପ୍ତାହେ ତଳେ କମ୍ପାନୀର ଡିଆରଆଇ ୟୁନିଟ୍‌ର ଇଏସ୍‌ପି ସେକ୍ସନରେ ମୁଖ୍ୟ ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ ଯୋଗ ଦେଇଥିଲେ। ଗତ ରାତିରେ ସେ ଡିଆରଆଇ ୟୁନିଟ୍‌ର ଇଏସ୍‌ପିରେ କାମ କରୁଥିବା ବେଳେ ଶକ୍ତ ବିଦ୍ୟୁତ୍ ଆଘାତ ପାଇ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। କାରଖାନା କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଯୋଗେ ରାକେଶଙ୍କୁ ତୁରନ୍ତ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ପୂର୍ବରୁ ଏହି କାରଖାନା ମାହେଶ୍ୱରୀ ଇସ୍ପାତ ଭାବେ ପ୍ରତିଷ୍ଠିତ ଥିଲା ଓ ବନ୍ଦ ହୋଇ ପଡ଼ିରହିଥିଲା। ବିକେ ଷ୍ଟିଲ୍ ଦ୍ୱାରା ପୁରୁଣା ଓ ଅଚଳ ହୋଇଯାଇଥିବା ଯନ୍ତ୍ରାଂଶଗୁଡ଼ିକୁ ସଚଳ କରାଯାଇ କାରଖାନା ଚଳାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏହି ଦୁର୍ଘଟଣା ପରେ କମ୍ପାନୀ ଭିତରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବା ଅଭିଯୋଗ କରି ବିଭିନ୍ନ ଶ୍ରମିକ ଓ କର୍ମଚାରୀ ୟୁନିଅନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ସପ୍ତାହକ ତଳେ ଅର୍ଥାତ୍ ୧୮ ତାରିଖ ରାତିରେ ଏହି କାରଖାନାରେ ଦୁର୍ଘଟଣା ଘଟି ଜଣେ କାର୍ଯ୍ୟରତ ଠିକା ଶ୍ରମିକ ଦିନେଶ ପାତ୍ରଙ୍କ ଡାହାଣ ହାତର ସମସ୍ତ ଆଙ୍ଗୁଳି କଟି ଅଲଗା ହୋଇଯାଇଥିଲା। ସେ କଟକରେ ଚିକିତ୍ସାଧୀନ ଥିବା ବେଳେ ପୁଣି ଏକ ଦୁର୍ଘଟଣାରେ ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିବା କାରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଛି। ଖବର ପାଇ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ ପ୍ରଧାନ ପୁଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକେ ଏନେଇ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ତିଗିରିଆ,୨୮।୧୧(ସମିସ): ତିଗିରିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ମେଧାବୃତ୍ତି, ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି, ନିମ୍ନ ପ୍ରାଥମିକ ମେଧାବୃତ୍ତି ଓ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ଫଳାଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଚିଠି ନଂ-୨୫୧୪, ୨୫୧୭, ୨୫୦୮ ଓ ୨୫୧୧ ମୁତାବକ ଚଳିତ ବର୍ଷ ପାଇଁ ପ୍ରାଥମିକ ମେଧାବୃତ୍ତି ତାଲିକାରେ ଶ୍ରେୟାଂଶୁ କୁମାର କୁଣ୍ଡୁ, ସିଦ୍ଧାର୍ଥ ଶଙ୍କର ସାହୁ, ଓମ୍ ପ୍ରକାଶ କଟୁଆଳ, ଆଶୁତୋଷ ସାହୁ, ବିଶ୍ୱରୂପା ବେହେରା, ସ୍ମୃତି ରଞ୍ଜନ ସାହୁ, ଦିବ୍ୟସ୍ମିତା ପାତ୍ର ପ୍ରାଥମିକ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଅଙ୍କିତା ବେହେରା, ସାଇକ୍ରିଷ୍ଣା ଜେନା, ଶକ୍ତି ପ୍ରସାଦ ଦାସ, ପୁଷ୍ପଲତା ବେହେରା, ଜ୍ଞାନରଞ୍ଜନ ରାଉତ, ରୋଜାଲିନ ପ୍ରିୟଦର୍ଶିନୀ ରାଉତ ଓ ଅଂଶୁମାନ ରଣା ଯୋଗ୍ୟ ବିବେଚିତ ହୋଇଥିବା ବେଳେ ନିମ୍ନ ପ୍ରାଥମିକ ମେଧାବୃତ୍ତି ପାଇଁ ଅନିମେଶ ସାହୁ, ମାଧୁରୀ ମଧୁପର୍ଣ୍ଣା, ସୌମ୍ୟରଞ୍ଜନ ଦାସ, ଶୁଭାଶିଷ ବାହାଡ଼ି, ପ୍ରୀତିପଲ୍ଲବୀ ଦାଶ, ଶ୍ରୀୟାନ୍ସ ଶେଖର ସାହୁ ଓ ବିଷ୍ଣୁ ପ୍ରସାଦ ଦାସ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନୁରୂପ ଭାବେ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଆରାଧନା ସାମନ୍ତସିଂହାର, ତପନ ସାମଲ, ଆୟୁଷ ସ୍ୱାଇଁ, ଆଶୁତୋଷ ରାଉତ, ବିଦୁସ୍ମିତା ବେହେରା, ତେଜସ୍ୱିନୀ ଦାଶ ଓ ସ୍ୱୟଂଶ୍ରୀ ପରିଡା ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ବଡମ୍ବା,୨୮।୧୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ଓଷ୍ଟାର ବଡମ୍ବା ଶାଖା ଆନୁକୂଲ୍ୟରେ ୩୧ତମ ଶିଶୁ ଉତ୍ସବ ବଡବାରସିଂହ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ସଭାପତି ଶ୍ୟାମବନ୍ଧୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ପଞ୍ଚାୟତସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମଉଗଜ ସିଂହ, ଶ୍ରୀନିବାସ ପ୍ରଧାନ, କଟକ ଜିଲ୍ଲା ଓଷ୍ଟା ସମ୍ପାଦକ ବିଜୟ ଛତ୍ର, ସଭାପତି କଳିଙ୍ଗ କେଶରୀ ପ୍ରଧାନ, ବ୍ଲକ ଓଷ୍ଟା ଉପସଭାପତି ସନାତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୩୪ଟି ଉଚ୍ଚ ବିଦ୍ୟାଳୟର ୨୯୩ ଜଣ ପ୍ରତିଯୋଗୀ ୧୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଗୁଡ଼ିକୁ ବ୍ଲକ ସମ୍ପାଦକ ଅଶୋକ ଧଳ ଓ ଯୁଗ୍ମ ସମ୍ପାଦକ ମହେଶ୍ୱର ସାହୁ ପରିଚାଳନା କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ ଦଳବେହେରା, ବିଶିଷ୍ଟ ଅତିଥିଭାବେ ରାଜ୍ୟ ଓଷ୍ଟା ସଂଗଠନର କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ମୁଖ୍ୟବକ୍ତା ଭାବେ ବ୍ଲକର ଶିକ୍ଷାଅଧିକାରୀ ତ୍ରିଲୋଚନ ଜେନା ଓ ସମ୍ମାନିତ ଅତିଥିଭାବେ କାର୍ଯ୍ୟକ୍ରମ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ପରିଡା ଯୋଗ ଦେଇଥିଲେ। ଉଭୟ ଅଧିବେଶନକୁ ସହକାରୀ ଶିକ୍ଷକ ମାଧବଚନ୍ଦ୍ର ନାଏକ ସଂଯୋଜନା କରିଥିଲେ।

## ● ତିଗିରିଆ ଥାନାଞ୍ଚଳରେ ଆଇନଶୃଙ୍ଖଳା ବିଗୁଡୁଛି

# ୨ ମାସ ବିତିଲା; ଆଇଆଇସି ପଦ ଖାଲି

ତିଗିରିଆ,୨୮।୧୧(ସମିସ): ତିଗିରିଆ ଥାନାରେ ପୂର୍ବତନ ଆଇଆଇସିଙ୍କ ବଦଳି ପରଠାରୁ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦ ଖାଲିପଡ଼ିଛି। ଫଳରେ ଏହି ଅଞ୍ଚଳରେ କ୍ରମାଗତ ଭାବେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ପୂର୍ବରୁ ଦମନ ହୋଇଥିବା ଗୋ-ମାଫିଆ ଓ ଖଣି ମାଫିଆମାନେ ପୁଣି ମୁଣ୍ଡ ଟେକିବା ଆରମ୍ଭ କରିଛନ୍ତି। ପୂର୍ବତନ ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ଗତ ସେପ୍ଟେମ୍ବର ୨୨ ତାରିଖରେ ପୁରୀ ଜିଲ୍ଲା ନିମାପଡ଼ା ଥାନାକୁ ବଦଳି ହୋଇଥିଲା। ଆଜି ପର୍ଯ୍ୟନ୍ତ ପ୍ରାୟ ୬୭ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି ଥାନାରେ କୌଣସି ନୂତନ ଆଇଆଇସି ଯୋଗ ଦେଇନାହାନ୍ତି। ଏତେ ସମୟ ଧରି ଆଇଆଇସି ପରି ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ତିଗିରିଆ ଥାନା ଇତିହାସରେ ଏକ ବିରଳ ଘଟଣା। ଏହାର ସିଧାସଳଖ ପ୍ରଭାବ ଆଇନଶୃଙ୍ଖଳା ଉପରେ ପଡ଼ିଛି। ମାଫିଆମାନେ ପୁଣି ଥରେ ସକ୍ରିୟ ହେବା ସହ ବିଶେଷ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ତିଗିରିଆରୁ ବେଧଡ଼କ ଗୋ-ମାଂସ ରପ୍ତାନୀକାରୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି।

# କମିସନରେଟ ପୁଲିସର ମେଗା ରକ୍ତଦାନ ଶିବିର

## ● ୧୦୨ ୟୁନିଟ ରକ୍ତ ସଂଗ୍ରହ




ଚୌଦ୍ୱାର,୨୮।୧୧(ସମିସ): କମିସନରେଟ ପୁଲିସ ତରଫରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ପକ୍ଷରୁ କପାଳେଶ୍ୱରସ୍ଥିତ ପୌର କଲ୍ୟାଣ ମଣ୍ଡପରେ ଶୁକ୍ରବାର ଆୟୋଜିତ ଏହି ଶିବିରକୁ ଡିସିପି ରିଷିକେଶ ଦ୍ୟାନ୍‌ଦେଓ ଖିଲାରୀ ଉଦ୍‌ଘାଟନ କରିଥିଲେ। ଆଡ଼ିସନାଲ ଡିସିପି ରଞ୍ଜିତ ପୃଷ୍ଟି ଓ ଏସିପି ଅରୁଣ ସ୍ୱାଇଁଙ୍କ ସମେତ କଟକ କମିସନରେଟ ପୁଲିସର ବହୁ ଅଧିକାରୀ ଓ କର୍ମକର୍ତ୍ତା ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଚୌଦ୍ୱାର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ପରିଚାଳନାରେ ଏହି ଶିବିରରୁ ମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କଟକ ରେଡକ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ, ବିଜେପି ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ମ୍ୟାନେଜର ମାନସ ବସନ୍ତିଆ, ରକ୍ତଦାତା ରାଜକିଶୋର ସାମନ୍ତରାୟ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଚୌଦ୍ୱାର ଥାନା ଇନିସ୍ପେକ୍ଟର ସରସ୍ୱତୀ ସାହୁ, ନିରଞ୍ଜନ ଭୋଇ, ସିଦ୍ଧାର୍ଥ ଜାଲି, ରଜତ ଭୂୟାଁ, ଶରତ ସାହୁ, ପବିତ୍ର ବେହେରା, ଦେବ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦୁପାଟଣା ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା

ନିଶ୍ଚିନ୍ତକୋଇଲି,୨୮।୧୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୋଟ ୨୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ବିଜ୍ଞାନମେଳାକୁ ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ରଞ୍ଜନ ସ୍ୱାଇଁଙ୍କ ପ୍ରୋତ୍ସାହନ ଓ ବିଜ୍ଞାନ ଶିକ୍ଷକ ସୁବାଶିଷ ବେହେରା ଓ ଶୁଭଶ୍ରୀ ନାୟକଙ୍କ ପ୍ରେରଣାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଶିକ୍ଷଣୀୟ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଚାରକ ଭାବେ ବାପୁଜୀ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଦେବପ୍ରସାଦ ଦାସ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଚଳିତ ବର୍ଷ ଦଶମଶ୍ରେଣୀର ଛାତ୍ର ଆୟୁଷ୍ମାନ ବେହେରା ଭବିଷ୍ୟମୁଖୀ ପରିବହନ ପ୍ରକଳ୍ପ ପାଇଁ ପ୍ରଥମସ୍ଥାନ ଅଧିକାର କରିଥିଲା ବେଳେ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ପ୍ରଜ୍ଞାପରମିତା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟାଳୟ ସହକାରୀ ଦୀପ୍ତିଭାନୁ ପଟ୍ଟନାୟକ, ଶିକ୍ଷୟିତ୍ରୀ ମାଧବୀଦତ୍ତା ବେହେରା, ମନୋରଞ୍ଜନ ଦଳାଇଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



କିଶନନଗର,୨୮।୧୧(ସମିସ): କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ଅର୍ଛିଲ ଗ୍ରାମର ଗ୍ରାମଦେବତୀ ମା' କୋଚିଲେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଇଁ ମହାନଦୀରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କଲା ପରେ ଯାଜ୍ଞିକ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟକ୍ରମ କରାଯାଇଥିଲା।

# ବକ୍ସି ଲୋକନାଥ ପଟ୍ଟନାୟକ ମେଧାବୀ ସମ୍ମାନ ଉତ୍ସବ




ବଡ଼ମ୍ବା,୨୮।୧୧(ସମିସ): ବଡ଼ମ୍ବା ବ୍ଲକରେ ବକ୍ସି ଲୋକନାଥ ପଟ୍ଟନାୟକ ମେଧାବୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବୈକୁଣ୍ଠ ସ୍ମୃତି ସଦନରେ ବକ୍ସି ଲୋକନାଥ ପଟ୍ଟନାୟକ ସ୍ମାରକୀ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଦୁର୍ଯ୍ୟୋଧନ ବରାଳ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଗୋପବନ୍ଧୁ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପରେଶ ପଟ୍ଟନାୟକ, ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବିନୟକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଚଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ଏ-୧ ଗ୍ରେଡରେ ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହିତ କର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ସନାତନ ବେହେରା, ଶିକ୍ଷାବିତ ଜଗନ୍ନାଥ ବାରିକ, ଧନେଶ୍ୱର ସ୍ୱାଇଁ, ଶିବନାରାୟଣ ମିଶ୍ର, ମନମୋହନ ରାଉତ, ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ, କାଳନ୍ଦୀଚନ୍ଦ୍ର ମିଶ୍ର, କାର୍ତ୍ତିକଚନ୍ଦ୍ର ପୁହାଣ, କୃଷ୍ଣଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ବିଭୁଦତ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ଅଶୋକ ଧଳ ମଞ୍ଚ ସଂଯୋଜନା କରୁଥିଲେ। ଟ୍ରଷ୍ଟର ଉପଦେଷ୍ଟା ପ୍ରାଧ୍ୟାପିକା ଡ. ପ୍ରିୟମ୍ବଦା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଟାଙ୍ଗୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଟାଙ୍ଗୀ,୨୮।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ ବିଲକେଶ ପରବିନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ ଲଳିତେନ୍ଦୁ ଦାସ ଆରିଷ୍ଟୋଟଲ ରାଜନୀତି ବିଜ୍ଞାନର ଜନକ ଶୀର୍ଷକ ଆଲୋଚନା କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପକ ଶରତଚନ୍ଦ୍ର ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ପ୍ରମୋଦିନୀ ପାଗଳ ସଭା ପରିଚାଳନା ଓ ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ସ୍ମିତିପ୍ରଜ୍ଞା ସାହୁ, ଝୁନୁ ସାହୁ ଓ କୌଶଲ୍ୟା ଜଟ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ପ୍ରାଧ୍ୟାପିକା ଅନିମା କରଙ୍କୁ ଶ୍ରଦ୍ଧାଞ୍ଜଳି



ମାହାଙ୍ଗା,୨୮।୧୧(ସମିସ): ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ୱନାମଧନ୍ୟ ବେତାର କଣ୍ଠଶିଳ୍ପୀ ପ୍ରାଧ୍ୟାପିକା ସ୍ୱର୍ଗୀୟା ଅନିମା କରଙ୍କ ୨ୟ ବାର୍ଷିକ ପୁଣ୍ୟତିଥୀ ଅବସରରେ ମାହାଙ୍ଗା ଅଞ୍ଚଳର ବନ୍ତଳା ଗ୍ରାମସ୍ଥିତ ଶରତ କର ଓ ଅନିମା କର ଫାଉଣ୍ଡେସନ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଛି। ମାହାଙ୍ଗା ମୈତ୍ରୀ ମଞ୍ଚର ସମ୍ପାଦକ ଅବନୀଚନ୍ଦ୍ର ଦାସ ସଭାପତିତ୍ୱରେ ସ୍ୱର୍ଗୀୟା ଅନିମା କରଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟ, ଧୂପ ଓ ଦୀପାର୍ଘ୍ୟ ଅର୍ପଣ କରି ମାହାଙ୍ଗାର ପୂର୍ବତନ ବିଧାୟକ, ଓଡ଼ିଶାର ପ୍ରାକ୍ତନ ମନ୍ତ୍ରୀ, ତଥା ବିଧାନସଭା ବାଚସ୍ପତି ଶରତ କୁମାର କରଙ୍କ କେବଳ ସହଧର୍ମିଣୀ ନୁହେଁ ବରଂ ଜଣେ ଛାତ୍ରବତ୍ସଳା ପ୍ରାଧ୍ୟାପିକା ତଥା ଆକାଶବାଣୀ, କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ସୁଗାୟିକା ଭାବେ ଅନିମା କର ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଫାଉଣ୍ଡେସନ ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କର ନିଜ ବକ୍ତବ୍ୟରେ ମାତୃସ୍ମୃତି ଚାରଣ କରିବା ସହିତ ତାଙ୍କ ମହାର୍ଘ ଗୁଣାବଳି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଅଜିତ ସାହୁ ଏବଂ ଶରତ କର ଓ ଅନିମା କର ଫାଉଣ୍ଡେସନର କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ବୃନ୍ଦ ଯୋଗ ଦେଇଥିଲେ।

# ବାଜ୍ୟାପ୍ତି କରାଯିବ ୫ ଅଭିଯୁକ୍ତଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି

ସାଲେପୁର,୨୮।୧୧(ସମିସ): ସାଲେପୁର ଥାନାଞ୍ଚଳରେ ଚୋରି, ଡକାୟତି, ଦୁଷ୍କର୍ମ, ରାହାଜାନୀ, ଠକେଇ ଇତ୍ୟାଦି ବିଭିନ୍ନ ଅଭିଯୋଗରେ ୨୦୧୮ରୁ ଅଦ୍ୟାବଧି ୭ବର୍ଷ ଧରି ୫ଜଣ ଅଭିଯୁକ୍ତ ଭିନ୍ନ ଭିନ୍ନ କୋର୍ଟରେ ହାଜର ହେଉ ନ ଥିବାରୁ କୋର୍ଟ ପକ୍ଷରୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇଛି ବୋଲି ସାଲେପୁର ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି। ମାଳ ଲେଖନପୁରର ସୁନିଲ କୁମାର ମଲ୍ଲିକ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ହୋଇଥିବାବେଳେ କୋର୍ଟରେ ଦୀର୍ଘଦିନ ଧରି ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେଉନାହାନ୍ତି। ସେହିପରି ରାଇସୁଙ୍ଗୁଡ଼ାର ଦୀପକ ମିଶ୍ର, ଜଗନ୍ନାଥପୁରର ସୟଦ ରସିଦ୍, ବୋଦାମୁଣ୍ଡାଇର ରାମଚନ୍ଦ୍ର ଜେନା, ଭୀମଦାସପୁରର ପୂର୍ବତନ ଶିକ୍ଷକ ଅକ୍ଷୟ ପରିଡ଼ା ଠକେଇ ସମେତ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ଥାଇ କୋର୍ଟର ନୋଟିସ୍‌କୁ ଉପେକ୍ଷା କରିବା ଏବଂ କୋର୍ଟରେ ହାଜର ନ ହେବା କାରଣରୁ ସାଲେପୁର ପୁଲିସ ପକ୍ଷରୁ ଏ ସଂପର୍କରେ ଅଭିଯୁକ୍ତଙ୍କ ଘର ସାମ୍ନା ଓ ବିଭିନ୍ନ ଛକରେ ନୋଟିସ ମରାଯିବା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ସେମାନଙ୍କୁ ଅବଗତ କରାଯାଇଛି। ଅପରାଧୀଙ୍କୁ କୋର୍ଟ ଦେଇଥିବା ନିର୍ଦ୍ଧାରିତ ସମୟରେ ହାଜର ନ ହେଲେ ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ପୁଲିସଠାରୁ ସୂଚନା ମିଳିଛି।

# ୨୨ଟି ଛେଳି ଚୋରି ଅଭିଯୋଗ

ଟାଙ୍ଗୀ,୨୮।୧୧(ସମିସ): ଟାଙ୍ଗୀ ଥାନା ବିଶ୍ୱାଳି ଫାଣ୍ଡି ଅଧୀନସ୍ଥ ଗରୁଡ଼ଗାଁ ଗ୍ରାମର ବେଣୁଧର ମଲ୍ଲିକଙ୍କ ଗୁହାଳୁ ବୁଧବାର ରାତିରେ ୨୨ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ଫାଣ୍ଡି ଅଧିକାରୀ ତଦନ୍ତ କରିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ଚୋରି ହୋଇଥିବା ଛେଳିଙ୍କ କୌଣସି ସନ୍ଧାନ ମିଳି ନାହିଁ। ଚୋରି ହୋଇଥିବା ଛେଳିଙ୍କ ମୂଲ୍ୟ ଦେଢ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସେହିପରି କିଛିଦିନ ପୂର୍ବରୁ ବ୍ରହ୍ମପୁର ପଞ୍ଚାୟତ ଖରିଆପଦା ଗ୍ରାମର ତିନି ଜଣଙ୍କ ଘରୁ ଛେଳି ଚୋରି ହୋଇଛି। ପୁଲିସ ପ୍ରଶାସନ ପକ୍ଷରୁ ରାତି ସମୟରେ ପାଟ୍ରୋଲିଂକୁ କଡାକଡି କରିବାକୁ ଅଞ୍ଚଳରେ ଦାବି ହେଉଛି।


## ସାର ଦୁର୍ନୀତି ତଦନ୍ତରେ ପାତରଅନ୍ତର ନୀତି

# ପୁନଃ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ସାଲେପୁର,୨୮।୧୧(ସମିସ): ଚାଟେଶ୍ୱର ସମବାୟ ସମିତିରେ ସାର ଦୁର୍ନୀତିର ତଦନ୍ତରେ ପାତରଅନ୍ତର କରାଯାଇଥିବା ଅସନ୍ତୋଷ ପ୍ରକାଶ କରି ଏହି ଘଟଣାର ପୁନଃତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ କେତେକ ଗ୍ରାମବାସୀ ଓ ଚାଷୀ ଅଭିଯୋଗ କରିଥିବା ଜଣାଯାଇଛି। ଗତ ଅକ୍ଟୋବରରେ ସଉରୀ ପଞ୍ଚାୟତର ଚାଟେଶ୍ୱର ସେବା ସମବାୟ ସମିତିରେ ରାତିଅଧିଆ ସାର ଚୋରାଚାଲାଣ କରାଯିବା ଓ ବସ୍ତାପ୍ରତି ମାତ୍ରାଧିକ ଟଙ୍କା ଆଦାୟ କରିଥିବା ସଂପର୍କରେ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର କଟକ ସମବାୟ ବିଭାଗର ସବ୍‌ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, କୋଅପରେଟିଭ୍ ସୋସାଇଟି ଗାୟତ୍ରୀ ବେହେରା ଏବଂ ସନ୍ଦୀପ ବେହେରାଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଟିମ୍ ଏହି ଘଟଣାରେ ତଦନ୍ତ କରିବାକୁ ଚାଟେଶ୍ୱର ସେବା ସମବାୟ ସମିତିକୁ ଆସିଥିବାବେଳେ ପ୍ରକୃତରେ ଅଭିଯୋଗ କରିଥିବା ଚାଷୀମାନଙ୍କୁ ଡକା ନ ଯାଇ ସମବାୟ ସମିତିର କର୍ମକର୍ତ୍ତାଙ୍କ କିଛି ସମର୍ଥକଙ୍କୁ ଡକାଯାଇ ତଦନ୍ତ କରାଯିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀ ଓ ଗ୍ରାମବାସୀ ଏହି ଖବର ବିଳମ୍ବରେ ଜାଣିବା ପରେ ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ଏହାର ପୁନଃ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ନଚେତ୍ ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସମବାୟ ବିଭାଗର ଉଚ୍ଚ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟାଳୟକୁ ଆସି ଏକ ପାଖିଆ ତଦନ୍ତ କରି ଫେରିଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ସାଲେପୁର ପୁଲିସ ପହଞ୍ଚି ଏହାର ସମାଧାନ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ଚାଟେଶ୍ୱର ସେବା ସମବାୟ ସମିତିର ସଂପାଦକ ରୂପେ ଜିତେନ୍ଦ୍ର କୁମାର ନାୟକଙ୍କୁ ନିଯୁକ୍ତି ମିଳିଥିବାବେଳେ ତାଙ୍କର ଶରୀର ଅସୁସ୍ଥ ଥିବାରୁ ଦୀର୍ଘଦିନ ଧରି ଏଠାରେ ସେ ଅନୁପସ୍ଥିତ ରହୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଏଠାରେ ନିଯୁକ୍ତି ପାଇଥିବା ଡାଟା ଏଣ୍ଟ୍ରି ଅପରେଟର ଚନ୍ଦନ ବେହେରା ସୋସାଇଟିର ସମସ୍ତ କାର୍ଯ୍ୟ କରିଆସୁଥିବାବେଳେ ସୋସାଇଟିର ବହୁ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ଏହି ଘଟଣାରେ ସ୍ୱତନ୍ତ୍ର ଭାବରେ ଜିଲ୍ଲାପାଳ ଭିଜିଲାନ୍ସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

THE SAKALA

# ସମ୍ପାଦକୀୟ



ନିର୍ବୋଧତା ପାଇଁ କୋଣସି ପ୍ରତିଷେଧକ ଟିକା ନାହିଁ!
-ଆଲବର୍ଟ ଆଇନଷ୍ଟାଇନ

## ଟାରିଫ୍ ଦ୍ୱନ୍ଦ୍ୱ ଦୂର ହେଉ

ରାଜ୍ୟର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀ ଅନୁମୋଦିତ ଦର ଠାରୁ ୟୁନିଟ୍ ପିଛା ଅତିରିକ୍ତ ୩୬ ପଇସା ଲେଖାଏଁ ଆଦାୟ କରିଥିବା ଅଭିଯୋଗ ହୋଇଛି। ଓଇଆରସି ୟୁନିଟ ପିଛା ବିଦ୍ୟୁତ୍ ଶୁଳ୍କ ୫ ଟଙ୍କା ୬୭ ପଇସା ଧାର୍ଯ୍ୟ କରି ଥିବା ବେଳେ ଟାଟା ପାୱାରର ୪ଟି ବିତରଣ କଂପାନୀ ଉପଭୋକ୍ତାଙ୍କ ଠାରୁ ୟୁନିଟ ପିଛା ୬ ଟଙ୍କା ୩ ପଇସା ଆଦାୟ କରୁଥିଲେ। ଏଥିସହିତ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ମାର୍ଟ ମିଟର ମାଧ୍ୟମରେ ଅତିରିକ୍ତ ଶକ୍ତି ବ୍ୟବହୃତ ହେଉଥିବା ଦର୍ଶାଇ ଟାଟା ପାୱାର ଶୁଳ୍କ ଆଦାୟ କରୁଥିବା ଅଭିଯୋଗର ବୈଷୟିକ ଦିଗ ସଂପର୍କରେ ଆମର ଧାରଣା କମ। ତେବେ ଅଭିଯୋଗର କିଛିଟା ଆଧାର ଯେ ରହିଛି ଏହା ସତ। ଦୁଇ ପ୍ରକାର ମିଟରରେ ରହୁଥିବା ପାର୍ଥକ୍ୟକୁ ଅଣଦେଖା କରାଯାଇପାରିବ ନାହିଁ।

ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମ୍ପାନୀ ସ୍ୱଷ୍ଟୀକରଣରେ କହିଛି ଯେ ବିତରକ କମ୍ପାନୀମାନେ ଓଇଆର୍‌ସି ଦ୍ୱାରା ଅନୁମୋଦିତ ଓ ବିଜ୍ଞାପିତ ବିଦ୍ୟୁତ ଟାରିଫ୍ ଅନୁଯାୟୀ ହିଁ ୟୁନିଟ୍ ପିଛା ଶୁଳ୍କ ଆଦାୟ କରେ। ପ୍ରତିବର୍ଷର ଟାରିଫ୍ ନିର୍ଦ୍ଦେଶନାମା ଓଇଆରସି ୱେବସାଇଟରେ ସାର୍ବଜନୀନ ଭାବେ ଉପଲବ୍ଧ ଅଛି, ଯାହାକୁ କୌଣସି ଉପଭୋକ୍ତା ନିଜ ବିଲ୍ ସହ ସହଜରେ ମେଳ କରିପାରିବେ। ତେବେ କମ୍ପାନୀ ଆହୁରି କହିଛି ଯେ ଖବରରେ ଉଲ୍ଲେଖ ହୋଇଥିବା ଅତିରିକ୍ତ ୩୬ ପଇସା ନିୟନ୍ତ୍ରକ ଅନୁମୋଦିତ ସର୍ବମାଧ୍ୟମିକ ହାର ଓ ବିତରକ କମ୍ପାନୀମାନଙ୍କର ବାସ୍ତବ ବିଲିଂ ମଧ୍ୟରେ ଥିବା ତଫାତ୍। ବାସ୍ତବ ସପ୍ଲାଏ ମୂଲ୍ୟ ଅନୁଯାୟୀ ଏମିତି ତଫାତ୍ ପ୍ରାୟତଃ ହୋଇଥାଏ ଏବଂ ପରବର୍ତ୍ତୀ ଟ୍ରୁ–ଅପ୍ ଭିତରେ ସମନ୍ୱୟ ହୋଇଯାଏ ଆମର କହିବା କଥା ହେଲା ତେବେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଭ୍ରମାତ୍ମକ ହେଲା କିପରି? ବୈଷୟିକ ହିସାବ ପରିଚାଳନାରେ ଥିବା ଜଟିଳତା ଜଣେ ଉପଭୋକ୍ତା ପକ୍ଷରେ ବୁଝିବା କଷ୍ଟକର। ଧାର୍ଯ୍ୟ ଅନୁମୋଦିତ ଓ ବିଦ୍ୟୁତ୍ ବିଲ୍‌ରେ ଥିବା ଟାରିଫ୍ ଦୃଷ୍ଟିରେ ପଡ଼ିବା ପରେ ସେ ଅଭିଯୋଗ କରିବା ସ୍ୱାଭାବିକ।

ଏଠାରେ ଆଉ ଗୋଟିଏ ଦିଗ ସଂପର୍କରେ ଉଲ୍ଲେଖ କରିବାକୁ ଆମେ ଉଚିତ ମନେ କରୁଛୁ। ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଶକ୍ତି ଯୋଗାଣ ପ୍ରତିଶ୍ରୁତି ପୂରଣ କରିବାରେ ଟାଟା ପାୱାର ବିଫଳ ହୋଇଛି। ନାନା କାରଣ ଦର୍ଶାଇ ଲାଇନ କାଟିବା ଏକ ନିୟମିତ ଧାରାରେ ପରିଣତ ହୋଇଛି। ଏସବୁ ବାଦ ଆମକୁ ସ୍ୱୀକାର କରିବାକୁ ହେବ ଯେ ବିଦ୍ୟୁତ୍ ପରିବହନ ଓ ଯୋଗାଣ ଭିତ୍ତିଭୂମି କ୍ରମେ ସୁଦୃଢ଼ ହୋଇଛି। ସେହିଭଳି ସରବରାହ କ୍ଷତି ମଧ୍ୟ ଅନେକଟା ହ୍ରାସ ପାଇଛି। ସର୍ବୋପରି ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଇଥିବା ଅଧିକ ଶୁଳ୍କ କିଭଳି ଓ କେଉଁ ଧାରାରେ ଭରଣା କରାଯିବ ତାହା ସ୍ଥିରୀକୃତ ହେବା ଆବଶ୍ୟକ। ଆସନ୍ତା ଟାରିଫ ନିର୍ଣ୍ଣୟ ବେଳେ ଏହି ପ୍ରସଙ୍ଗର ନିଶ୍ଚୟ ସ୍ୱତନ୍ତ୍ର ଗୁରୁତ୍ୱ ରହିବ। ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଟାଟା ପାୱାରର ସ୍ୱଷ୍ଟୀକରଣରେ ମଧ୍ୟ କିଛିଟା ଦ୍ୱନ୍ଦ୍ୱ ରହୁଛି। ଏହି ଦ୍ୱନ୍ଦ୍ୱ ଦୂର ହେବା ନିହାତି ଆବଶ୍ୟକ। ଏ ଦିଗରେ ସରକାରୀ ହସ୍ତକ୍ଷେପ ନିହାତି ଆବଶ୍ୟକ। ●

## ଦୁର୍ଲ୍ଲଭ ହେବ ସୁଲଭ

ବିଶ୍ୱର ୬୦ ପ୍ରତିଶତ ବିରଳ ମୃତ୍ତିକା ଚୀନ ନିୟନ୍ତ୍ରଣରେ ରହିଛି। ଏପରିକି ତାହାର ୯୦ ପ୍ରତିଶତ ଶୋଧନ କ୍ଷମତାବଳରେ ବ୍ୟବହାର ଉପଯୋଗୀ ସ୍ଥାୟୀ ଚୁମ୍ବକ ମଧ୍ୟ ପ୍ରସ୍ତୁତ କରୁଛି। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସାମଗ୍ରୀ, ସୌର ଶକ୍ତି, ବିଦ୍ୟୁତ ଚାଳିତ ଗାଡ଼ି, ମହାକାଶ ଯାନ, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ଯନ୍ତ୍ରାଂଶ ନିର୍ମାଣରେ ଏହାର ପ୍ରୟୋଗ ପାଇଁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଙ୍କୁ ଚୀନ ଉପରେ ନିର୍ଭର କରିବାକୁ ପଡୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଥମ ଶିକାର ଚୀନ ହୋଇଥିଲେ ମଧ୍ୟ ବିରଳ ମୃତ୍ତିକା ପ୍ରସଙ୍ଗକୁ ନେଇ ସେ ନରମି ଯିବାକୁ ବାଧ୍ୟ ହୋଇଥିଲେ। ଗତ ଏପ୍ରିଲରେ ଭାରତକୁ ଏହା ଯୋଗାଇବାରେ ଚୀନ କଟକଣା ଲଗାଇବା ପରେ ଅଟୋମୋବାଇଲ ଓ ଇଲେକ୍ଟ୍ରୋନିକ୍ କ୍ଷେତ୍ରରେ ଶୀଥିଳତା ପରିଲକ୍ଷିତ ହୋଇଛି। ଏକ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛି ସେହି ପ୍ରକଳ୍ପକୁ କେନ୍ଦ୍ର ସରକାର ୭.୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ଏଦିଗରେ କାନାଡ଼ାର ସହଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି। ଜି-୨୦ ଶିଖର ସମ୍ମିଳନୀ ପ୍ରେକ୍ଷାପଟ୍ଟରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ସକାରାତ୍ମକ ଆଲୋଚନା ବେଶ ଫଳପ୍ରଦ ହୋଇଛି। ୭୦ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। କାନାଡ଼ାକୁ ୫୧ ତମ ରାଜ୍ୟରେ ପରିଣତ କରି ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ସେଠିକାର ରାଜ୍ୟପାଳ ଦାୟିତ୍ୱ ଦିଆଯିବ ବୋଲି ଟ୍ରମ୍ପ କରିଥିବା ଖୋଲାଖୋଲି ଘୋଷଣା ପରେ ପରେ ଦୁଇ ରାଷ୍ଟ୍ରମଧ୍ୟରେ ସଂପର୍କ ଏକପ୍ରକାର ତୁଟି ଯାଇଛି। ଶିଖ ଉଗ୍ରପନ୍ଥୀ ଖାଲିସ୍ଥାନୀଙ୍କୁ ନେଇ ଭାରତ ଓ କାନାଡ଼ା ମଧ୍ୟରେ ଯେଉଁ ବିବାଦର ସୂତ୍ରପାତ ହୋଇଥିଲା ତାହାକୁ ପଛରେ ପକାଇ ଏବେ ଦୁଇପକ୍ଷ ସଂପର୍କର ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି। ବିଶେଷ କରି ଟ୍ରୁଡୋଙ୍କ ପରେ କାର୍ଣ୍ଣେ ରାଷ୍ଟ୍ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ ଦେଇ ଜଣେ ପ୍ରଗତିଶୀଳ ନେତା ରୂପେ ଆବଶ୍ୟକସ୍ଥଳେ କୋହଳ ନୀତି ଅବଲମ୍ବନ କରିବାକୁ ଆଗେଇ ଆସିଛନ୍ତି। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ କାନାଡ଼ାରେ ମହଜୁଦ୍ ଥିବା ଦୁର୍ଲଭ ଖଣିଜକୁ ଏକ୍ଷେତ୍ରରେ ବ୍ୟବହାର କରିବାର ସୁଯୋଗ ରହିଛି ବୋଲି ଅବଗତ କରାଇବା ପରେ ମଞ୍ଜୁରୀ ଲାଭ କରିଥିବା ନୂତନ ପ୍ରକଳ୍ପର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏହି ସମନ୍ୱିତ ବିରଳ ମୃତ୍ତିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱରେ ଅନ୍ୟତମ ପ୍ରମୁଖ ପ୍ରତିଯୋଗୀ ଭାବେ ଉଭା ହେବ।

ସମସ୍ୟା ବା ସଂକଟ ସୃଷ୍ଟି ନହେଲେ ସ୍ଥିତି ସମ୍ଭାଳିବାକୁ ବିକଳ୍ପ ଖୋଜିବାର ଆବଶ୍ୟକତା ପଡ଼େନି। ଚୀନ ଉପରେ ନିର୍ଭର କରି ଶିଳ୍ପାୟନର ପ୍ରଗତି ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ଦେଖାଯାଇପାରିବ ନାହିଁ। ସମୟ ବଦଳିଛି। ଟ୍ରମ୍ପଙ୍କ ସହ ମନ ଅମେଳ ହେବାରୁ ବାଣିଜ୍ୟର ନୂଆକ୍ଷେତ୍ର ପାଇଁ ଉଦ୍ୟମ ଆରମ୍ଭ ହେଲା ଏବଂ ତାହା କ୍ରମେ ସଫଳତାର ନିକଟବର୍ତ୍ତୀ ହେଉଛି। ଏହି ପ୍ରକଳ୍ପର ଭବିଷ୍ୟତ ନେଇ ଏବେଠାରୁ କିଛି କହିହେବନି। ତେବେ ଏହା ଯେ ଏକ ଭଲ ପ୍ରୟାସ ଏଥିରେ କେହି ଦ୍ୱିମତ ହେବେ ନାହିଁ। ●

# ସାଂପ୍ରତିକ ସମାଜରେ ନିର୍ଯାତନାର ପରିଭାଷା

ଡକ୍ଟର ଅଭିମନ୍ୟୁ ବରାଳ

ଆମ ସମାଜରେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିର୍ଯାତନା ଶିକାର ହେଉଛନ୍ତି। ନିର୍ଯାତିତ ଉଭୟ ମହିଳା ଓ ପୁରୁଷ ନ୍ୟାୟ ପାଇବା ପାଇଁ ହକ୍‌ଦାର। ତେଣୁ ନିର୍ଯାତନାର ଶିକାର ହେଉଥିବା ପୁରୁଷମାନଙ୍କ ପାଇଁ ମଧ୍ୟ ଏକ ପୁରୁଷ ଆୟୋଗ ଗଠନ ହେବାର ଏବଂ ଏଥିପାଇଁ ପୁରୁଷମାନେ ଏକଜୁଟ୍ ହୋଇ ଦାବି କରିବାର ବେଳ ଆସିଛି ବୋଲି ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି। ସାମ୍ପ୍ରତିକ ସମୟର ଆହ୍ୱାନ ଦୃଷ୍ଟିରୁ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ଓ ମନ୍ତବ୍ୟ ନିତାନ୍ତ ସ୍ୱାଗତଯୋଗ୍ୟ ଓ ଅପରିହାର୍ଯ୍ୟ। ଏହି ପୃଷ୍ଠଭୂମିରେ ଆମ ପୁରୁଷକେନ୍ଦ୍ରିକ ସମାଜରେ ହିଁ ପୁରୁଷମାନେ କିଭଳି ନିର୍ଯାତିତ ସେ ବିଷୟରେ ଏକ ଆଲୋଚନାର ଅପେକ୍ଷା ରଖେ।

ଭାରତୀୟ ପରମ୍ପରାରେ ବୈଦିକ ଯୁଗରୁ ନାରୀ ଏକ ସମ୍ମାନାସ୍ପଦ ଆସନର ଅଧିକାରିଣୀ। ମନୁ, ପରାଶର ପ୍ରଭୃତି ଋଷିମୁନିମାନେ ନାରୀଙ୍କୁ ବହୁତ ସମ୍ମାନ ଦେଇଛନ୍ତି। ମନୁ କହିଛନ୍ତି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା।' ଅର୍ଥାତ୍ ଯେଉଁଠାରେ ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତାମାନେ ସନ୍ତୁଷ୍ଟ ହୋଇଥା'ନ୍ତି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ନାରୀ ସର୍ବତ୍ର ଅବହେଳିତା, ଲାଞ୍ଛିତା, ନିଷ୍ପେସିତା ଓ ପଦଦଳିତା ହେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଲିଙ୍ଗଗତ ବୈଷମ୍ୟର ଶିକାର ନାରୀ ଆବାହମାନ କାଳରୁ ହୋଇ ଆସିଛି। ଏହି ଅସମାନତା ବିରୁଦ୍ଧରେ ସମାଜ ସଂସ୍କାରକଗଣ ବର୍ଷ ବର୍ଷ ଧରି ସଂଘର୍ଷ କରିବା ଦ୍ୱାରା ନାରୀ ସମାଜରେ ଏକ ସମ୍ମାନିତ ଆସନ ପାଇବାକୁ ହକଦାର ହୋଇପାରିଛି।

ପୁରୁଷ ପ୍ରଧାନ ସମାଜରେ କିନ୍ତୁ କେବଳ ନାରୀ ଯେ ନିର୍ଯାତନାର ଶିକାର ହୋଇଛି, ତା ନୁହେଁ। ପୁରୁଷ ମଧ୍ୟ ନାରୀ ଦ୍ୱାରା ବହୁଳ ଭାବରେ ନିର୍ଯାତିତ ହୋଉଛି। ସଂପ୍ରତି ସମାଜରେ ପୁରୁଷ ନିର୍ଯାତନା ଏକ ଧାରାରେ ପରିଣତ ହୋଇଯାଇଛି। ଏଥିପାଇଁ ନାରୀର ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା, ଅର୍ଥଲୋଭ ନାରୀ ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳିତା ଦାୟୀ। ବିବାହ ପରେ ପୁରୁଷ ନିର୍ଯାତନା ଏକ ବଡ଼ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ପୁରୁଷ ପ୍ରତି ଏତେ ନିର୍ଯାତନା କରାଯାଉଥିଲେ ମଧ୍ୟ ଲୋକଲଜ୍ଜାକୁ ଡରି ସେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବା ଭୟରେ ନିରବ ରୁହେ। ଯଦି ପାଟି ଖୋଲି ଦେବ ତେବେ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହେବ। ତେଣୁ ନିଜକୁ ତିଳ ତିଳ କରି ଦହନ କରି ମଧ୍ୟପୁରୁଷ ନିରବତା ଅବଲମ୍ବନ କରୁଛି। ବେଳେ ବେଳେ ଏସବୁକୁ ସହ୍ୟ କରି ନ ପାରି ପୁରୁଷ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ପଥକୁ ଆବୋରି ନେଉଛି। କାରଣ ନାରୀର ଅଭିଯୋଗକୁ ସମାଜରେ ସମସ୍ତେ ଗ୍ରହଣ କରିବେ। କିନ୍ତୁ ପୁରୁଷର ଅଭିଯୋଗ ସତ୍ୟ ହୋଇଥିଲେ ମଧ୍ୟ କେହି ବିଶ୍ୱାସ କରିବେ ନାହିଁ। ବେଙ୍ଗାଲୁରୁର କମ୍ପ୍ୟୁଟର ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା, ଇନ୍ଦୋରର ନବ ବିବାହିତ ରାଜାରଘୁବଂଶୀଙ୍କ ହତ୍ୟା, କର୍ଣ୍ଣାଟକର ଜଣେ ଡି.ଜି.ପିଙ୍କ ହତ୍ୟା ଆଦି କେତୋଟି ଉଦାହରଣମାତ୍ର।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟାନୁଯାୟୀ ପୁରୁଷ ଆତ୍ମହତ୍ୟା ଖୁବ୍ ଅଧିକ। ବିବାହ ପରର ସଂପର୍କ, ଯୌତୁକ ଜନିତ ଅଭିଯୋଗ, ଅର୍ଥଲୋଭ, ସନ୍ତାନହୀନତା ଏହାର ମୂଳ କାରଣ। ୨୦୨୦ ମସିହାରେ ଘଟିଥିବା ଆତ୍ମହତ୍ୟା ଘଟଣାର ୭୧% ଭାଗ ପୁରୁଷ ଆତ୍ମହତ୍ୟା ଘଟଣା। ହିସାବରୁ ଜଣାପଡ଼େ ଯେ, ପାଞ୍ଚ ବର୍ଷ ମଧ୍ୟରେ ପାଞ୍ଚଟି ଉତ୍ତର-ଭାରତୀୟ ରାଜ୍ୟରେ ୭୮୫ ଜଣ ପତି, ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଜାତୀୟ ଚିକିତ୍ସା ଅନୁସନ୍ଧାନ ସର୍ବେକ୍ଷଣରୁ ଜଣାପଡ଼େ ୧୦୦୦ ଉତ୍ପୀଡ଼ନ ଘଟଣାରେ ୫୧୫ ଜଣ ପୁରୁଷ ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଭାରତରେ ପତ୍ନୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ପୁରୁଷଙ୍କ ସଂଖ୍ୟା ୩କୋଟି। ଏହା ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ହିସାବରୁ ଜଣାପଡ଼ିଛି। ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା, କେବଳ ଭାରତର ନୁହେଁ। ଇଂଲଣ୍ଡରେ ପ୍ରତି ତିନି ଜଣରେ ଜଣେ ପୁରୁଷ ପାରିବାରିକ ହିଂସାର ଶିକାର ହେଉଛନ୍ତି। ସମୁଦାୟ ଉତ୍ପୀଡ଼ନ ଅଭିଯୋଗରୁ ୨୦% ଭାଗ ପୁରୁଷ ଉତ୍ପୀଡ଼ନ। ସେହିପରି ଭୁଟାନ୍, ଆମେରିକା ଓ ଫିନ୍‌ଲ୍ୟାଣ୍ଡ ପ୍ରଭୃତି ରାଜ୍ୟରେ ପୁରୁଷ ଉତ୍ପୀଡ଼ନ ମଧ୍ୟ ଉଗ୍ରରୂପ ଧାରଣ କରିଛି।

ପୁରୁଷ ନିର୍ଯାତନାର ମୁଖ୍ୟ କାରଣ ହେଲା ଘରୋଇ ହିଂସା। ସଂପ୍ରତି ମହିଳାମାନେ ଯୌତୁକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଅବହେଳା ଆଦିର ଅଭିଯୋଗ ଆଣି ସ୍ୱାମୀ, ଶ୍ୱଶୁର, ଶାଶୂ, ନଣନ୍ଦ ପ୍ରଭୃତିଙ୍କୁ ମିଛ ମାମଲାରେ ଲହୁଲୁହାଣ କରୁଛନ୍ତି। ମହିଳାମାନଙ୍କର ସେହି ଭୟଙ୍କର ନାଗଫାଶରୁ ବର୍ତ୍ତିବା ସହଜ ନୁହେଁ। ଛାଡ଼ପତ୍ର ମାମଲାରେ ଭରଣପୋଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଏବଂ ସ୍ୱାମୀଙ୍କ ସମ୍ପତ୍ତିରୁ ଓ ଦରମାରୁ ଅଧେ ଭାଗ ଦାବି କରିବା ସହିତ ଝିଅମାନଙ୍କର ଅର୍ଥ ଉପାର୍ଜନର ଏହା ଏକ ସହଜ ପନ୍ଥା ହୋଇଛି। ଆମର ଆଇନ ବ୍ୟବସ୍ଥା ଏପରି ହୋଇଛି ଯେ, ତାହା ମହିଳାମାନଙ୍କ ସପକ୍ଷରେ ଯିବ। ଏପରିକି ସ୍ୱାମୀ ମଧ୍ୟ ଜେଲ ଯାଇପାରେ। ଅନେକ ମିଥ୍ୟା ମାମଲାରେ ବିଚାରପତିମାନେ ସତ୍ୟାସତ୍ୟ ଜାଣିବା ପରେ ଅଭିଯୋଗକାରିଣୀଙ୍କୁ ଭର୍ତ୍ସନା କରିଥା'ନ୍ତି। କିନ୍ତୁ ଏପରି ବିଚାରପତି ବା କେତେଜଣ ଅଛନ୍ତି? ସମ୍ପ୍ରତି ସ୍ୱାମୀର ରୋଜଗାରକୁ ଦେଖି ଭରଣପୋଷଣ ଅର୍ଥରାଶି ଧାର୍ଯ୍ୟ ହେବା ନିତାନ୍ତ ଆବଶ୍ୟକ। ସ୍ୱାମୀ-ସ୍ତ୍ରୀ ମଧ୍ୟରୁ ଛାଡ଼ପତ୍ର କିଏ ଚାହୁଁଛି ଅନୁସନ୍ଧାନ କରି ଅର୍ଥରାଶି ବିଚାର କରିବା ଦରକାର। ରୋଜଗାରିଆ ପୁଅଟି ପିତା, ମାତା, ଭାଇ, ଭଉଣୀ, ବନ୍ଧୁବାନ୍ଧବ ସବୁଠିକ୍ ଭାବରେ ବ୍ୟବସ୍ଥା କରି ନ ପାରିଲେ ସ୍ତ୍ରୀ ଓ ନିଜ ପିତାମାତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରି ନ ପାରିଲେ, ଘରେ ଅଶାନ୍ତି ସୃଷ୍ଟି ହେବ। ଶେଷରେ ପୁରୁଷଟି ଏସବୁ ସହ୍ୟ କରି ନ ପାରି ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ବାଛି ନେଇଥାଏ।

ପତିପତ୍ନୀଙ୍କ କଳହ ଉଗ୍ରରୂପ ଧାରଣ କରି ନ୍ୟାୟାଳୟରେ ପହଞ୍ଚିବା ପରେ ପୁରୁଷଟି ବିଚରା ଧାଇଁଧାଇଁ ନୟାନ୍ତ ହୋଇଯାଏ। ଧନହାନି ସହିତ ମନସ୍ତାପ ଓ ପ୍ରାଣପୀଡ଼ା ଭଳି ଘୋର ଅସୁବିଧାର ସମ୍ମୁଖୀନ ହୁଏ। ଯଦି କାରାବାସ ହୁଏ, ତେବେ ତ ଆହୁରି ଦୁଃଖ ବଢ଼ିଯାଏ। ଚାକିରି ହରାଇବା ସହିତ ଅର୍ଥାଭାବ ସାଙ୍ଗକୁ ସାମାଜିକ ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ। ଲୋକନିନ୍ଦା ଓ ଅପବାଦକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ। ବିଚାରପତି ସନ୍ତାନମାନଙ୍କୁ ପତ୍ନୀଙ୍କ ସହିତ ରହିବାକୁ ଆଦେଶ ଦିଅନ୍ତି। ସନ୍ତାନମାନଙ୍କୁ ପତ୍ନୀ ନିଜ ସ୍ୱାମୀଙ୍କ ସହିତ ମିଶିବାକୁ ଦିଏ ନାହିଁ। ଫଳରେ ପୁରୁଷଟି ଘୋର ଅବସାଦର ଶିକାର ହୋଇ ଆତ୍ମହତ୍ୟା ଭଳି ଦୁଃଖଦ ପଥ ବାଛି ନିଏ।

ସମାଜରେ ନାରୀର ସ୍ୱାଧୀନତା, ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ପାଇଁ ବହୁତ ଯୋଜନା କରାଯାଇଛି। ନାରୀ ସଶକ୍ତୀକରଣ ଓ ନିର୍ଯାତନା ନିବାରଣ ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି। ନାରୀକୁ ପୁରୁଷ ସହିତ ସମକକ୍ଷ କରାଯାଇଛି। କିନ୍ତୁ ଦେଖାଯାଇଛି ନାରୀମାନେ ଏହି ନିୟମର ଦୁରୁପଯୋଗ କରୁଛନ୍ତି। ନିୟମଗୁଡ଼ିକର ଅପବ୍ୟବହାର କରୁଛନ୍ତି। ନାରୀମାନଙ୍କର ମିଥ୍ୟା ଅଭିଯୋଗରେ ନିର୍ଦ୍ଦୋଷ ଯୁବକଟି କାରାଦଣ୍ଡଭୋଗ କରୁଛି। ଫୁଟୁ ନ ଫୁଟୁଣୁ କଢ଼ିଟି ନଷ୍ଟ ହୋଇଯାଉଛି। ତେଣୁ ନ୍ୟାୟିକ ପ୍ରକ୍ରିୟାରେ ଏକ ଭାରସାମ୍ୟ ବ୍ୟବସ୍ଥା କରିବା ଉଚିତ୍। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯୌତୁକ ଜନିତ ମାମଲା ୧୦% ଭାଗ ଓ ଦୁଷ୍କର୍ମ ଅଭିଯୋଗ ୫୦% ଭାଗ ମିଛ। ବାସ୍ତବରେ ଯେଉଁଠାରେ ନାରୀପ୍ରତି ଅନ୍ୟାୟ କରାଯାଉଛି ସେଠାରେ ଦୋଷୀ କଠୋର ଦଣ୍ଡ ପାଉ। କିନ୍ତୁ ଆଇନକୁ ଅସ୍ତ୍ର କରି ଜଣେ ନିର୍ଦ୍ଦୋଷ ଦଣ୍ଡ ପାଇବା ଉଚିତ୍ ନୁହେଁ। ଏହା ଅଧର୍ମ। ଏକ୍ଷେତ୍ରରେ ପୁରୁଷଟିକୁ ନିର୍ଦ୍ଦୋଷ କରି ସେହି ଅଭିଯୋଗକାରିଣୀ ପ୍ରତି ଦଣ୍ଡ ବିଧାନ ହେବା ଉଚିତ୍।

ପୁରୁଷପ୍ରଧାନ ଦେଶରେ ନାରୀକୁ ଅବଳା ଦୁର୍ବଳା କହି ସବୁ ଆଇନ୍ ତା' ସପକ୍ଷରେ ଯିବ ଏବଂ ନିରୀହ ପୁରୁଷଟି ଦଣ୍ଡ ଭୋଗ କରୁଥିବ, ଏହା କେଉଁ ବିଚାର? ସମ୍ବିଧାନର ଧାରା ୧୪ ଓ ୧୫ ଲିଙ୍ଗଭେଦରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ବେଳେ ଧାରା ୨୧ ଅନୁସାରେ ମର୍ଯ୍ୟାଦାର ସହିତ ବଞ୍ଚିବା ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର। ପୁରୁଷ ନିର୍ଯାତନା ପାଇଁ ସ୍ୱତନ୍ତ୍ର ଭାବେ ଏକ ପୁରୁଷ ଆୟୋଗ ଗଠନ ହେବାର ସମୟ ଆସିଛି। ବଢ଼ି ଚାଲିଥିବା ପୁରୁଷ ନିର୍ଯାତନାକୁ ସରକାର ଗୁରୁତର ଭାବେ ବିଚାର କରି ଆଇନ ପ୍ରଣୟନ କରିବା ବିଧେୟ। ତେଣୁ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ସର୍ବାଦୌ ଗ୍ରହଣୀୟ ଓ କରଣୀୟ। ●

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

# ଦିଲ୍ଲୀରେ 'କୃତ୍ରିମବର୍ଷା'ର ଅସଫଳ ପ୍ରୟାସ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମର ପରମ୍ପରା ଅନୁସାରେ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ କରାଯାଏ ବର୍ଷାର ଦେବତା ଇନ୍ଦ୍ରଦେବଙ୍କର ପୂଜା ଏବଂ ନାନାଦି ଯାଗଯଜ୍ଞ। ସେହିପରି ସଂଗୀତଜ୍ଞ ତାନସେନଙ୍କ ସୁମଧୁର ଗାନ ମଧ୍ୟ ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରୁଥିଲା ଏବଂ ସେ ବୃଷ୍ଟିପାତ କରାଉଥିଲେ ବୋଲି କିମ୍ବଦନ୍ତୀ ରହିଛି। ତେବେ ବର୍ତ୍ତମାନ ତାହା କରାଯାଉଛି 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ। ଏହି ପ୍ରକ୍ରିୟାରେ ଜଳୀୟ ବାଷ୍ପଭରା ବାଦଲ ଉପରେ ସିଲଭର ଆଇୟୋଡାଇଡ, ପଟାସିୟମ ଆଇୟୋଡାଇଡ୍, ସୋଡିୟମ୍ କ୍ଲୋରାଇଡ୍, ଶୁଷ୍କ ବରଫ (କଠିନ ଅଙ୍ଗାର କାମ୍ଳ) ଆଦିର ସୂକ୍ଷ୍ମକଣିକାକୁ ବିଚ୍ଛୁରଣ କରାଯାଏ। ତାହା ଘନୀକରଣ ନାଭିକ ରୂପେ କାର୍ଯ୍ୟ କରନ୍ତି। ଏହାର ଚତୁଃପାର୍ଶ୍ୱରେ ଜଳୀୟବାଷ୍ପ ଘନୀଭୂତ ହୋଇ ବଡ଼ ବଡ଼ ଜଳକଣା କିମ୍ବା ବରଫସ୍ଫଟିକରେ ପରିଣତ ହୁଏ। ତହିଁରୁ ତାହା ଭୂପତିତ ହେବାକୁ ଲାଗେ। ବିଶେଷକରି, ବର୍ଷା ହେଉନଥିବା ଅଞ୍ଚଳରେ ବୃଷ୍ଟିପାତ କରାଇବା ଲାଗି କିମ୍ବା ବାୟୁପ୍ରଦୂଷଣ ହ୍ରାସ କରିବା ପାଇଁ ଏ ପଦ୍ଧତିର ଅବଲମ୍ବନ କରାଯାଏ।

ଏହି ପ୍ରକ୍ରିୟାକୁ ସଫଳ ରୂପେ ବ୍ୟବହାର କରାଯାଇପାରେ ଯେତେବେଳେ ବାଦଲରେ ଯଥେଷ୍ଟମାତ୍ରାରେ ଜଳୀୟ ବାଷ୍ପ ଥାଏ। ବିଶେଷକରି, ହିମାଙ୍କ ତାପମାତ୍ରାଠାରୁ କମ ହୋଇଥିବା ଅତି ଶୀତଳ ବାଦଲରେ ଏହା ଅଧିକ ଫଳପ୍ରଦ ହୁଏ। ଅତିଶୀତଳ ବାଦଲ ଉପରେ ଉଡ଼ାଜାହାଜ, ତୋପ କମ୍ବା ଡ୍ରୋନ ସାହାଯ୍ୟରେ ବିଚ୍ଛୁରିତ ଉପରୋକ୍ତ ରାସାୟନିକ କଣିକାମାନେ ତାହାକୁ ବରଫ କଣାରେ ପରିଣତ କରନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଉଷ୍ଣବାଦଲରେ ଜଳକଣାଗୁଡ଼ିକ ଏକାଠି ହୋଇ ବୃହଦାକାର ହେବାରେ ଏହା ସାହାଯ୍ୟ କରେ। ବରଫ ସ୍ଫଟିକ ଏବଂ ବଡ଼ ବଡ଼ ଜଳକଣାଗୁଡ଼ିକର ଓଜନ ବେଶ୍ ବଢ଼ିଯାଏ ଏବଂ ସେଗୁଡ଼ିକ ବାୟୁମଣ୍ଡଳ ଦେଇ ତଳକୁ ଖସି ବର୍ଷା ଆକାରରେ ପତିତ ହୁଅନ୍ତି।

ଏ ପଦ୍ଧତିରେ କୃତ୍ରିମ ବର୍ଷା କରାଇବାର ଇତିହାସ ପ୍ରାୟବର୍ଷ ପୁରାତନ। ବର୍ତ୍ତମାନ ପୃଥିବୀର ନାନାସ୍ଥାନରେ, ବିଶେଷକରି, ଚୀନ, ଆମେରିକା, ଉପସାଗରୀୟ ଦେଶ ସମୂହରେ ଏହା ବିଭିନ୍ନ ମାତ୍ରାରେ ବ୍ୟବହୃତ ହେଉଛି। ଫଳରେ ୨୦ ରୁ ୫୦ ଶତାଂଶ ପର୍ଯ୍ୟନ୍ତ ବୃଷ୍ଟିପାତ ବୃଦ୍ଧି କରାଯାଇ ପାରୁଛି। ଆମ ଦେଶରେ ପୁଣେ ସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାପିକାଲ୍ ମେଟେରୋଲୋଜି' ୧୯୭୦ ଦଶକରେ 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟାର ପରୀକ୍ଷା ଆରମ୍ଭ କରିଥିଲେ ହେଁ ଏହାର ସଫଳ ପ୍ରୟୋଗ କରି ୨୦୦୩ ମସିହାରେ ହିଁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର କେତେକ ସ୍ଥାନରେ ବୃଷ୍ଟିପାତ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା। ତତ୍ପରେ ଆବଶ୍ୟକତାକୁ ଚାହିଁ ଏହାର ଉପଯୋଗ କରାଯାଉଛି। ଉଦାହରଣସ୍ୱରୂପ ୨୦୧୫ ରୁ ୨୦୧୯ ମସିହା ମଧ୍ୟରେ ଆମ ଦେଶର ବିଭିନ୍ନ ସ୍ଥାନରେ ଏହା ବହୁବାର ପରୀକ୍ଷିତ ତଥା ବ୍ୟବହୃତ ହୋଇଛି।

ତେବେ ଗତ ଅକ୍ଟୋବର ମାସ (୨୦୨୫) ୨୮ ଓ ୩୦ ତାରିଖରେ ଏହାର ପ୍ରଥମ ପ୍ରୟୋଗ କରାଯାଇଛି ଦିଲ୍ଲୀଠାରେ ବାୟୁ ପ୍ରଦୂଷଣ ନିବାରଣ ଲାଗି, ଯାହାକି ସଫଳ ହୋଇପାରିନାହିଁ। ଏହାର କାରଣ ସ୍ୱରୂପ ଏ କ୍ଷେତ୍ରରେ ଦୀର୍ଘଦିନ ଧରି ଗବେଷଣା କରୁଥିବା ବେଙ୍ଗାଲୁରୁ ସ୍ଥିତ 'ଏଗ୍ରିଏରୋ ସ୍ପୋର୍ଟସ ଆଡ୍‌ଭେନ୍‌ଚର ଏକାଡେମୀ'ର ମୁଖ୍ୟ ଅରବିନ୍ଦ ଶର୍ମା ଦର୍ଶାଇଛନ୍ତି ଯେ କେବଳ 'କ୍ଲାଉଡ ସିଡିଂ' କୃତ୍ରିମ ବର୍ଷା କରାଇବା ପାଇଁ ଯଥେଷ୍ଟ ନୁହେଁ। ଏଥିଲାଗି ଲୋଡ଼ା ସ୍ଥାନୀୟ ଜଳବାୟୁର କେତେକ ଅନୁକୂଳ ଅବସ୍ଥା। ତନ୍ମଧ୍ୟରେ ରହିଛି ବାୟୁମଣ୍ଡଳରେ ଜଳୀୟବାଷ୍ପ ଓ ତାପମାତ୍ରା ବାଦଲ ସୃଷ୍ଟି ପ୍ରକ୍ରିୟା ଇତ୍ୟାଦି। ସେ ସମୟରେ ଦିଲ୍ଲୀରେ ଏସବୁ ସଠିକ୍ ରୂପେ ନଥିଲା। କାରଣ, କୃତ୍ରିମ ବର୍ଷା ପାଇଁ ବାୟୁର ଜଳୀୟବାଷ୍ପ ୨୦ ରୁ ୫୦ ଶତାଂଶ ଥିବା ଦରକାର। ସେତବେଳେ ସେଠାରେ ତାହା ଥିଲା ମାତ୍ର ୧୦ ରୁ ୧୫ ଶତାଂଶ।

ସାଧାରଣତଃ ଶୀତଋତୁର ପ୍ରାରମ୍ଭରେ ଦିଲ୍ଲୀର ବାୟୁମଣ୍ଡଳରେ ଜଳୀୟବାଷ୍ପ ଯଥେଷ୍ଟ ନଥାଏ। ଅତଏବ ଏ ପ୍ରକ୍ରିୟା ବିଫଳ ହେବା ସ୍ୱାଭାବିକ। ତେବେ ଏହି ଖର୍ଚ୍ଚବହୁଳ କାର୍ଯ୍ୟକ୍ରମରୁ ଅନ୍ୟ କେତେକ କଥା ଶିକ୍ଷା କରିବାକୁ ମିଳିଥିଲା। ଉଦାହରଣସ୍ୱରୂପ ଏହା ଚାଲିଥିଲା ବେଳେ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ବା ପାର୍ଟିକ୍ୟୁଲେଟ ମ୍ୟାଟର୍ (ପିଏମ୍ ୨.୫ ଏବଂ ପିଏମ୍ ୧୦) ମାତ୍ରା ସାମୟିକ ଭାବେ ହ୍ରାସ ପାଇଥିଲା। ଅତଏବ ମନେହୁଏ, ଏହା ବୃଷ୍ଟିପାତ କରାଇ ନ ପାରିଲେ ବି ବାୟୁର ମାନ ବୃଦ୍ଧିରେ ସହାୟକ ହୋଇପାରିଥିଲା। ଏଣୁ ଏ ପରୀକ୍ଷା କରିଥିବା 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - କାନପୁର'ର ଗବେଷକମାନଙ୍କ ମତରେ ଏଥିରୁ ସଂଗୃହୀତ ବିବିଧ ତଥ୍ୟ ଭବିଷ୍ୟତରେ ଏ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ଲାଗି ଉପଯୁକ୍ତ ଅବସ୍ଥା ଚିହ୍ନଟ କରିବା ଏବଂ ଏହାକୁ ଅଧିକ ବିକଶିତ କରିବାରେ ମାର୍ଗଦର୍ଶନ କରାଇଛି।

'କ୍ଲାଉଡ ସିଡିଂ' ଏବେ ମଧ୍ୟ ଏକ ଜନପ୍ରିୟ ତଥା ନିଶ୍ଚିତ ପ୍ରକ୍ରିୟା ହୋଇପାରିନାହିଁ। ଏହାର ବିଭିନ୍ନ ଦିଗ ଉପରେ ତଥାପି ପରୀକ୍ଷା ନିରୀକ୍ଷା ଚାଲିଛି। ଅତଏବ ବହୁଳଭାବେ ବ୍ୟବହାର ଉପଯୋଗୀ ହେବା ଲାଗି ସମୟ ଲାଗିବ। ବିଶ୍ୱର ବହୁ ଦେଶରେ ଦୀର୍ଘ ଦିନ ହେଲା ଏଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି। ପ୍ରଥମେ ଏ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ଲଗାଇଥିଲେ ଆମେରିକାର ରସାୟନବିତ୍ ତଥା ଜଳବାୟୁ ବିଜ୍ଞାନୀ ଭିନ୍‌ସେଣ୍ଟ ସ୍କାଇଫେର। ସେ ୧୯୪୬ ମସିହାରେ ଶୁଷ୍କ ବରଫ ଗୁଣ୍ଡ ବ୍ୟବହାର କରି ତୁଷାରପାତ କରାଇ ପାରିଥିଲେ। ଏହାପରେ ଏହାର ପ୍ରମୁଖ ବିନିଯୋଗଗୁଡ଼ିକ ମଧ୍ୟରେ ରହିଛି ଭିଏତ୍‌ନାମ ଯୁଦ୍ଧରେ ଅମେରିକା ଦ୍ୱାରା କୃତ୍ରିମ ବୃଷ୍ଟିପାତ କରାଇବା। ସେଠାରେ ବର୍ଷା ଋତୁକୁ ପ୍ରଲମ୍ବିତ କରି ଶତ୍ରୁ ସୈନ୍ୟମାନଙ୍କୁ ଗମନାଗମନରେ ବାଧା ପହଞ୍ଚାଇବା ଥିଲା ଏହାର ଲକ୍ଷ୍ୟ। ଏହାବ୍ୟତୀତ ୧୯୮୦ ମସିହାରେ ମସ୍କୋ ଏବଂ ୨୦୧୨ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅଲମ୍ପିକ କ୍ରୀଡ଼ା ପୂର୍ବରୁ ଏହାକୁ ବ୍ୟବହାର କରାଯାଇଥିଲା ସେ ସମୟରେ ବୃଷ୍ଟିପାତକୁ ପ୍ରତିହତ କରିବାକୁ। ଏସବୁରେ ଆଂଶିକ ସଫଳତା ମିଳିଥିଲା। ସେଥିପାଇଁ ଏହାକୁ ସଂପୂର୍ଣ୍ଣ ନିର୍ଭରଯୋଗ୍ୟ ବୋଲି ପରିବେଶବିତମାନେ ମନେ କରନ୍ତି ନାହିଁ, ବିଶେଷକରି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉପଯୋଗ ପାଇଁ। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାଳ-କୁଶ/ହାଜୋ: ଆସାମର ଗୌହାଟୀ ସହରର ପ୍ରାୟ ବିପରୀତ ଦିଗରେ ବ୍ରହ୍ମପୁତ୍ର ନଦୀର ଉତ୍ତର ତଟ ନିକଟରେ ଶାଳ-କୁଶ ନାମରେ ଗୋଟିଏ ଛୋଟ ଗ୍ରାମ ରହିଛି। ଏହା ଗୌହାଟୀରୁ ଦେବାନଗିରି ରାସ୍ତା କଡ଼ରେ ଅବସ୍ଥିତ। ଏ ଅଞ୍ଚଳ ପ୍ରାଚୀନ କାମରୂପ ଅନ୍ତର୍ଗତ। ଏହି ଶାଳ-କୁଶ ଅଞ୍ଚଳଟି ହେଉଛି ଭୁଟାନ ତଥା ତିବ୍ବତ ଯିବା ନିମନ୍ତେ ବହୁଳଭାବେ ବ୍ୟବହୃତ ଗୋଟିଏ ଗିରି ପଥ ମଧ୍ୟ। ଯେଉଁ ତିବ୍ବତୀୟ ଲାମାମାନେ ଆସାମକୁ ବୁଦ୍ଧଙ୍କର ମହାପ୍ରୟାଣ ସ୍ଥଳ କୁହନ୍ତି, ସେମାନେ ସ୍ପଷ୍ଟ ଭାବେ ଏହି ଶାଳ-କୁଶ ଗ୍ରାମ ବା ଛୋଟ ସହରଟିକୁ ହିଁ କୁଶନଗର ବୋଲି ଦର୍ଶାଇଛନ୍ତି, ଯେଉଁଠି ଦୁଇଟି ଶାଳ ଗଛ ମଧ୍ୟରେ ବୁଦ୍ଧ ନିର୍ବାଣ ପ୍ରାପ୍ତି କରିଥିଲେ। ଏହି ସ୍ଥାନର ନିକଟରେ ହିଁ ପବିତ୍ର ହାଜୋ ପାହାଡ଼ ଅବସ୍ଥିତ। ଏଠାରେ ସମ୍ଭବତଃ ବୁଦ୍ଧଙ୍କର କିଛି ଅବଶେଷ ରହିଛି।

ହାଜୋ ପାହାଡ଼ (ଗୋଟିଏ ପାହାଡ଼ ନୁହେଁ ଏକାଧିକ ପାହାଡ଼ ଶ୍ରେଣୀ) ବ୍ରହ୍ମପୁତ୍ର ନଦୀର ଉତ୍ତର ତଟରେ ଗୌହାଟୀଠାରୁ ଉତ୍ତର ପଶ୍ଚିମକୁ ନଅ ମାଇଲ ଏବଂ ଶାଳ କୁଶଠାରୁ ଉତ୍ତରକୁ ଚାରି/ପାଞ୍ଚ ମାଇଲ ଦୂରରେ ଅବସ୍ଥିତ। ଅର୍ଦ୍ଧ-ଜନଜାତି ଶ୍ରେଣୀୟ ମେଚ ଓ କୋଚ ବର୍ଗର ଲୋକମାନେ ଏହି ପାହାଡ଼କୁ ସେମାନଙ୍କର ଦେବୀ ଭାବେ ପୂଜା କରିଥା'ନ୍ତି। ସେମାନଙ୍କ ପାଇଁ 'ହାଜୋ'ର ଅର୍ଥ ପାହାଡ଼। ଏହି ପାହାଡ଼ରୁ ଗୋଟିଏ ପୂର୍ବକାଳରେ ବୌଦ୍ଧମାନେ କବ୍‌ଜା କରିଥିଲେ।



ଦ୍ୱିତୀୟ-ବୁଦ୍ଧ କଥା

ମାତ୍ର ପରେ ବ୍ରାହ୍ମଣମାନେ ସେମାନଙ୍କୁ ବେଦଖଲ କରି ମନ୍ଦିରର ପୁନରୁଦ୍ଧାର ଓ ପୁନଃନିର୍ମାଣ କରିଥିଲେ। ଏହି 'ହାଜୋ ମନ୍ଦିର' ଏବେ ଆସାମରେ ଏକ ପ୍ରସିଦ୍ଧ ମନ୍ଦିର। ବହୁ ଭକ୍ତ ଓ ଦର୍ଶନାର୍ଥୀ ଏଠାକୁ ଆସିଥା'ନ୍ତି। ମୁସଲମାନେ ମଧ୍ୟ ଏହି ପାହାଡ଼ରୁ ସବୁଠାରୁ ଉଚ୍ଚ ପାହାଡ଼ ଉପରେ ଏକ ମସ୍‌ଜିଦ୍ ନିର୍ମାଣ କରିଛନ୍ତି। ଏହି ପାହାଡ଼ ଶ୍ରେଣୀ ମଧ୍ୟ ଦୂରରୁ ଅତ୍ୟନ୍ତ ସୌଷ୍ଠବମୟ ତଥା ଏକ ତ୍ରିଶୂଳ ଆକାରର ଦେଖାଯାଇଥାଏ। ମଝି ଭାଗରେ ଥିବା ପର୍ବତଶୃଙ୍ଗଟିକୁ ବୁଦ୍ଧଙ୍କ ନିଦର୍ଶନ ସ୍ୱରୂପ ବୌଦ୍ଧମାନେ ମନେ କରୁଥିବା ବେଳେ ଏହାର ଦୁଇ ପାଖରେ ରହିଥିବା ଉଚ୍ଚ ପାହାଡ଼କୁ ବୁଦ୍ଧଙ୍କର ଦୁଇ ପ୍ରମୁଖ ଶିଷ୍ୟ ସାରୀପୁତ୍ତ ଓ ମୌଦ୍‌ଗଲ୍ୟାୟନ ରୂପରେ ମନେ କରିଥା'ନ୍ତି।

ଏହି ତିନୋଟି ଯାକ ଅଧିକ ଉଚ୍ଚତାବିଶିଷ୍ଟ ପର୍ବତ ଅନେକ ଦୂରରୁ ଦେଖାଯାଏ। ନିକଟକୁ ଆସିଲେ ଏହାର ଶ୍ରେଣୀଭୁକ୍ତ ଥିବା ଅନ୍ୟ ଷୋହଳଟି ଦେଖାଯାଇଥା'ନ୍ତି। ଏହି ଷୋହଳଟି ପାହାଡ଼କୁ 'ନିତେନ୍-ଚୁ- ଡୁ' ଅଥବା ବୁଦ୍ଧଙ୍କ ଷୋହଳ ଶିଷ୍ୟ ବୋଲି କୁହାଯାଇଥାଏ। ଏହି ପର୍ବତମାଳା ମଧ୍ୟରେ ସବୁଠାରୁ ଅଧିକ ପବିତ୍ର ପୀଠଟି ହେଉଛି ପ୍ରାୟ ଆଠ ଗଜ ବ୍ୟାସ ପରିମିତ ଖଣ୍ଡିଏ ସମତଳ ପଥର ଏବଂ ଏଇଟି ପାହାଡ଼ର ଉତ୍ତର-ପଶ୍ଚିମ ପାଦଦେଶରେ ରହିଛି। ଏହି ପଥର ଉପରେ ତିବ୍ବତୀୟ ଲିପିରେ ବିଭିନ୍ନ ମନ୍ତ୍ରମାନ 'ଓଁ ମଣି ପଦ୍ମେ ହୁଁ', 'ଓଁ ଆହ୍ ହୁଁ', 'ଓଁ' ଇତ୍ୟାଦି ଖୋଦିତ ହୋଇଛି। ଏହିଠାରେ ବିଭିନ୍ନ ରଙ୍ଗର କନାଖଣ୍ଡ ସବୁ ବନ୍ଧା ଯାଇଥାଏ ପଥର ଚାରିପାଖ ଅଞ୍ଚଳରେ ରହିଥିବା ଗଛ ଓ ବୁଦାମାନଙ୍କରେ।

ଏହା ଉଲ୍ଲେଖନୀୟ ଯେ ଲାମାମାନେ ତିବ୍ବତର ସାଧାରଣ ଲୋକଙ୍କ ହିତ କାମନା କରି ଏହି ସ୍ଥଳର ପ୍ରତିରୂପ ତିବ୍ବତର ଚାରିଗୋଟି ସ୍ଥାନରେ ସ୍ଥାପନ କରିଛନ୍ତି ରା-ରଗ୍ୟାବ (ଲାସା ସହରର ଦକ୍ଷିଣ-ପଶ୍ଚିମ ବାହାର ଅଂଶ), ପା-ପୋନ୍-କର(ଲାସାର ଉତ୍ତରପାଖ ସହରତଳି ଅଞ୍ଚଳ), ପୁର୍-ମେ-ଚେ (ତାସୀ ଲୁନ୍ ପୋର ବାର ମାଇଲ ଉତ୍ତର ପୂର୍ବ) ଏବଂ ସେଲ୍‌ଫ ବ୍ରେ। ଏହି ସ୍ଥଳଗୁଡ଼ିକୁ ଔପଚାରିକ ଭାବେ ପ୍ରତିଷ୍ଠା କରାଯାଇଛି ଏବଂ ତାହା ଉପରେ ହାଜୋ ମୂଳ ସ୍ଥାନରୁ ଆସିଥିବା ପଥର ଖଣ୍ଡିଏ ଲେଖାଏଁ ମଧ୍ୟ ରଖାଯାଇଛି। ଏହି ପାହାଡ଼ର ଉତ୍ତର-ପୂର୍ବରେ ପ୍ରାୟ ଅଧାମାଇଲ ଦୂରରେ ପ୍ରାୟ ତିନିଶହ ଫୁଟ ଉଚ୍ଚର ଏକ ଶଙ୍ଖାକୃତି ବିଶିଷ୍ଟ ପାହାଡ଼ ଉପରେ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଏହା ମାଧବ ମନ୍ଦିର ବୋଲି କୁହାଯାଉଛି। ମାତ୍ର ଏହାକୁ ବୌଦ୍ଧମାନେ ମହାଚୈତ୍ୟ ଆଖ୍ୟା ଦେଇଛନ୍ତି, ଯାହାକି ତଥାଗତଙ୍କର ଦେହାବଶେଷ ଉପରେ ହିଁ ନିର୍ମିତ ବୋଲି କୁହାଯାଉଛି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଢ଼ିବ ତାପମାତ୍ରା, କମିବ ଶୀତ

# ତାମିଲନାଡୁ-ଆନ୍ଧ୍ର ମୁହାଁ ବାତ୍ୟା 'ଡିଟୱା'

ଭୁବନେଶ୍ୱର,୨୭ ।୧୧(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ତାପମାତ୍ରା ସାଧାରଣ ରହିଛି । କିନ୍ତୁ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାପମାତ୍ରା ଅପେକ୍ଷାକୃତ କମ୍ ରହିଛି । ରାଉରକେଲାରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୭.୭ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିବା ବେଳେ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଏଥିସହ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୪ ଦିନ ମଧ୍ୟରେ ଥଣ୍ଡା କମିବ । ଏହି ସମୟ ମଧ୍ୟରେ ୨-୪ ଡିଗ୍ରି ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଫଳରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟୱା' ଗତ ଛଅ ଘଣ୍ଟା ମଧ୍ୟରେ ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀ ସଂଲଗ୍ନ ଦକ୍ଷିଣ ଉପକୂଳ ଅଞ୍ଚଳ ଆଡକୁ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି । ରବିବାର ଅର୍ଥାତ ନଭେମ୍ବର ୩୦ ସକାଳ ସୁଦ୍ଧା ଏହା ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବ । ଏହା ପ୍ରଭାବରେ ଦକ୍ଷୀଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି । ଅନ୍ୟପଟେ ବାତ୍ୟାଟି ବିଶେଷ ଶକ୍ତିଶାଳୀ ହୋଇ ନ ଥିବା ବେଳେ ଏହା ଅଧିକ ଘନୀଭୂତ ମଧ୍ୟ ହୋଇପାରୁ ନାହିଁ । ତେଣୁ ୩୦-୧ ସୁଦ୍ଧା ଏହା ଆନ୍ଧ୍ର ନିକଟବର୍ତ୍ତୀ ହେଲେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି ।

# ଦୁଇ ଓଡ଼ିଆ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ୍ ନିଯୁକ୍ତି

ଭୁବନେଶ୍ୱର,୨୮ ।୧୧(ସମିସ): ରାଜ୍ୟର ଦୁଇଜଣ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ୍ ନିଯୁକ୍ତି ମିଳିଛି । ସେମାନେ ହେଲେ, ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସର ସୁନ୍ଦର ମାଧବ ପାଢ଼ୀ ଓ ଓଡ଼ିଶା ଅର୍ଥସେବା ଅଧିକାରୀ ସ୍ମିତା ପାଣି । ଏହି ଦୁଇ ଅଧିକାରୀଙ୍କୁ ଓଡ଼ିଶା କ୍ୟାଡର୍‌ରେ ଆଇଏଏସ୍ ନିଯୁକ୍ତି ନେଇ କେନ୍ଦ୍ର କାର୍ମିକ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର ୩ଟି...

ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୫ ବର୍ଷ ପୂର୍ବେ କେପି ଶର୍ମା ଓଲିଙ୍କ ସରକାର ମଧ୍ୟ ଏହି ବିବାଦିତ ମାନଚିତ୍ର ଜାରି କରି ଚର୍ଚ୍ଚା ସୃଷ୍ଟି କରିଥିଲେ । ଏହାକୁ ପରେ ନେପାଳ ସଂସଦ ମଞ୍ଜୁରୀ ପ୍ରଦାନ କରିଥିଲା । ନେପାଳ ଏହି ପଦକ୍ଷେପକୁ ଭାରତ ସେତେବେଳେ ବିରୋଧ କରିଥିଲା ଓ ଏହାକୁ ଏକତରଫା ବୋଲି କହିଥିଲା ।

### ୧୭,୪୪୦ କୋଟିର...

ନିରାପତ୍ତା କ୍ଷେତ୍ରରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ବାବଦକୁ ୩ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଆ ।ତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯ ୯୪ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଅତିରିକ୍ତ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଥିସହ ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଏହା ବ୍ୟତୀତ ଚଳିତ ଅତିରିକ୍ତ ବଜେଟ୍‌ରେ ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ବ୍ୟୟବରାଦ ଦ୍ୱାରା ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଖାଲି ପଡ଼ିଥିବା ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପଦବୀର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଅନ୍ୟପଟେ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ମାତ୍ର ୫୭ କୋଟି ବ୍ୟୟ ବରାଦ କରିଛନ୍ତି ।

### ଡିସେମ୍ବର ୪ରେ...

୨୨ରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ୨୦୨୩ରେ ଭାରତ ଆୟୋଜନ କରିଥିବା ୧୮ତମ ଜି-୨୦ ସମ୍ମିଳନୀରେ ପୁଟିନ ଯୋଗ ଦେଇ ନଥିଲେ । ପୁଟିନଙ୍କ ଏହି ଗସ୍ତରେ ପ୍ରତିରକ୍ଷା ଚୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି । ରୁଷିଆଠାରୁ ଭାରତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମର ଆହୁରି ୫ଟି ସେଟ୍ କ୍ରୟ କରିବା ନେଇ ଚୁକ୍ତି ହୋଇପାରେ । ରୁଷିଆର ସବୁଠାରୁ ଆଧୁନିକ ଫାଇଟର ଜେଟ୍ ଏସ୍‌ୟୁ-୫୭ର ୨-୩ ସ୍କ୍ୱାଡ୍ରନ ଭାରତ କ୍ରୟ କରିପାରେ । ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ । ୩ ମାସ ତଳେ ପୁଟିନ ଭାରତ ଆସିବେ ବୋଲି କହିଥିଲେ ।

### ଅନ୍ଧାରରେ 'ଅନ୍ୱେଷା'...

ନାମଲେଖା ନହେବ, ତାହେଲେ ଆସନ୍ତା ଶିକ୍ଷାବର୍ଷରେ ଏଥିରେ ଏକ ଗ୍ୟାପ୍ ରହିଯିବ । ଆଦିବାସୀ ପିଲାମାନଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ପୂର୍ବ ସରକାର ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ । ଯୋଜନାକୁ ନେଇ ସାଧାରଣରେ ଥିବା ଦ୍ୱନ୍ଦ୍ୱକୁ ସରକାର ଦୂର କରନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ । ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ରାଜ୍ୟରେ ଏବେ ବି ଅନ୍ୱେଷା ଯୋଜନା ଚାଲୁ ରହିଛି । ତେବେ ଚଳିତବର୍ଷ ଏଥିରେ ପ୍ରଥମ ଶ୍ରେଣୀରେ ନାମଲେଖା ହୋଇନାହିଁ । ଯେଉଁମାନେ ବର୍ତ୍ତମାନ ଏଥିରେ ପାଠ ପଢୁଛନ୍ତି, ସେମାନଙ୍କ ପାଇଁ ଯୋଜନା ବଳବତ୍ତର ରହିଛି । ପରବର୍ତ୍ତୀ ସମୟରେ ନାମଲେଖା ନେଇ ସରକାର ବିଚାର କରିବେ ବୋଲି ସେ କହିଥିଲେ ।

### ଧାନକିଣା: ଆରମ୍ଭରୁ...

ନାହାନ୍ତି । ଏପରିକି ମିଲରଙ୍କୁ ମାର୍କେଟୟାର୍ଡ ଆଲର୍ଟ ହୋଇନାହିଁ । ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଗତ ଖରିଫ୍ ଏବଂ ରବି ଧାନ ଏଯାବତ୍ ରାଜ୍ୟରୁ ଉଠାଇ ନାହିଁ । ତେଣୁ ସରକାରଙ୍କ ପାଖରେ ଧାନ ରଖିବା ପାଇଁ ସ୍ଥାନର ଅଭାବ ରହିଛି । ସେଥିପାଇଁ ଧାନ କ୍ରୟ ପ୍ରକ୍ରିୟାରେ ବିଳମ୍ବ ହେଉଛି । ସରକାର ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ନିକଟରେ ବରଗଡ଼ରେ ମିଲର ଧାନ କିଣିବେ ନାହିଁ ବୋଲି ଖୋଲାଖୋଲି ସରକାରଙ୍କୁ ଚ୍ୟାଲେଞ୍ଜ କଲେ । ମାତ୍ର ସରକାର କୌଣସି ପ୍ରତିକ୍ରିୟା ରଖିଲେ ନାହିଁ । ଚାଷୀଟିଏ ଋଣ କରି ଚାଷରେ ପୁଞ୍ଜି ଲଗାଇଥିଲା; ଏବେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଲାଣି । ମାତ୍ର ସରକାର ଏଯାବତ୍ କୌଣସି ମିଲ ର ଷ୍ଟକ ଯାଞ୍ଚ କରିନାହାନ୍ତି । ଆପଣ ଚାଷୀଙ୍କୁ ରାଜ୍ୟର ମେରୁଦଣ୍ଡ ବୋଲି କହୁଛନ୍ତି । ମାତ୍ର ସେହି ମେରୁଦଣ୍ଡକୁ ଆଘାତ ଦେଉଛନ୍ତି । ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ ଦିଆଗଲା ନାହିଁ । ଚାଷୀଙ୍କୁ ଟୋକନ ନ ମିଳିଲେ ସେ ଧାନ କେମିତି ବିକ୍ରି କରିବ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ । ତୁରନ୍ତ ସରକାର ଏଥିରେ କାର୍ଯ୍ୟାନୁଷ୍ଠାନ ନେଇ ଧାନକିଣା ଆରମ୍ଭ କରିବାକୁ ସେ ଦାବି କରିଥିଲେ ।

### ଖେଞ୍ଚ ମାରିଲେ...

ସେହିପରି ଚାଷୀଙ୍କୁ ୮୦୦୦ କୋଟି ଟଙ୍କରା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି । ଯାହା ସରକାରଙ୍କ ପାଇଁ ଏକ ଚମକପ୍ରଦ ସଫଳତା । ଏବର୍ଷ ପ୍ରାୟ ୧୯ ଲକ୍ଷରୁ ୨୦ ଲକ୍ଷ ଚାଷୀ ପଞ୍ଜୀକୃତ କରିବାର ସମ୍ଭାବନା ଥିବାବେଳେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇପାରେ । ଏହା ନିଶ୍ଚିତ ଭାବେ ସରକାରଙ୍କ ପାଇଁ ଏକ ଆହ୍ୱାନ । ରାଜ୍ୟରେ ବିଗତ ୧୦ ବର୍ଷରେ ମିଲ୍ ସଂଖ୍ୟା ଓ ଗୋଦାମ ସଂଖ୍ୟାରେ ବୃଦ୍ଧି ହୋଇନାହିଁ । ତେଣୁ ଧାନ ଯେପରି ସଠିକ୍ ଭାବେ ସଂଗ୍ରହ ହେବ ଏବଂ ସଂରକ୍ଷଣ ହେବ, ସେନେଇ ସରକାର ସୁବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ଖଟୁଆ ଦାବି କରିଥିଲେ ।

### କଂଗ୍ରେସରେ ନରସିଂହ...

ଥିଲା ଓ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିଲା ବୋଲି ସେ କହିଛନ୍ତି । ଏମିତିକି, ଗତ ୨୬ ତାରିଖରେ ଦଳ ପକ୍ଷରୁ ସମ୍ବିଧାନ ଦିବସ ଆୟୋଜନ କରାଯିବା ସତ୍ତ୍ୱେ ତାଙ୍କୁ ଫୋନ୍‌ଟିଏ ମଧ୍ୟ କରାଯାଇ ନାହିଁ ବୋଲି କହି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କୁ କେହି ପଚାରୁ କି ନ ପଚାରୁ ସେ କଂଗ୍ରେସ ଦଳରେ ରହିଥିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଗତବର୍ଷ ସାଧାରଣ ନିର୍ବାଚନ ସମୟରେ ନରସିଂହ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ । ମାତ୍ର ସେ ରାଜନୀତିରେ ରହିବେ ଓ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ ମଧ୍ୟ ତାଙ୍କ ପରି କଂଗ୍ରେସର ଜଣେ ତୁଙ୍ଗ ନେତା ନୂଆପଡ଼ା ନିର୍ବାଚନରେ ଅଲୋଡ଼ା ରହିବା ଅନେକ ଦିଗକୁ ଇଙ୍ଗିତ କରୁଛି । ଏମିତି ତ ନୂଆପଡ଼ା ନିର୍ବାଚନ ପରଠାରୁ କଂଗ୍ରେସରେ ସବୁ କିଛି ଠିକ୍ ଚାଲି ନ ଥିବା ଚର୍ଚ୍ଚା ହେଉଛି । ଏହି ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଦଳ ଆଶା କରୁଥିବା ତୁଳନାରେ କମ୍ ରହିଥିବା ବେଳେ ଭକ୍ତ ପରୋକ୍ଷରେ ନିଜ ଦଳର କିଛି ନେତାଙ୍କୁ ବିଭୀଷଣ ବୋଲି ଅଭିହିତ କରିବା ଦଳରେ ବିଭ୍ରାଟ ସୃଷ୍ଟି କରିଛି । ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ ଭକ୍ତଙ୍କ ମନ୍ତବ୍ୟକୁ ବିରୋଧୀ କରି ଦଳର ସୃଙ୍ଖଳା କମିଟିକୁ ପତ୍ର ଲେଖି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ଦଳର ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ପ୍ରାୟ ନିଜକୁ ବର୍ତ୍ତମାନ ଭକ୍ତଙ୍କଠାରୁ ଦୂରେଇ ରଖୁଥିବା ଦେଖାଯାଉଛି । ଏହି ସମୟ ଭିତରେ ନରସିଂହ ମିଶ୍ରଙ୍କ ଭଳି ବରିଷ୍ଠ ନେତା ନିଜର ଅସନ୍ତୋଷ ଜାହିର କରିବା ପରେ କଂଗ୍ରେସ ଉପରେ ନକରାତ୍ମକ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି । ସାଂଗଠନିକ ସ୍ତରରେ ଏହାର ଏକ କୁପ୍ରଭାବ ପଡ଼ିବାର ଆଶଙ୍କା କରାଯାଉଛି ।

### ସ୍କୁଲରେ ବୋମା ମାଡ଼...

ଯାଇଥିଲା ଏବଂ କଣ୍ଟା, ବାରୁଦ ଆଦି ଚାରିଆଡ଼େ ବିଛେଇ ହୋଇ ପଡ଼ିଥିଲା ।ଯେଉଁ ଅଭିଭାବକମାନେ ପିଲାଙ୍କୁ ଛାଡ଼ି ଫେରୁଥିଲେ, ସେମାନେ ଆତଙ୍କିତ ହୋଇ ପୁଣି ସ୍କୁଲ ନିକଟକୁ ଧାଇଁ ଆସିଥିଲେ । କିଛି ଦୁର୍ବୃତ୍ତ ଗାଡିରେ ଆସି ଏଭଳି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହି ମାମଲାର ତଦନ୍ତ ଭାର ସମ୍ଭାଳିଛି । ଏହି ଘଟଣାର ତଦନ୍ତ ପାଇଁ ଏନ୍‌ଆଇଏର ଏକ ୩ ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପଡ଼ି ରହିଥିବା ବାରୁଦଗୁଣ୍ଡ, କଣ୍ଟାକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ମୋବାଇଲ୍ ଲୋକେସନ୍ ଆଧାରରେ ସନ୍ଦିଗ୍ଧ ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରିଛି । ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଏବଂ ଆର୍‌ପିଏଫ୍ ଓ ପରେପରେ ପୁଲିସ କମିଶନର ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ମିଳିଥିବା ନମୁନା ସାଧାରଣ ଗନପାଉଡର୍‌ର ଓ ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି । ତେବେ ଏନ୍‌ଆଇଏ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛି । ତଦନ୍ତ ପରେ ଏସବୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି । କୌଣସି ଶିକ୍ଷାନୁଷ୍ଠାନ ଉପରେ ବୋମାମାଡ଼ ରାଜଧାନୀରେ ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ସବୁ ମହଲରେ ଚିନ୍ତା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏହି ଘଟଣା ଆଜି ବିଧାନସଭାରେ ମଧ୍ୟ ଉଠିଛି । ବିଜେଡି ବିଧାୟକ ଦଳର ଉପମୁଖ୍ୟ ସଚେତକ ପ୍ରତାପ ଦେଓ ପଏଣ୍ଟ ଅଫ୍ ଅର୍ଡର ଏହି ଘଟଣା ସମ୍ପର୍କରେ ସରକାରଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି । ବାଚସ୍ପତି ଏହି ଘଟଣା ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଦର୍ଶ ଗ୍ରୁପ ଚିଟ୍‌ଫଣ୍ଡ ମାମଲା

# ନିଶ୍ଚିନ୍ତକୋଇଲିରେ ଇଡି ଚଢ଼ଉ

ନିଶ୍ଚିନ୍ତକୋଇଲି, ୨୮ ।୧୧ (ସମିସ): ଆଦର୍ଶ ଚିଟ୍‌ଫଣ୍ଡ ମାମଲାରେ ଶୁକ୍ରବାର ପୂର୍ବାହ୍ନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ରାମକୃଷ୍ଣପୁର ଓ ନଟକାଇ ଗ୍ରାମର ୨ଜଣ ବ୍ୟକ୍ତିଙ୍କ ଘରେ ଚଢ଼ଉ କରାଯାଇଛି । ଇଡିର ୩ଟି ଟିମ୍ ଆଦର୍ଶ ଗ୍ରୁପ୍ ଅଫ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ନଟକାଇ ଗ୍ରାମର ବିଜୟ କୁମାର ରାଉତଙ୍କ ଘର ଏବଂ କାର୍ଯ୍ୟକାରୀ ପରିଚାଳକ ରାମକୃଷ୍ଣପୁର ଗ୍ରାମର ଅଭୟ କୁମାର ଓଝାଙ୍କ ଘରେ ଦୀର୍ଘ ୯ ଘଣ୍ଟା କାଳ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି । ଯାଞ୍ଚ ବେଳେ କମ୍ପାନୀ ସଂକ୍ରାନ୍ତ ବହୁ କାଗଜପତ୍ର ଇଡିର ହସ୍ତଗତ ହୋଇଥିବା ଜଣାଯାଇଛି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନହେବା ପ୍ରସଙ୍ଗ

# ହାଜର ହେବେ ତଦନ୍ତକାରୀ ଅଧିକାରୀ, ଏସ୍‌ପି ଓ ରେଞ୍ଜ ଡିଆଇଜି

କଟକ, ୨୮ ।୧୧(ସମିସ): ଏକ ଆଗୁଆ ଜାମିନ ଆବେଦନ ମାମଲାରେ କେସ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ପାଇଁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପରବର୍ତ୍ତୀ ଶୁଣାଣି ବେଳେ ରାମପୁର ଥାନାର ତଦନ୍ତକାରୀ ଅଧିକାରୀଙ୍କୁ କେସ୍ ଡାଏରି ସହ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । କାହିଁକି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇନାହିଁ, ସେନେଇ ତଦନ୍ତକାରୀ ଅଧିକାରୀ ସ୍ପଷ୍ଟୀକରଣ ଦେବା ସହ ସୁବର୍ଣ୍ଣପୁର ଏସ୍‌ପି ଓ ସମ୍ପୃକ୍ତ ରେଞ୍ଜ ଡିଆଇଜି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତୁଲ ଯୁଆଡ଼ିଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ।

# କନକବର୍ଦ୍ଧନ ଓ ଲକ୍ଷ୍ମଣ ବାଗଙ୍କ ଅନ୍ତରୀଣ ଆବେଦନ ଖାରଜ

କଟକ, ୨୮ ।୧୧(ସମିସ): ହାଇକୋର୍ଟରେ ବିଚାରାଧୀନ ଗତ ୨୦୨୪ ପାଟଣାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଆଜି ଶୁଣାଣି ହୋଇଛି । ଉଭୟ ନିର୍ବାଚନୀ ମାମଲାକୁ ବିନା ଶୁଣାଣିରେ ଖାରଜ କରିବା ପାଇଁ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ତରଫରୁ ରୁଜୁ ଅନ୍ତରୀଣ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଦେଇଛନ୍ତି । ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଉଭୟ ବିଧାୟକଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ରୁଜୁ ହୋଇଥିବା ନିର୍ବାଚନୀ ମକଦ୍ଦମା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଉଭୟ ବିଧାୟକ ସେମାନଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମକଦ୍ଦମା ଭିତ୍ତିହୀନ ଓ ଯଥାର୍ଥ ନୁହେଁ ବୋଲି ଯେଉଁ ଯୁକ୍ତି ଦର୍ଶାଇଥିଲେ, ତାହାକୁ ଅଦାଲତ ଗ୍ରହଣ କରିନାହାନ୍ତି ।


Phone No. (06854) 241159/232717
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
HEAD OFFICE : N.K.T. ROAD, JEYPORE-764003,D IST.: KORAPUT (ODISHA)
Letter No. 5065/P&S/2025-26 Date 25.11.2025

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt. 03.12.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **Air Conditioner** on envelop.

The tender will be opened on **Dtd. 04.12.2025 at 4.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | No. of Items required approximately | Proposed Installation Sight/Place |
|---|---|---|---|
| 1. | Air Conditioners Cost (Make: **Voltas/ Haier/ Carrier**, 1.5 Ton Capacity, 5 Star rated, Inverter Split AC (Copper Condenser, White in colour) | 12 | Installation sight under all or any Branch bank of the Koraput C. C Bank Ltd., Jeypore within undivided Koraput Districts (Place will be mentioned at the time of P.O supplied). |
| 2. | Stabilizer Cost (Make: Luminous/ Leotronix – Automatic) | | |
| 3. | Transportation & Installation Charges | | |
| 4. | A.C Stand for outdoor per unit, if required | | |
| 5. | Extra Copper pipe per feet, if required | | |
| 6. | Warranty / Guarantee | | |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore



ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୮.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**SAMBALPUR DISTRICT CO-OPERATIVE CENTRAL BANK**
QUOTATION CALL NOTICE NO.
4216/CB/CT/2025-26, dt.27.11.2025

Sambalpur District Co-Operative Central Bank (SDCCB) invites Quotation call notice for Purchase of New Water Purifier and Water Freezer for branches under Sambalpur District Cooperative Central Bank Ltd., Bargarh. For details please visit websites: www.sambalpurdccb.bank.in.The last date for receipt of proposal is 06.12.2025 at 3.00 PM. SDCCB reserves the right to accept/ reject any/ all Quotation without assigning any reason thereof.

Sd/-
Chief Executive Officer

SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com



**AFFIDAVIT**

By virtue of an affidavit before the Notary Public, Titilagarh, on dated-27/11/2025. I, **Phakira Harpal** (applicant name), S/o- Raju Harpal, permanent resident of AT-Sargiguda, Titilagarh, PO/PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Tanmayee Harpal** (old name) to **Priyatama Harpal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Priyatama Harpal** (new name) for all future purposes. **Phakira Harpal**

**AFFIDAVIT**

By Virtue of an affidavit sworn before Executive Magistrate and Tahasildar Basta, Sl No- 4494 Dt-25/11/2025.Bhupati Kamila,S/o Jhadeswar Kamila permanent resident of At-Kainda,Po-Irda,Ps-Singla/Dist-Balasore,Pin-756080. Declared that I Have Changed the name & address of my Minor Son MANIK DAS to SAISUMAN KAMILA & the same address. Hence this affidavit He shall be known as SAISUMAN KAMILA. MANIK DAS and SAISUMAN KAMILA same and one person for all future purposes.

**Bhupati Kamila**

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, dated 26.11.2025, I, **DRAUPADI SWAIN**, At-Benapur, Po- Kantigadia, PS-Badachana, District- Jajpur, Pin-755049 declare that I have changed my name from **DOUPADI SWAIN** to **DRAUPADI SWAIN**. Henceforth, I shall be known as **DRAUPADI SWAIN** for all purposes.

**Sd- (DRAUPADI SWAIN)**

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Sarbeswar Nayak resident of Vill/Po- Lunga, Ps-Basudevpur, Dist- Bhadrak, Odisha, PIN- 756124 , declare that I have changed my daughter's name from Priyadarsini Nayak to Harapriya Nayak . Henceforth, she shall be known as **HARAPRIYA NAYAK** for all purposes.

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Soumyaranjan Barik, resident of At/Po- Jhajia, VTC- Jhajia, Sub- Dist- Badamba, Ps- Badamba, Dist- Cuttack, Odisha, PIN- 754031, declare that I have changed my name from Soumyaranjan Bariki to Soumyaranjan Barik . Henceforth, I shall be known as **SOUMYARANJAN BARIK** for all purposes.

**AFFIDAVIT**

I, Tabassum Jahan wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11, dated 04.11.2025 that now onwards I shall be known as TABASUM JAHAN for all future purposes.

**Sd/- Tabasum Jahan**

**AFFIDAVIT**

By virtue of an affidavit before Notary Public, Bhubaneswar, on dated, 27.11.2025, I Yasmini Pradhan, resident of Madhusudan Nagar, Chhanaghar, Po/Ps- Jatni, Dist- Khordha, Odisha, PIN-752050, declare that I have changed my name from Yasmini Begum to Yasmini Pradhan . Henceforth, I shall be known as **YASMINI PRADHAN** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 27.11.2025 I, CHAITANYA DHAKAD, S/o- Late. Ghenua Dhakad, Vill.- Maliguda, Po.- Sindhigaon, Ps.-Nabarangpur, Dist.- Nabarangpur, Odisha, Pin - 764059, declare that I have changed my name from **HARICHANDRA DHAKAD** to **CHAITANYA DHAKAD**. Henceforth, I shall be known as **CHAITANYA DHAKAD** for all purposes.

Sd/- CHAITANYA DHAKAD

**NOTICE**

By virtue of an affidavit sworn before Executive Magistrate, Baripada, Mayurbhanj, dated 24/11/2025, I SUNITA AGARWAL , W/o Sunil Kumar Agarwal At- M.P.C College Front, Baripada, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SUNITA MURARKA to SUNITA AGARWAL. Henceforth, I shall be known as SUNITA AGARWAL for all purposes.

**Sd/- SUNITA AGARWAL**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-JJKR-519, ତା.24.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ଯାଜପୁର କେନ୍ଦୁଝର ରୋଡ୍ (JJKR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଂ ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 87,39,806.64, **EMD (₹) :** 1,74,800.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-847/Q/25-26



**AFFIDAVIT (For Minor)**

By virtue of an affidavit sworn before Executive Magistrate, Banpur, vide no.- 4311, dated-28/11/2025 I, Mohan Sahoo, aged about- 42yrs., Address S/o- Panu Sahoo, At- Sunakera, Po.- Banpur, Ps.- Banpur, Dist.- Khordha, Odisha, Pin-752031, declare that, I have changed the name of my minor son from **Ankit Pradhan** to **Ankit Sahoo**. Henceforth, he shall be known as **Ankit Sahoo** for all purposes.

Sd/- Ankit Sahoo

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.11.2025 I, BANITA MUDULI , W/o- Dinesh Muduli, At Village- Bejuguda, Po.- Bejuguda, Ps.- Tentulikhunti, Dist.- Nabarangpur, Odisha, Pin - 764070, declare that I have changed my name from **BANITA JHADIA** to **BANITA MUDULI**. Henceforth, I shall be known as **BANITA MUDULI** for all purposes.

Sd/- BANITA MUDULI

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, vide no.-2743, dated- 24/11/2025 I, Hari Saraka, S/o- Late Padan Saraka for resident of Vill.- Munda, Po.- Jhigidi, Ps.- Bissam Cuttack, Dist.- Rayagada, Odisha, PIN-765019 declare that, I have changed the name of my minor daughter from **Progati Saraka** to **Pooja Saraka**. Henceforth, she shall be known as **Pooja Saraka** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 26.11.2025 I, DHANURJAYA BHATARA, S/o - Narahari Bhatara , Village- Danaguda, Po.- Sanamasigam, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Son from **HARDING BHATRA** to **NARASINGH BHATARA**. Henceforth, he shall be known as **NARASINGH BHATARA** for all purposes.

Sd/- Dhanurjaya Bhatara

**AFFIDAVIT**

By virtue of an affidavit (CF No. 103, date 25/11/2025) sworn before the Executive Magistrate, Bhubaneswar, I, **Sanjeet Kumar Mohanty,** S/o Late Trilochan Mohanty, resident of At Plot No. 1036/A, Lane-4, Santinagar, Korndakana, PO- Budheswari, PS- Laxmisagar, Bhubaneswar, Dist- Khordha, PIN- 751006, Odisha declare that I have corrected my minor son's name from **Subhanjeet Mohanty** to **Sivan Mohanty** and date of birth from **24/08/2013** to **14/02/2014.** Henceforth, he shall be known as **Sivan Mohanty** (**DOB: 14/02/2014**) for all future purposes.

**AFFIDAVIT**

I, Swaroop Ramdas Taksande, S/o- Late Ramdas Sonuji Taksande, resident of D-170, Nalco Nagar, Phase 1, Nalco Square, Bhubaneswar, Dist.- Khordha, Odisha-751012, do hereby declare by this affidavit No-313, dtd 27.11.2025 that I have changed the name of my minor daughter from **Tushita Taksande** to **Tushita Swaroop Taksande**. That now onwards my daughter shall be known as **Tushita Swaroop Taksande** for all future purposes.



ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** — *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** — *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** — *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** — *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** — *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ୮ ବିଦ୍ୟାର୍ଥୀ ଜିଲ୍ଲାସ୍ତରକୁ ମନୋନୀତ

ନିଶ୍ଚିନ୍ତକୋଇଲି,୨୮।୧୧(ସମିସ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସଂକ୍ରାନ୍ତ ସାଧାରଣଜ୍ଞାନ ଓ ବିଜ୍ଞାନ ପକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରୁ ୮ ଜଣ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ସାଧାରଣଜ୍ଞାନ ବରିଷ୍ଠ ବିଭାଗରେ ଆକବରୀ ଖାନମ୍ ଓ କନିଷ୍ଠ ବିଭାଗରେ ଶୁଭ୍ରାଂଶୁ ଜେନା ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା ବେଳେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ବରିଷ୍ଠ ବିଭାଗରେ ସୁଦୀପ୍ତ ପାତ୍ର, ଶୁଭଶ୍ରୀ ମଲିକ, ଭବାନୀ ଶଙ୍କର ସୂତାର ଓ କନିଷ୍ଠ ବିଭାଗରେ ସ୍ୱାଗତିକା ମହାପାତ୍ର, ଶୁଭଶ୍ରୀ ମହାନ୍ତି, ଡି.ଏ. ଦିବ୍ୟାଜ୍ୟୋତି ବଳ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବଡକ୍ଷୀରସ୍ଥିତ ବାବା ମୁକୁନ୍ଦଦାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଧାରଣଜ୍ଞାନ ପରୀକ୍ଷାରେ ୭୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପାରିଜାତ ସାହୁଙ୍କ ସଭାପତିତ୍ୱ ଏବଂ ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଜାକିର ହୁସେନ, ପ୍ରଭାତ ବେହେରା, ସୁଶୀଲ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସିଆରସିସି ପରିଚାଳନା କରିଥିବା ବେଳେ ୫ଜଣ ଦକ୍ଷ ବିଜ୍ଞାନ ଶିକ୍ଷକ ବିଚାରକ ଥିଲେ।

## ଜୋନ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ

ନିଶ୍ଚିନ୍ତକୋଇଲି,୨୮।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବିସିଏ ଖେଳପଡିଆରେ ସାଂସଦ ଖେଳ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜେପି କାର୍ଯ୍ୟକର୍ତ୍ତା ମୀନକେତନ ଦାସଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଜେପି ନେତା ସୁମନ୍ତ କୁମାର ଘଡାଇ, ମୁଖ୍ୟବକ୍ତା ଭାବେ ତହସିଲଦାର ଦମୟନ୍ତୀ ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କାପ, ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି, ସାଂସଦ ଖେଳ ମହୋତ୍ସବ କମିଟିର ସଂଯୋଜକ ବିକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ନିଶ୍ଚିନ୍ତକୋଇଲି ମଣ୍ଡଳର ୧୦ଟି ପଞ୍ଚାୟତରେ ଥିବା ଦୁଇଟି କଲେଜ, ସମସ୍ତ ବିଦ୍ୟାଳୟରୁ ମୋଟ ୪୦୦ରୁ ଉର୍ଦ୍ଧ୍ୱ ପଞ୍ଜୀକରଣ କରିଥିଲେ।

## ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ଆଠଗଡ଼,୨୮।୧୧(ସମିସ): ଆଠଗଡ ବ୍ଲକ ବେଣ୍ଟପଦା ଅଧୀନ ମାନପୁର ଗ୍ରାମରେ ଦୁଇଦିନିଆ ୭ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗାଁ ପାଖ ସାପୁଆ ନଦୀରୁ ପୂଜାର୍ଚ୍ଚନା କରି ଗ୍ରାମର ମହିଳା କଳସ ଯାତ୍ରା କରି ଭଗବତ ଗୋସାଇଁଙ୍କ ପୀଠରେ କଳସ ସ୍ଥାପନ କରିବା ପରେ ପୂଜା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ୨୬ ତାରିଖ ସକାଳେ ପ୍ରଥମେ ସୂର୍ଯ୍ୟନାରାୟଣ ପୂଜା, ଗୋ-ପୂଜା, ଅଗ୍ନି ସ୍ଥାପନ କରାଯାଇଥିଲା। ଗ୍ରାମର ଶରତ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ସ୍ୱାଇଁ କର୍ତ୍ତା ଥିଲେ। ଗ୍ରାମର ସମସ୍ତ ମହିଳା ପୁରୁଷ ସହଯୋଗ କରିଥିଲେ।

### ଘନେଇଲା ମାହାଙ୍ଗା ପଞ୍ଚାୟତସମିତି ବୈଠକ ବିବାଦ

# ବିଡିଓଙ୍କୁ ବଞ୍ଚାଇବାକୁ ବିଧାୟକଙ୍କ ସ୍ପଷ୍ଟୀକରଣ

ଭଦ୍ରେଶ୍ୱର,୨୮।୧୧(ସମିସ): ମାହାଙ୍ଗା ପଞ୍ଚାୟତସମିତି ବୈଠକ ବାତିଲକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଘନେଇବାରେ ଲାଗିଛି। ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ହଠାତ୍ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣା ଉପରେ ସ୍ୱଷ୍ଟୀକରଣ ରଖିଛନ୍ତି। ବିଡିଓଙ୍କୁ ଅଧ୍ୟକ୍ଷା ଆଇନର ପାଠ ପଢ଼ାଉଥିବା ବେଳେ ସ୍ଥାନୀୟ ବିଧାୟକ ଉତ୍ତର ରଖିବା ଘଟଣା ମାହାଙ୍ଗା ରାଜନୀତିକୁ ସରଗରମ କରିଛି। ଗତ ୨୬ ତାରିଖ ବୁଧବାର ମାହାଙ୍ଗା ପଞ୍ଚାୟତସମିତିର ୯ମ ବୈଠକ ପାଇଁ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ବିଡିଓ ଶୁଭାଶିଷ ପାଲଟା ବିଧାନସଭା

**ବୈଠକ ବାତିଲ ପ୍ରସଙ୍ଗରେ ବ୍ଲକ ଅଧ୍ୟକ୍ଷାଙ୍କ କାରଣଦର୍ଶାଅ ନୋଟିସ ପରେ ଉତ୍ତର ରଖିଲେ ବିଧାୟକ**

ବୈଠକର ଆଳ ଦେଖାଇ ତାହାକୁ ଅନଧିକାର ଭାବେ ବାତିଲ କରିଦେଇଥିଲେ। ଏହି ଘଟଣାକୁ ନେଇ ବ୍ଲକ୍ ପରିସରରେ ଜନପ୍ରତିନିଧି ଓ ବିଡିଓଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିବାଦକୁ ଦୃଷ୍ଟିରେ ରଖି ଗତକାଲି ବ୍ଲକ୍ ଅଧ୍ୟକ୍ଷା ଦୀପା ମଲିକ ବିଡିଓଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ବିଡିଓ ଶୁଭାଶିଷ ପାଲଟା ଏହି ଘଟଣାକୁ ନେଇ ଚାପରେ ଥିବା ବେଳେ ତାଙ୍କୁ ଚାପମୁକ୍ତ କରିବା ପାଇଁ ବିଧାୟକ ଶ୍ରୀ ପ୍ରଧାନ "ଠାକୁର ଘରେ କିଏ କି ମୁଁ କଦଳୀ ଖାଇନି' ନ୍ୟାୟରେ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିବା ଚର୍ଚ୍ଚା ହେଉଛି। ବିଧାୟକଙ୍କ ଏପରି ସ୍ୱଷ୍ଟୀକରଣ ହିଁ ସ୍ପଷ୍ଟ ପ୍ରମାଣ କରୁଛି ଯେ ତାଙ୍କ ଇଙ୍ଗିତରେ ବିଡିଓ ସମିତି ବୈଠକକୁ ବାତିଲ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସାରଦା ପ୍ରଧାନ କହିଥିଲେ ଯେ ବିଧାନସଭା ଅଧିବେଶନ ବସିବାର ୩ ଦିନ ପୂର୍ବରୁ ଏବଂ ଶେଷ ହେବାର ୩ ଦିନ ପରେ ବ୍ଲକ ପରିସରରେ କୌଣସି ବୈଠକ ହୋଇପାରିବ ନାହିଁ ବୋଲି ସରକାରୀ ନିୟମ ରହିଛି। ତେବେ ଏହି ସ୍ୱଷ୍ଟୀକରଣକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ ଗତ ୨୬ ତାରିଖ ବୁଧବାର ଦିନ ପଡ଼ୋଶୀ ସାଲେପୁର ପଞ୍ଚାୟତ ସମିତିର ୧୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି ଏବଂ ଏହି ବୈଠକରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ମଧ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାନ ସମୟରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ବୈଠକ ବାତିଲ କରାଯିବା ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ, ଗତ ୨୬ ତାରିଖ ଦିନ ମାହାଙ୍ଗା ବିଧାୟକ ନିଶ୍ଚିନ୍ତକୋଇଲି ବ୍ଲକର ବାବୁଜଙ୍ଗ ଠାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଘଟଣା ବିଡିଓଙ୍କ ମିଛକୁ ଧରିପକାଇଥିଲା।

## ୪୦ ହାଇୱା ଜବତ; ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ




ଆଠଗଡ଼,୨୮।୧୧(ସମିସ): ଆଠଗଡ଼ ଅଞ୍ଚଳ ଦେଇ ପ୍ରତିଦିନ ହେଉଥିବା ଅବାଧ ଲଘୁ ଖଣିଜ ପଦାର୍ଥ ଚାଲାଣକୁ ରୋକିବା ପାଇଁ ଗତକାଲି ରାତିରେ ଆଠଗଡ଼ ପ୍ରଶାସନ ହଠାତ୍ ଆକ୍ସନ୍ ମୁଡ୍‌କୁ ଆସି ବଡ଼ ଧରଣର ଚଢ଼ଉ କରିଛି। ଏହି ଚଢ଼ଉରେ ୪୦ଟି ହାଇୱା ଜବତ ହୋଇଥିବାବେଳେ ସମୁଦାୟ ୧୩ ଲକ୍ଷ ୨୫ ହଜାର ୮୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ୨୦ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ହାଇୱା ଗୁଡ଼ିକୁ ଜବତ କରିଥିଲେ। ଜବତ ହୋଇଥିବା ଗାଡ଼ିଗୁଡ଼ିକରେ ବାଲି, ମୋରମ୍, କଳା ମେଟାଲ୍ ଏବଂ ଚିପ୍ସ/କ୍ରସର୍ ଗୁଣ୍ଡ ଭଳି ଲଘୁ ଖଣିଜ ପଦାର୍ଥ ବୋଝେଇ ହୋଇ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଥିଲା। ପ୍ରଶାସନ ପକ୍ଷରୁ ଜବତ ସମସ୍ତ ଗାଡ଼ିକୁ ମହୋତ୍ସବ ପଡ଼ିଆକୁ ଅଣାଯାଇ ପରିବହନ ବିଭାଗ ଏବଂ ଖଣି ବିଭାଗକୁ ଖବର ଦିଆଯାଇଥିଲା। ପରିବହନ ବିଭାଗର ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ୬ଟି ଗାଡ଼ିର କାଗଜପତ୍ର ଠିକ୍ ଥିଲେ ମଧ୍ୟ ସେଗୁଡ଼ିକ କ୍ଷମତାଠାରୁ ଅଧିକ ବୋଝେଇ ହୋଇଥିବା ଜଣାପଡ଼ିଥିଲା। ମୋଟ ୪୦ଟି ହାଇୱା ମଧ୍ୟରୁ ୩ଟି ଗାଡ଼ିର କାଗଜପତ୍ର ସମ୍ପୂର୍ଣ୍ଣ ଠିକ୍ ଥିବାରୁ ସେଗୁଡ଼ିକୁ ଛାଡ଼ି ଦିଆଯାଇଥିଲା। ବାକି ୩୩ଟି ଗାଡ଼ିରୁ ଅଧିକ ବୋଝେଇ ଏବଂ ଅନ୍ୟାନ୍ୟ ଅନିୟମିତତା ପାଇଁ ସମୁଦାୟ ୧୩ ଲକ୍ଷ ୨୫ ହଜାର ୮୨୪ ଟଙ୍କା ଜରିମାନା ଚାଲାଣ କଟାଯାଇଛି। ସେଥିମଧ୍ୟରୁ ଗୋଟିଏ ଗାଡ଼ି (ନଂ ଓଡି-୦୫-ବିଏକ୍ସ-୧୬୬୬) ର କୌଣସି କାଗଜପତ୍ର ଠିକ୍ ନ ଥିବାରୁ ତା' ଉପରେ ୫୦ ହଜାର ଜରିମାନା ଚାଲାଣ କାଟି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଗତକାଲି କଟକ ଜିଲ୍ଲାପାଳ ଆଠଗଡ଼ ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ୩୬ ଜଣ ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଚଢ଼ଉ ସେହି ନିର୍ଦ୍ଦେଶର ପାୱାର୍ ପ୍ରତିକ୍ରିୟା ବୋଲି ସାଧାରଣରେ ଆଲୋଚନା ହେଉଛି।

## ମଣ୍ଡଳସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




ମାହାଙ୍ଗା,୨୮।୧୧(ସମିସ): ମାହାଙ୍ଗା ବ୍ଲକ ଭଞ୍ଜମଣ୍ଡପଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ ଶୁଭାଶିଷ ପାଲଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କୃଷି ଓ କୃଷକର ବିକାଶ କରିବା ପାଇଁ ସରକାର ଆଜି ସେମାନଙ୍କ ନିକଟରେ ପହଞ୍ଚିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ରାଜ୍ୟ ସରକାରଙ୍କ ସମୃଦ୍ଧି ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଅଭିମନ୍ୟୁ ସାହୁ, ଜିଲ୍ଲା ଉପ ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ, ଆତ୍ମାର ଅଧ୍ୟକ୍ଷ କିଶୋର ରାଉତ ପ୍ରମୁଖ ଯୋଗଦେଇଥିଲେ। ମାହାଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀ ମୀନକେତନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା କନକଲତା ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଚାଷୀ ଉପସ୍ଥିତ ଥିଲେ। ସଂଯୁକ୍ତା ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

## ଚୌଦ୍ୱାର ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

ଚୌଦ୍ୱାର,୨୮।୧୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ବିଧାନ ପ୍ରସ୍ତାବନାର ଏକ ତୈଳଚିତ୍ର ଉଦ୍‌ଘାଟନ କରାଯାଇଥିଲା। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଡ଼ଭୋକେଟ ବିନୋଦ କୁମାର ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ସୁମନ୍ତ କୁମାର ସାହୁ ପ୍ରାରମ୍ଭିକ ସୂଚନା




ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ସରିତା ମିଶ୍ର ଭାରତୀୟ ସମ୍ବିଧାନ ପ୍ରସ୍ତାବନାର ଶପଥପାଠ କରାଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ର. ପ୍ରଭାକର ମିଶ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ ସାହୁ, ଦୀପକ ବେହେରା, ଦୀପକ ଦାସ, ସୁଚିତ୍ରା ସାହୁ, ଅନୁପମା ତ୍ରିପାଠୀ, ସ୍ୱାଭିମାନ ସାମନ୍ତରାୟ, ଡ. ସଂଗ୍ରାମ ବେହାରୀ, ରତିକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅଧ୍ୟାପିକା ବିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସ୍ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବଡମ୍ବା,୨୮।୧୧(ସମିସ): ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଏନସିସି ଦିବସ ଉପଲକ୍ଷେ ଏନସିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଏନସିସି କ୍ୟାପଟେନ ସୁଧୀର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହିତ କର, ସମ୍ମାନିତ ଅତିଥିଭାବେ ରାସାୟନିକ ବିଭାଗର ମୁଖ୍ୟ ସୁବାସଚନ୍ଦ୍ର ଆସ, ଅଧ୍ୟାପକ ସନ୍ତୋଷ ପୁହାଣ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ସୁବାସିନୀ ସାହୁ ମଞ୍ଚ ପରିଚାଳନା




କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଏକତା ଓ ନିରବତା ଥିବା ବେଳେ ଏନସିସି ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ଆଲୋକର ପଥ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।

# ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ମାହାଙ୍ଗା,୨୮।୧୧(ସମିସ): ମାହାଙ୍ଗା ବ୍ଲକ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଝାଡେଶ୍ୱରପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଷଢଙ୍ଗୀ ଏହାକୁ ଉଦଘାଟନ କରିଥିଲେ। ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ମୋନାଲିସା ସରକାର ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଧନଞ୍ଜୟ ବରାଳ, ଏବିଇଓ ସୋମନାଥ ରାମ ଓ ସବିତା କୁମାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ୧୨୦ ବିଦ୍ୟାଳୟ ବିଦ୍ୟାଳୟର ଛାତ୍ରଛାତ୍ରୀ ୧୬୯ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ୧୩ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ଶିକ୍ଷକ ତପନ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଆରସିସି ଅରୁଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଲିସା ପ୍ରଧାନ ଧନ୍ୟବାଦ ଦେଇଥିଲେ।












### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବାବୁଜଙ୍ଗ ଉଚ୍ଚ ବିଦ୍ୟାଳୟ ଓ ସାଧୁଚରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବ୍ଲକର ସମସ୍ତ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ୧୫୧ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୭ ଜଣ କୃତୀ ଛାତ୍ରଛାତ୍ରୀ ତଥା ଧାରଣୀୟ କୃଷି ପ୍ରକଳ୍ପରେ ସ୍ୱଙ୍ଗ ପ୍ରକାଶ ସାହୁ, ବର୍ଜ୍ୟ ପରିଚାଳନାରେ ନିହାର ରଞ୍ଜନ ସ୍ୱାଇଁ, ସବୁଜ ଶକ୍ତିରେ ଏସ୍ ଏନ୍ ସ୍ମୃତି ସୌରଭ, ନବପ୍ରଯୁକ୍ତି ବିଦ୍ୟାରେ ଶୁଭଲକ୍ଷ୍ମୀ ସ୍ୱାଇଁ, ଗଣିତ ମଡେଲରେ ସାହିସ୍ତା ଫତିମା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରକଳ୍ପରେ ସ୍ଥିତିପ୍ରଜ୍ଞା ସ୍ୱାଇଁ, ଜଳସଂରକ୍ଷଣରେ ଆକବରୀ ଖାନନଙ୍କୁ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ କରାଯାଇଛି। ୨୧ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏଥିରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଧନଞ୍ଜୟ ବରାଳ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଅଭୟ କୁମାର ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରାକ୍ତନ ସିଆରସିସି ଧନେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ମିଶ୍ରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସମିତିସଭ୍ୟ ଅଭୟ ଲେଙ୍କା, କିଶୋର ସାହାଣୀ, ସହକାରୀ ଶିକ୍ଷାଅଧିକାରୀ ସୁଶୀଲ ଚକ୍ରବର୍ତ୍ତୀ, ଜାକିର ହୁସେନ, ପ୍ରଭାତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସଂଘର ସଭାପତି ଶାରଦା ପ୍ରସନ୍ନ ମିଶ୍ର, ପ୍ରାକ୍ତନ ସିଆରସିସି ଗୁଲାମ ମେହେନ୍ଦୀ ହୁସେନଙ୍କ ସମେତ ସମସ୍ତ ସିଆରସିସି, ଗାଇଡ୍ ଶିକ୍ଷକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ସାଲେପୁର

ସାଲେପୁର ହାଇସ୍କୁଲରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଫିରୋଜ ଅହମ୍ମଦ ଖାଁ, ମୁଖ୍ୟବକ୍ତା ରୂପେ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଧନଞ୍ଜୟ ବରାଳ, ବହୁଗ୍ରାମ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ଖଟୁଆ, ପୂର୍ବତନ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ନନ୍ଦ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୟଦ ଜାକି ଅମିନ୍ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ବିଶ୍ୱମୋହନ ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ମିଶ୍ର ମୁଖ୍ୟଅତିଥି, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ମୁଖ୍ୟବକ୍ତା, ମଣ୍ଡଳ ବିଜ୍ଞାନ ସଂଯୋଜକ ପ୍ରଦୀପ୍ତ ସାହୁ, ଓଡ଼ିଶା ଆଦର୍ଶ ସ୍କୁଲ ଅଧ୍ୟକ୍ଷ ଯଶୋବନ୍ତ ସାହୁ, ଫିରୋଜ ଅହମ୍ମଦ ଖାଁ, ସାଲେପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା ଅତିଥି ରୂପେ ଯୋଗଦେଇଥିଲେ। ସମୁଦାୟ ୧୫୩ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ୬୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଦୀପ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ଫୁଲନଖରା

ଗୋପାଳପୁରସ୍ଥିତ ମା' ତାରେଣୀ ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ଅବିଷ୍କାର ଅଭିଯାନ ଅନ୍ତର୍ଗତ ବିତର୍କ ଓ ବିଜ୍ଞାନ ପ୍ରଦର୍ଶନୀ ମେଳାରେ ପ୍ରାୟ ୯୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶହେରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ମଣ୍ଡଳ ଶିକ୍ଷାଧିକାରୀ ମନିଷା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରସାୟନବିତ୍ ଡ ସିଦ୍ଧାର୍ଥ ଭରଦ୍ୱାଜ ଯୋଗଦେଇଥିବା ବେଳେ ସ୍ଥାନୀୟ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶରତ ସାହୁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଂଜୁବାଳା ମିଶ୍ର, ଅନନ୍ତ ଚରଣ ଦେହୁରୀ, ରବୀନ୍ଦ୍ର ବେହେରା, ଦେବେନ୍ଦ୍ର ମୋହନ ଗମାଙ୍ଗୋ, ସାଧନାକେନ୍ଦ୍ର ସଂଯୋଜକ ଅଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ମେୟର ସୁବାସ ସିଂ ଅତିଥି ଭାବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୦୦ • ପାଉଣ୍ଡ ୧୧୮.୭୪
- ୟୁରୋ ୧୦୩.୯୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୦୯୦ (ନୂଆଦିଲ୍ଲୀ)
- ରୁପା : ୧,୭୩,୧୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତର ଜାତୀୟ ଆକାଉଣ୍ଟ ତଥ୍ୟରେ ଗୁରୁତର ତ୍ରୁଟି ଦର୍ଶାଇଲା ଆଇଏମ୍ଏଫ୍

# ଜିଡିପି ତଥ୍ୟରେ ରହିଛି ଗଫଲତି

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଭାରତୀୟ ଅର୍ଥନୀତିକୁ ନେଇ ହଟଚମଟ କରିବା ଭଳି ତଥ୍ୟ ପ୍ରକାଶ କରିଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)। ଭାରତର ନ୍ୟାସନାଲ୍ ଆକାଉଣ୍ଟ ତଥ୍ୟରେ ଗୁରୁତର ତ୍ରୁଟି ଦର୍ଶାଇ ଏହାକୁ ସି' ଗ୍ରେଡ୍ ପ୍ରଦାନ କରିଛି, ଯାହାକୁ ତଥ୍ୟ ଗୁଣବତ୍ତା ଦୃଷ୍ଟିରୁ ଦ୍ୱିତୀୟ ସର୍ବନିମ୍ନ ସ୍ତର ଭାବରେ ବିବେଚନା କରାଯାଏ। ଏହି ମୂଲ୍ୟାଙ୍କନ ଏପରି ସମୟରେ ଆସିଛି ଯେତେବେଳେ କେନ୍ଦ୍ର ସରକାର ଗୁରୁବାର ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଆକଳନ କରାଯାଇଛି ଯେ ଭାରତର ଅର୍ଥନୀତି ୭% ହାରରେ ବୃଦ୍ଧି ପାଇପାରେ। ଆଇଏମ୍ଏଫ୍‌ର ବାର୍ଷିକ ମୂଲ୍ୟାଙ୍କନ ଅନୁଯାୟୀ, ଜିଡିପି ଏବଂ ମୋଟ ମୂଲ୍ୟ ଯୁକ୍ତ (ଜିଭିଏ) ଭଳି ପ୍ରମୁଖ ସଙ୍କେତକଗୁଡିକରେ ଦେଶର ଜାତୀୟ ଆକାଉଣ୍ଟ ତଥ୍ୟରେ ପଦ୍ଧତିଗତ ତ୍ରୁଟିରୁ ରହିଛି। ଏଜେନ୍ସି କହିଛି ଯେ ତଥ୍ୟ ଯଥେଷ୍ଟ ଆବୃତ୍ତି ଏବଂ ସମୟାନୁବର୍ତ୍ତୀତା ସହିତ ଉପଲବ୍ଧ ହେଲେ, ପଦ୍ଧତିଗତ ଦୁର୍ବଳତା କିଛି ପରିମାଣରେ ଅର୍ଥନୈତିକ ମନିଟରିଂର ଗୁଣବତ୍ତା ଉପରେ ପ୍ରଭାବ ପକାଏ। ଏହା ଉପରେ ଆଧାର କରି ଜାତୀୟ ଆକାଉଣ୍ଟସ୍ ସିଷ୍ଟମକୁ ସି' ଗ୍ରେଡ୍ ଦିଆଯାଇଛି।




**ସି' ଗ୍ରେଡ୍‌ରେ ସ୍ଥାନିତ କଲା ଅନ୍ତର୍ଜାତୀୟ ଏଜେନ୍ସି**

**ତଥ୍ୟ ଗୁଣବତ୍ତା ଦୃଷ୍ଟିରୁ ଦ୍ୱିତୀୟ ସର୍ବନିମ୍ନରେ ରହିଲା**

**ତଥ୍ୟରେ ବୈଷୟିକ ଏବଂ ପଦ୍ଧତିଗତ ଉନ୍ନତି ଆବଶ୍ୟକ**

**ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭% ଦେଖାଇଛି କେନ୍ଦ୍ର**

ଆଇଏମ୍ଏଫ୍ ୨୦୧୧-୧୨ ର ପୁରୁଣା ଆଧାର ବର୍ଷ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି, ଯାହା ଉପରେ ବର୍ତ୍ତମାନର ଅର୍ଥନୈତିକ ଗଣନା ଆଧାରିତ। ରିପୋର୍ଟରେ ଜିଡିପି ମାପ କରିବା ପାଇଁ ପାଇକାରୀ ମୂଲ୍ୟ ସୂଚକାଙ୍କ ବ୍ୟବହାର ଏବଂ ଉତ୍ପାଦନ ଏବଂ ଖର୍ଚ୍ଚ-ଭିତ୍ତିକ ପଦ୍ଧତି ମଧ୍ୟରେ ସାମୟିକ ପାର୍ଥକ୍ୟକୁ ପ୍ରମୁଖ ସମସ୍ୟା ଭାବରେ ଉଲ୍ଲେଖ କରାଯାଇଛି। ସଂଗଠନ ଖର୍ଚ୍ଚ-ଭିତ୍ତିକ ତଥ୍ୟ ଏବଂ ଅନୌପଚାରିକ କ୍ଷେତ୍ରର କଭରେଜ୍ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି।

ଭାରତ ସରକାର ଦୀର୍ଘ ସମୟ ଧରି ଆୟ-ଭିତ୍ତିକ ପଦ୍ଧତି ବ୍ୟବହାର କରି ଜିଡିପି ଆକଳନ କରିଆସୁଛନ୍ତି। ଏହି ମଡେଲ୍ ସରକାର, ଶିଳ୍ପ ଏବଂ ବ୍ୟକ୍ତିବିଶେଷଙ୍କ ଆୟରୁ ଜିଡିପି ପ୍ରାପ୍ତ କରେ। ସରକାର ଖର୍ଚ୍ଚ-ଭିତ୍ତିକ ମଡେଲ୍‌ରୁ ମଧ୍ୟ ଆକଳନ ଉପସ୍ଥାପନ କରିଥାନ୍ତି, କିନ୍ତୁ ଉଭୟଙ୍କ ମଧ୍ୟରେ ପ୍ରାୟତଃ ପାର୍ଥକ୍ୟ ଦେଖାଯାଏ। ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ପାର୍ଥକ୍ୟ ଭିନ୍ନ ଉତ୍ସ ଏବଂ କଭରେଜ୍ ରେ ପାର୍ଥକ୍ୟ ଯୋଗୁଁ ସୃଷ୍ଟି ହୁଏ।

ଆଇଏମ୍ଏଫ୍ କହିଛି ଯେ ତ୍ରୈମାସିକ ନ୍ୟାସନାଲ ଆକାଉଣ୍ଟସ୍ ସିଷ୍ଟମରେ ଋତୁକାଳୀନ ଭାବରେ ସଂଯୋଜିତ ତଥ୍ୟର ଅଭାବ ରହିଛି, ଯାହାକୁ ଉନ୍ନତ କରାଯିବା ଆବଶ୍ୟକ। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) କୁ ଏଜେନ୍ସି ବି' ଗ୍ରେଡ୍ ଦେଇଛି। ଆଇଏମ୍ଏଫ୍ ଅନୁଯାୟୀ, ଏହି ସୂଚକାଙ୍କ ମନିଟରିଂ ପାଇଁ ଉପଯୋଗୀ। କାରଣ ଏହା ମାସରେ ଥରେ ପ୍ରକାଶିତ ହୁଏ। କିନ୍ତୁ ଏହାର ପୁରୁଣା ମୂଳ ବର୍ଷ ଯୋଗୁଁ, ଏହା ବର୍ତ୍ତମାନର ବ୍ୟବହାର ପଦ୍ଧତିକୁ ସଠିକ୍ ଭାବରେ ପ୍ରତିଫଳିତ କରେନାହିଁ। ସାମଗ୍ରିକ ଭାବରେ ଜିଡିପିର ସମସ୍ତ ତଥ୍ୟ ବର୍ଗରେ ଭାରତକୁ ଏଜେନ୍ସି ବି' ଗ୍ରେଡ୍ ଦେଇଛି। ଆଇଏମ୍ଏଫ୍‌ର କହିବାନୁଯାୟୀ, ଭାରତର ତଥ୍ୟ ପ୍ରାୟତଃ ପର୍ଯ୍ୟାପ୍ତ, କିନ୍ତୁ ଅନେକ କ୍ଷେତ୍ରରେ ବୈଷୟିକ ଏବଂ ପଦ୍ଧତିଗତ ଉନ୍ନତି ଆବଶ୍ୟକ।

## ଦ୍ୱିତୀୟ ତ୍ରୈମାସିକରେ ୮.୨% ହାରରେ ବଢ଼ିଛି ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଫେଲ୍ ମାରିଲା ସବୁ ଅନୁମାନ। ଭାରତର ଅର୍ଥ ବ୍ୟବସ୍ଥା ପୁଣି ଥରେ ଦ୍ରୁତ ଗତିରେ ଆଗକୁ ବଢ଼ିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହା ବିଗତ ୬ଟି ତ୍ରୈମାସରେ ସବୁଠୁ ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଏହା ୫.୬% ଥିଲା। ଏହି ଅଭିବୃଦ୍ଧି କେବଳ ଅନୁମାନଠାରୁ ଉପରେ ନୁହେଁ, ବରଂ ଘରୋଇ ଚାହିଦା, ଗ୍ରାମୀଣ ଅର୍ଥ ବ୍ୟବସ୍ଥା ଓ ସରକାରୀ ଖର୍ଚ୍ଚର ମଜଭୁତ ସ୍ଥିତିକୁ ପ୍ରତିଫଳିତ କରୁଛି।




**ବିଗତ ୬ଟି ତ୍ରୈମାସରେ ସବୁଠୁ ଅଧିକ**

ଗତ ତ୍ରୈମାସରେ ଦେଶର ଜିଡିପି ୭.୮% ରହିଥିଲା, କିନ୍ତୁ ଦ୍ୱିତୀୟ ତ୍ରୈମାସରେ ଏହା ବଢ଼ି ୮.୨% ହୋଇଛି। ଆର୍ଥିକ ବିଶେଷଜ୍ଞମାନେ ୭.୩% ଯାଏ ଅଭିବୃଦ୍ଧି ଅନୁମାନ ଥକରୁଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ୭%ର ଅଭିବୃଦ୍ଧି ପୂର୍ବାନୁମାନ କରିଥିଲା। ସରକାରଙ୍କ ଦ୍ୱାରା ଜିଏସ୍‌ଟି ସ୍ଲାବ ହ୍ରାସ, ପାର୍ବଣ ପୂର୍ବରୁ ଷ୍ଟକ୍ ବଢ଼ାଇବା ଓ ଗ୍ରାମୀଣ କ୍ଷେତ୍ରରେ ପୁଣି ଥରେ ଚାହିଦା ବୃଦ୍ଧି ଏହି ଅଭିବୃଦ୍ଧିର ଏକ ପ୍ରମୁଖ କାରଣ ରୂପେ ସାମନାକୁ ଆସିଛି। ଦ୍ୱିତୀୟ ତ୍ରୈମାସରେ ଜିଡିପି ବୃଦ୍ଧି ହାର ଗତ ତିନି ମାସର ୭.୮% ଓ ପୂର୍ବ ବର୍ଷ ସମାନ ଅବଧିର ୫.୬%ଠାରୁ ଭଲ ରହିଛି। ବିନିର୍ମାଣ (ଯାହା ଦେଶର ସକଳ ଘରୋଇ ଉତ୍ପାଦର ୧୪%) ଦ୍ୱିତୀୟ ତ୍ରୈମାସରେ ୯.୧% ବଢ଼ିଛି। ପୂର୍ବ ବର୍ଷ ସମାନ ତ୍ରୈମାସରେ ଏହା ୨.୨% ଥିଲା।

**ସିଏଜି ରିପୋର୍ଟ**

# ୧୯ ରାଜ୍ୟରେ ପୁଞ୍ଜି ବ୍ୟୟ ମନ୍ଥର

### ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ

**ଭୁବନେଶ୍ୱର, ୨୮।୧୧ (ସମିସ):** ମାନ୍ଦା ପଡିଛି ଦେଶରେ ରାଜ୍ୟଗୁଡିକର ପୁଞ୍ଜି ବ୍ୟୟ। ବଜେଟରେ ପ୍ରସ୍ତାବିତ ପୁଞ୍ଜି ବ୍ୟୟରେ ପଛରେ ପଡିଛନ୍ତି ଅନେକ ରାଜ୍ୟ। ପୁଞ୍ଜି ବ୍ୟୟ ବାବଦ ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହେଉଛନ୍ତି ରାଜ୍ୟ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ଏପ୍ରିଲ-ଅକ୍ଟୋବର ଅବଧିରେ ଦେଶର ୧୯ଟି ରାଜ୍ୟ ସେମାନଙ୍କର ବଜେଟରେ ରଖାଯାଇଥିବା ପୁଞ୍ଜି ବ୍ୟୟର ମାତ୍ର ୩୩.୫% ଅର୍ଥ ଖର୍ଚ୍ଚ କରିଛନ୍ତି, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା। ଏହି ୧୯ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଦ୍ୱାରା ହୋଇଥିବା ପୁଞ୍ଜି ବ୍ୟୟଠାରୁ ବହୁତ କମ୍। ୧୯ଟି ରାଜ୍ୟର ମାସିକ ଆକାଉଣ୍ଟ ରିପୋର୍ଟର ବିଶ୍ଳେଷଣରୁ ଏହି ତଥ୍ୟ ପଦାକୁ ଆସିଛି। ଓଡ଼ିଶାରେ ପୁଞ୍ଜି ବ୍ୟୟ ହାର (୪୩.୮ ପ୍ରତିଶତ) ରହିଛି।

**ଖର୍ଚ୍ଚ ହୋଇଛି ୩୩.୫%**

**ଓଡ଼ିଶାରେ ବ୍ୟୟ ୪୩.୮%**




**୨୬ ରାଜ୍ୟରେ ପୁଞ୍ଜି ବ୍ୟୟ ୫୦%ରୁ କମ୍**

ବାସ୍ତବରେ , ୧୬ ଟି ରାଜ୍ୟ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୭ ମାସରେ ସେମାନଙ୍କର ବଜେଟ ଆକଳନ (ବିଇ) ଠାରୁ ୫୦%ରୁ ଅଧିକ କମ୍ ଅର୍ଥ ଖର୍ଚ୍ଚ କରିଛି। ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିବା ୧୯ ରାଜ୍ୟ ମଧ୍ୟରେ ହରିୟାଣା ହେଉଛି ଏକ ମାତ୍ର ରାଜ୍ୟ ଯେ କି ବଜେଟ୍ ଆକଳନ ଅନୁଯାୟୀ ପୁଞ୍ଜି ବ୍ୟୟରେ ଆଗରେ ରହିଛି। ରେ ନେତୃତ୍ୱ ନେଇଛି। କାରଣ ହରିୟାଣା ତା'ର ବଜେଟ ଆକଳନର ୮୫% ଅର୍ଥ ଖର୍ଚ୍ଚ କରିଛି। ଏହାପଛକଟ ତେଲେଙ୍ଗାନା (୮୦.୧%), କେରଳ (୫୨.୯%) ଏବଂ ମଧ୍ୟପ୍ରଦେଶ (୪୭.୮%) ରହିଛି। ଅପରପକ୍ଷେ ଚାରୋଟି ରାଜ୍ୟ ଉତ୍ତର ପ୍ରଦେଶ (୧୯.୪%), ଛତିଶଗଡ଼ (୧୭.୫%), ପଶ୍ଚିମବଙ୍ଗ (୧୭.୩%) ଏବଂ ତ୍ରିପୁରା (୧୫.୧%) - ସେମାନଙ୍କ ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି। ପୁଞ୍ଜି ବ୍ୟୟର ଏହି ଗତି ଏହି ୧୯ଟି ରାଜ୍ୟରେ ପୁଞ୍ଜି ବ୍ୟୟ ପାଇଁ ପ୍ରାୟ ୯.୦୧ ଲକ୍ଷ କୋଟି ଟଙ୍କାର ମୋଟ ବଜେଟ ଆକଳନର ସମ୍ପୂର୍ଣ୍ଣ ବିପରୀତ ଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟଗୁଡିକ ଦ୍ୱାରା କରାଯାଇଥିବା ପ୍ରକୃତ ଖର୍ଚ୍ଚ କେବଳ ପ୍ରାୟ ୩.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ କେନ୍ଦ୍ରର ମୋଟ ପୁଞ୍ଜି ବ୍ୟୟ ବଜେଟ ଆକଳନର ୫୨% ରହିଥିଲା। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମ ୭ମାସ (ଏପ୍ରିଲ-ଅକ୍ଟୋବର) ରେ ରାଜ୍ୟଗୁଡ଼ିକ ସେମାନଙ୍କ ବଜେଟ ରାଜସ୍ୱ ଖର୍ଚ୍ଚର ପ୍ରାୟ ୪୭.୨% ବ୍ୟବହାର କରିଛନ୍ତି। ୧୯ଟି ରାଜ୍ୟର କ୍ରମାଗତ ରାଜସ୍ୱ ଖର୍ଚ୍ଚ ୪୩.୮ ଲକ୍ଷ କୋଟି ଟଙ୍କାର ବଜେଟ ଆକଳନ ତୁଳନାରେ ୨୦.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ହିମାଚଳ ପ୍ରଦେଶ (୫୬.୫ ପ୍ରତିଶତ), ଆନ୍ଧ୍ର ପ୍ରଦେଶ (୫୫.୫ ପ୍ରତିଶତ) ଏବଂ ପଞ୍ଜାବ (୪୫.୭ ପ୍ରତିଶତ) ରେ ରାଜସ୍ୱ ବ୍ୟୟ ଉପଯୋଗ ହାର ତୁଳନାତ୍ମକ ଭାବରେ ଅଧିକ ଥିଲା। ତଥାପି, ମହାରାଷ୍ଟ୍ର (୪୩ ପ୍ରତିଶତ) ଏବଂ ତ୍ରିପୁରା (୪୦.୩ ପ୍ରତିଶତ) ଏହି କ୍ଷେତ୍ରରେ ସବୁଠୁ ତଳେ ରହିଛନ୍ତି।

## ଋଣ ବିତରଣ କରିବେ ଆମାଜନ୍ ଓ ଫ୍ଲିପକାର୍ଟ

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଆମାଜନ ଓ ଫ୍ଲିପକାର୍ଟ ଦେଶର ଆର୍ଥିକ ବଜାରକୁ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏକ ରିପୋର୍ଟ ଅନୁସାରେ ଏବେ ଉଭୟ ପ୍ଲାଟଫର୍ମ ଋଣ ବିତରଣ କରିବାକୁ ବ୍ୟବସ୍ଥା କରୁଛନ୍ତି। ଏଥିରେ ଆମାଜନ ଭାରତରେ ଛୋଟ ବିଜନେସ୍ କୁ ଆର୍ଥିକ ସମର୍ଥନ କରିବାକୁ ଯୋଜନା କରିଥିବା ବେଳେ ଫ୍ଲିପକାର୍ଟ ଏବେ କିଣନ୍ତୁ ଓ ପରେ ପୈଠ କରନ୍ତୁ (ବିଏନପିଏଲ) ଯୋଜନା ନେଇ ବିଚାର କରୁଛି। ଆମାଜନ ଚଳିତବର୍ଷ ପ୍ରାରମ୍ଭରେ ବେଙ୍ଗାଲୁରୁର ଅଣ ବ୍ୟାଙ୍କିଙ୍ଗ କମ୍ପାନୀ ଆକ୍ସିଓ ଅଧିଗ୍ରହଣ କରିଥିଲା। ଏବେ ବିଏନପିଏଲ ଓ ପର୍ସନାଲ ଲୋନ ଉପରେ ଫୋକସ କରୁଥିବା ଏକ୍ସିଓ ପୁଣି ଛୋଟ ବିଜନେସ୍ କୁ କ୍ରେଡିଟ୍ ଦେବା ଆରମ୍ଭ କରିବ ଓ କ୍ୟାସ୍ ମ୍ୟାନେଜମେଣ୍ଟ ସଲ୍ୟୁସନ ମଧ୍ୟ ଆରମ୍ଭ କରିବ। ଆମାଜନ ପେମେଣ୍ଟସ୍ ର ଭାଇସ୍ ପ୍ରେସିଡେଣ୍ଟ ମହେନ୍ଦ୍ର ନେରୁରକର କହିଛନ୍ତି ଯେ କମ୍ପାନୀ ବ୍ୟବସାୟୀ ଓ ଛୋଟ ବିଜନେସ୍ ଲାଗି 'ଖାସ ଋଣ ଦେବା ନିମନ୍ତେ ଉପାୟ ଡିଜାଇନ କରିବ'। ଏହା ଦ୍ୱାରା କ୍ୟାସ୍ ଫ୍ଲୋ ମ୍ୟାନେଜମେଣ୍ଟକୁ ଉନ୍ନତ କରିବା ସହ କ୍ୟାପିଟାଲ ହାସଲ କରିବାରେ ସୁବିଧା ହେବ।

## ମହିଳା ଜୁନିଅର ହକି ବିଶ୍ୱକପ୍ ଭାରତୀୟ ଟିମ୍‌କୁ କୋକା-କୋଲା ଇଣ୍ଡିଆର ସମର୍ଥନ

**ଭୁବନେଶ୍ୱର, ୨୮।୧୧:** ଆନନ୍ଦନା - କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନ୍ ଆଜି ଚିଲିର ସାଣ୍ଟିଆଗୋରେ ଏଫଆଇଏଚ ମହିଳା ଜୁନିଅର ହକି ବିଶ୍ୱକପ୍ ୨୦୨୫ ପାଇଁ ପ୍ରସ୍ତୁତିରେ ଭାରତର ଜୁନିଅର ମହିଳା ହକି ଦଳକୁ ସମର୍ଥନ କରିଛି। ଆନନ୍ଦନା ଏବଂ ହକି ଇଣ୍ଡିଆ ତିନି ବର୍ଷରୁ ଅଧିକ ସମୟ ଧରି ସହଭାଗୀ ଅଛନ୍ତି, ଯୁବ ମହିଳା ଖେଳାଳିମାନଙ୍କ ପାଇଁ ସୁଯୋଗ ବିସ୍ତାର କରିବା ଏବଂ ଭାରତରେ ଉଦୀୟମାନ ହକି ପ୍ରତିଭା ପାଇଁ ପଥକୁ ମଜବୁତ କରିବା ପାଇଁ ଏକାଠି କାମ କରୁଛନ୍ତି। ଏହି ସହଭାଗୀତା ସ୍ଥିର ତାଲିମ ସମର୍ଥନ, ଅନ୍ତର୍ଜାତୀୟ ଏକ୍ସପୋଜର ଏବଂ ସାମଗ୍ରିକ ଆଥଲେଟ୍ ବିକାଶ ମାଧ୍ୟମରେ ଦଳର ପ୍ରସ୍ତୁତି ନିର୍ମାଣ ଉପରେ ଧ୍ୟାନ ଦେଇଛି। ପ୍ରସ୍ତୁତି ସମର୍ଥନ ଅଷ୍ଟ୍ରେଲିଆରେ ଦଳର ସମ୍ପ୍ରତି ୫-ମ୍ୟାଚ୍ ଏକ୍ସପୋଜର ଗସ୍ତକୁ ସକ୍ଷମ କରିଥିଲା, ଯେଉଁଠାରେ ଖେଳାଳିମାନେ ବିଶ୍ୱସ୍ତରୀୟ ପ୍ରତିପକ୍ଷଙ୍କ ବିରୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଅଭିଜ୍ଞତା ହାସଲ କରିଥିଲେ। ଏହି ସହଭାଗୀତା ଭାରତ, ଆମଷ୍ଟରଡାମ ଏବଂ ବର୍ଲିନରେ ଆୟୋଜିତ ଅନେକ ପ୍ରସ୍ତୁତି ଶିବିରକୁ ମଧ୍ୟ ସୁବିଧା ଦେଇଥିଲା, ଯେଉଁଥିରେ ବୈଷୟିକ ଦକ୍ଷତା ଏବଂ ମ୍ୟାଚ୍ ମନୋଭାବକୁ ତୀକ୍ଷ୍ଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ସ୍ଥାନ-ନିର୍ଦ୍ଦିଷ୍ଟ ଏବଂ ଉଚ୍ଚ-ପ୍ରଦର୍ଶିତା ତାଲିମ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଏହି ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମଗୁଡ଼ିକ ଦଳଗତ ବୈଷୟିକ ଦକ୍ଷତା, ମ୍ୟାଚ୍ ଶୃଙ୍ଖଳା ଏବଂ ବିଶ୍ୱକପ୍ ପାଇଁ ସାମଗ୍ରିକ ପ୍ରତିଯୋଗିତାମୂଳକ ପ୍ରସ୍ତୁତିକୁ ସୁଦୃଢ଼ କରିଥିଲା।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୧୧(ସମିସ):** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବ୍ୟାଙ୍କର ପଳାଶପଲ୍ଲୀ ଶାଖାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ- କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ଜନପଥ ଶାଖାର ସହାୟକ ମହାପ୍ରବନ୍ଧକ ଗଜାନନ ଭୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସମ୍ଭାବ୍ୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଶ୍ରୀ କୁମାର ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖୁଚୁରା ଋଣ ଉତ୍ପାଦ ଯେପରି ସେଣ୍ଟ ସ୍ୱର୍ଣ୍ଣ ଋଣ , ସେଣ୍ଟ ଗୃହ ଋଣ, ସେଣ୍ଟ ଗୃହ ଲକ୍ଷ୍ମୀ ଗୃହ ଋଣ (କେବଳ ମହିଳାମାନଙ୍କ ପାଇଁ) , ସେଣ୍ଟ ବନ୍ଧକ ଋଣ ଏବଂ ସେଣ୍ଟ ଗାଡି ଋଣ ଉପରେ ପ୍ରତିଯୋଗିତାମୂଳକ ସୁଧ ହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୨୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ବରିଷ୍ଠ ପ୍ରବନ୍ଧକ ବନ୍ଦନା ଷଡଙ୍ଗୀ ଏବଂ ପଳାଶପଲ୍ଲୀ ଶାଖାର ଶାଖା ମୁଖ୍ୟ ସ୍ୱର୍ଣ୍ଣଲତା ସାମଲ ଉପସ୍ଥିତ ଥିଲେ।




## ଏସିଆନ୍ ପେଣ୍ଟ୍‌ସ୍ ଭାରତୀୟ କ୍ରିକେଟର ଅଫିସିଆଲ କଲର୍ ପାର୍ଟନର

**ମୁମ୍ବଇ,୨୮।୧୧ :** ଅଗ୍ରଣୀ ପେଣ୍ଟସ୍ ଓ ଡେକୋର ବ୍ରାଣ୍ଡ 'ଏସିଆନ୍ ପେଣ୍ଟସ୍' ଭାରତୀୟ କ୍ରିକେଟର ଅଫିସିଆଲ କଲର୍ ପାର୍ଟନର ଭାବରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ସହଭାଗିତା ଘୋଷଣା କରିଛି। ୩ବର୍ଷ ନିମନ୍ତେ ଏହି ସହଯୋଗୀତା ଭାରତରେ ଖେଳାଯିବାକୁ ଥିବା ପୁରୁଷ, ମହିଳା ଏବଂ ଘରୋଇ ସିରିଜର ୧୧୦ଟି ମ୍ୟାଚ ନିମନ୍ତେ ପ୍ରଯୁଜ୍ୟ ରହିବ। ଏହି ସହଯୋଗ କ୍ରିକେଟ ସହିତ ଏସିଆନ୍ ପେଣ୍ଟସର ସମ୍ପର୍କକୁ ସୁଦୃଢ କରିବା ସହିତ କ୍ରିକେଟର ପ୍ରତ୍ୟେକ ରଙ୍ଗ ସହିତ ୧.୪ ବିଲିଅନ ଲୋକଙ୍କୁ ଯୋଡୁଛି। ଏହା ଏକ ସୁଦୃଢ ସହଯୋଗୀତାକୁ ଜୀବନ୍ତ କରି ଗଢିତୋଳୁଛି ଯାହା କୋଟି କୋଟି ହୃଦୟକୁ ଏକତ୍ରିତ କରୁଥିବା ରଙ୍ଗକୁ ନେଇ ଖୁସି ମନାଉଥିବା ଏସିଆନ୍ ପେଣ୍ଟସ୍‌ର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଅମିତ ସିଙ୍ଗଲ କହିଛନ୍ତି।

## ଟିପିସିଓଡିଏଲ୍‌କୁ 'ପ୍ରିମିୟମ୍ ଗୋଲ୍ଡ' ସମ୍ମାନ

**ଭୁବନେଶ୍ୱର, ୨୮।୧୧ (ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)କୁ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ନ୍ୟାସନାଲ ଆୱାର୍ଡରେ 'ପ୍ରିମିୟମ ଗୋଲ୍ଡ' ବର୍ଗରେ ସମ୍ମାନିତ କରାଯାଇଛି। ନିକଟରେ ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ନ୍ୟାସନାଲ ସେଫ୍ଟି କନକ୍ଲେଭ ୨୦୨୫ରେ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମଏସ୍) ଦ୍ୱାରା ସ୍ଥାପିତ ଏହି କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ଆୱାର୍ଡ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (ଓଏସଏଚ/ଏସଏଚଇ) କ୍ଷେତ୍ରରେ ଭାରତର ଅନ୍ୟତମ ପ୍ରମୁଖ ସମ୍ମାନ ଭାବେ ପରିଗଣିତ ହୁଏ। ଟିପିସିଓଡିଏଲର ଏହି 'ପ୍ରିମିୟମ ଗୋଲ୍ଡ' ସ୍ୱୀକୃତି କମ୍ପାନୀର ସୁରକ୍ଷାକୁ ଅଗ୍ରାଧିକାର ଏବଂ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଉନ୍ନତି ପାଇଁ ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଟିପିସିଓଡିଏଲର ସିଓଓ ଦୁଷ୍ୟନ୍ତ କୁମାର ତ୍ୟାଗୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉତ୍ତରପ୍ରଦେଶର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡ. ରାଜବୀର ସିଂହ, ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଏବଂ ବ୍ରିଗେଡିୟର ଆଲୋକ ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।




# ଘରେ ବସି ବଦଳାଇହେବ ଆଧାରରେ ମୋବାଇଲ ନମ୍ବର

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଏଣିକି ଘରେ ବସି ଆଧାର କାର୍ଡରେ ପଞ୍ଜିକୃତ ମୋବାଇଲ୍ ନମ୍ବର ପରିବର୍ତ୍ତନ କରିହେବ। ଆଧାରକୁ ନିୟନ୍ତ୍ରଣ କରୁଥିବା ସଂସ୍ଥା ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଏକ ନୂତନ ଡିଜିଟାଲ୍ ସେବା ଘୋଷଣା କରିଛି। ଏହି ସେବା ମାଧ୍ୟମରେ ବ୍ୟବହାରକାରୀମାନେ ଆଧାର ଆପ୍ ଉପରେ ଏକ ଓଟିପି ଯାଞ୍ଚ ଏବଂ ଫେସ୍ ପ୍ରମାଣୀକରଣ (ଫେସ୍ ଅଥେନ୍‌ଟିକେସନ୍) ମାଧ୍ୟମରେ ସେମାନଙ୍କର ମୋବାଇଲ୍ ନମ୍ବର ଅପଡେଟ୍ କରିପାରିବେ। ଏହି ସେବା ଦୂରଦୂରାନ୍ତରେ ରହୁଥିବା ଲୋକଙ୍କ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧାଜନକ ହେବ।

**ନୂତନ ସେବା କିପରି କାମ କରିବ?**

ୟୁଆଇଡିଏଆଇ ଅନୁଯାୟୀ, ଆପଣଙ୍କର ମୋବାଇଲ୍ ନମ୍ବର ଅପଡେଟ୍ କରିବା ପାଇଁ ପ୍ରକ୍ରିୟାକୁ ବହୁତ ସରଳ ରଖାଯାଇଛି। ଏଥିପାଇଁ କୌଣସି ଡକ୍ୟୁମେଣ୍ଟ କିମ୍ବା ଶାରୀରିକ ପରିଦର୍ଶନ ଆବଶ୍ୟକ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟା କିଛି ମିନିଟ୍ ମଧ୍ୟରେ ସମାପ୍ତ ହେବ।

ପ୍ରଥମେ, ବ୍ୟବହାରକାରୀମାନଙ୍କୁ ଆଧାର ଆପ୍ ଡାଉନଲୋଡ୍ କରିବାକୁ ପଡିବ। ଏଠାରେ, ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଆଧାର ନମ୍ବର ଏବଂ ନୂତନ ମୋବାଇଲ୍ ନମ୍ବର ଏଣ୍ଟ୍ରି କରିବାକୁ ହେବ।

**ଆପ୍‌ରେ ଓଟିପି ଓ ଫେସ୍ ଅଥେନ୍‌ଟିକେସନ୍‌ରେ ହେବ ଅପ୍‌ଡେଟ୍**

**ଆବଶ୍ୟକ ପଡିବନି କୌଣସି ଡକ୍ୟୁମେଣ୍ଟ**

ପୁରୁଣା କିମ୍ବା ନୂତନ ନମ୍ବରକୁ ଏକ ଓଟିପି ଯାଞ୍ଚ ଆସିବ। ଏହାପରେ, ସ୍ମାର୍ଟଫୋନ୍ କ୍ୟାମେରା ବ୍ୟବହାର କରି ମୁହଁ ପ୍ରମାଣୀକରଣ ସମାପ୍ତ କରିବାକୁ ପଡିବ।

**ଆଧାର ମୋବାଇଲ୍ ଅପଡେଟ୍ କାହିଁକି ଆବଶ୍ୟକ?**

ଆଧାର କାର୍ଡ ଦେଶର ସର୍ବବୃହତ ପରିଚୟ ସେବା, ଯେଉଁଥିରେ ୧.୩ ବିଲିୟନରୁ ଅଧିକ ଲୋକଙ୍କର ତଥ୍ୟ ଥାଏ। ମୋବାଇଲ୍ ନମ୍ବର ଆଧାର କାର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, କାରଣ ଏହା ବ୍ୟାଙ୍କ ଆକାଉଣ୍ଟ, ସରକାରୀ ସବସିଡି, ଆୟକର ଯାଞ୍ଚ ଏବଂ ଓଟିପି ମାଧ୍ୟମରେ ଡିଜିଲକର୍ ଭଳି ଡିଜିଟାଲ୍ ସେବାଗୁଡ଼ିକୁ ଏଣ୍ଟ୍ରି ପ୍ରଦାନ କରିଥାଏ।

ଯଦି ନମ୍ବରଟି ପୁରୁଣା ହୋଇଯାଏ କିମ୍ବା ହଜିଯାଏ, ତେବେ ଏହା ଅନେକ ସମସ୍ୟା ସୃଷ୍ଟି କରିପାରେ। ଏ ପର୍ଯ୍ୟନ୍ତ ଏହାକୁ ଅପଡେଟ୍ କରିବା ପାଇଁ ଏକ ନାମଲେଖା କେନ୍ଦ୍ରକୁ ଯିବାକୁ ପଡୁଥିଲା, ଯେଉଁଥିରେ ବାୟୋମେଟ୍ରିକ୍ ଯାଞ୍ଚ ଏବଂ ଲମ୍ବା ଧାଡ଼ିର ଅସୁବିଧା ହେଉଥିଲା। କିନ୍ତୁ ବର୍ତ୍ତମାନ, ୟୁଆଇଡିଏଆଇ ଏହାକୁ ଡିଜିଟାଲ୍ ଭାବରେ ସହଜ କରୁଛି। ସୂଚନାଯୋଗ୍ୟ ଯେ, ୟୁଆଇଡିଏଆଇ ଗତ ମାସରେ ଆଧାର ଆପ୍ ଲଞ୍ଚ କରିଥିଲା।

ଏଥିରେ ବ୍ୟବହାରକାରୀମାନେ ଗୋଟିଏ ଫୋନରେ ୫ ଜଣ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଆଧାର ବିବରଣୀ ସଂରକ୍ଷଣ କରିପାରିବେ। ଏହା କେବଳ ଜରୁରୀ ଆଧାର ସୂଚନା ସେୟାର କରିବାକୁ ଅନୁମତି ଦିଏ। ଏହି ଆପ୍‌ରେ, ଆପଣ ୟୁପିଆଇ ମାଧ୍ୟମରେ ସ୍କାନ୍ ଏବଂ ପେମେଣ୍ଟ କରିବା ପରି ଆଧାର ବିବରଣୀ ସେୟାର କରିପାରିବେ। ଆପ୍‌କୁ ଅଧିକ ସୁରକ୍ଷିତ କରିବା ପାଇଁ ଫେସ୍ ଅଥେନ୍‌ଟିକେସନ୍ ଭଳି ବୈଶିଷ୍ଟ୍ୟ ଯୋଡାଯାଇଛି।

**ନୂତନ ଆଧାର ଆପ୍‌ର ବୈଶିଷ୍ଟ୍ୟ**

- ଫୋନରେ ରହିବ ଆଧାର ଡାଟା: ଆପଣଙ୍କର ଇ-ଆଧାର ସର୍ବଦା ଆପଣଙ୍କ ପାଖରେ ରହିବ। ଏଥିରେ କାଗଜ କପିର ଆବଶ୍ୟକତା ଦୂର ହେବ।
- ଫେସ୍ ସ୍କାନ୍ ସେୟାରିଂ: ଆପଣଙ୍କର ଆଇଡି ସେୟାର କରିବା ପାଇଁ ଫେସ୍ ସ୍କାନ୍ କରିବାକୁ ପଡିବ। ଏହା ଏକ ପିନ୍ କିମ୍ବା ଓଟିପି ପରି ସୁରକ୍ଷିତ।
- ସୁରକ୍ଷିତ ଲଗ୍‌ଇନ୍: ଆପ୍ ବାୟୋମେଟ୍ରିକ୍ ଅଥେନ୍‌ଟିକେସନ୍ ସହିତ ଖୋଲିବ
- ବହୁ-ଭାଷା ସମର୍ଥନ: ହିନ୍ଦୀ ଏବଂ ଇଂରାଜୀ ସମେତ ଅନେକ ଭାଷାରେ ଉପଲବ୍ଧ
- ଅଫଲାଇନ୍ ବ୍ୟବହାର: ଇଣ୍ଟରନେଟ୍ ନ ଥିଲେ ମଧ୍ୟ ଜଣେ ନିଜର ଆଧାର ଦେଖିପାରିବେ।



ବିଧାନସଭାରୁ...

# ମହିଳା ହିଂସାକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

## ୧୧ ମାସରେ ୨୯୩୩ ଦୁଷ୍କର୍ମ ମାମଲା

**ଗୋଟିଏ ବି ଘଟଣାରେ ସରକାର ନେଇନାହାନ୍ତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

**ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମ ଦଳର ଏ ଦୁରବସ୍ଥା: କଂଗ୍ରେସ**

**ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ?**

**ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି: ଶାସକ ଦଳ**

ଭୁବନେଶ୍ୱର,୨୮।୧୧(ସମିସ): ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ନାରୀ ସୁରକ୍ଷା ଏବେ କେବଳ ପ୍ରଚାରସର୍ବସ୍ୱ ପାଲଟିଥିବା ବେଳେ କୌଣସି ଗୋଟିଏ ବି ଘଟଣାରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ମାତ୍ର ୧୧ ମାସରେ ରାଜ୍ୟରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଏପରିକି ବିଦେଶୀ ରାଷ୍ଟ୍ର ଓଡ଼ିଶାକୁ ଗସ୍ତ ବେଳେ ନିଜ ଦେଶର ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରୁଛନ୍ତି। ଗତ ୧୮ ମାସରେ ରାଜ୍ୟରେ ଯେପରି ମହିଳା ବିରୋଧୀ ହିଂସା ବଢ଼ିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ମାଲକାନଗିରି ଜିଲ୍ଲା ବାଲିମେଳା ଏମଭି-୭୨ ଗ୍ରାମରେ ତିନି ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଘଟଣାକୁ ନେଇ ଓଡ଼ିଶା ବିଧାନସଭାରେ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ଅପରପକ୍ଷେ ଶାସକ ଦଳ ବିଧାୟକମାନେ ରାଜ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀଙ୍କ ଦଣ୍ଡବିଧାନ ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ଅଶୋକ ଦାସ କହିଥିଲେ ଯେ ମାଲକାନଗିରି ଜିଲ୍ଲା ବାଲିମେଳା ଏମଭି-୭୨ ଗାଁରେ ୩ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ ଏହିଭଳି ରାଜ୍ୟରେ ବିଭିନ୍ନ ସ୍ଥାନରେ ନୀଳଗିରି, ସୋର, ବାଲେଶ୍ୱର, ଢେଙ୍କାନାଳ ଭଳି ସ୍ଥାନରେ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି। ସରକାରୀ ତଥ୍ୟ ଅନୁସାରେ ୨୦୨୪ ଜୁନ ୨୪ ଠାରୁ ୨୦୨୫ ଜୁଲାଇ ମାସ ମଧ୍ୟରେ ୨,୯୩୩ ଦୁଷ୍କର୍ମ ମାମଲ୍ ପଞ୍ଜୀକୃତ ହୋଇଛି। ସେହିଭଳି ୮,୨୭୦ ଅପହରଣ ମାମଲା ପଞ୍ଜୀକୃତ ହୋଇଛି। ବିଜେପି ସରକାର ମହିଳାଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି। ସେଥିପାଇଁ ଅପରାଧ ବଢ଼ି ଚାଲିଛି। ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମର ଏ ଦୁରାବସ୍ଥା ହୋଇଛି। ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ମାଲକାନଗିରି ଜିଲ୍ଲା ଉପରେ ସରକାରଙ୍କ କୋପଦୃଷ୍ଟି ରହିଛି। ବାରମ୍ବାର ଏହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଛି। ଏଭଳି ଘଟଣା ସାରା ଓଡ଼ିଶାର ମୁଣ୍ଡ ନୁଆଇଁ ଦେଉଛି। ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ପୁନରାବୃତ୍ତି ହୁଅନ୍ତା ନାହିଁ। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ସରକାର ହାଲୁକା ଭାବେ ନେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ତିନିଜଣ ଶିଶୁଙ୍କ ସହ ଯୌନ ଉତ୍ପୀଡ଼ନ ହୋଇଥିବା ବେଳେ ଏହାକୁ ସରକାର ଦୁର୍ବ୍ୟବହାର ବୋଲି କହୁଛନ୍ତି। ଯୌନ ଉତ୍ପୀଡ଼ନକୁ ଦୁର୍ବ୍ୟବହାର ବୋଲି କହିବା ପ୍ରମାଣିତ କରିଛି ସରକାର ମହିଳା ସୁରକ୍ଷା ଉପରେ କେତେ ଉଦାସୀନ ଅଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ପୁଲିସକୁ ଅପରାଧୀଙ୍କ ଡର ନାହିଁ। ଅପରାଧ ନିୟନ୍ତ୍ରଣ ଅପେକ୍ଷା ଭିଆଇପି ସୁରକ୍ଷାରେ ବେଶି ସମୟ ଦେଉଛି। ମାତ୍ରାଧିକ ରାଜନୈତିକ ଚାପ କାରଣରୁ ପୁଲିସର ମନୋବଳ ଭାଙ୍ଗିଗଲାଣି। ମହିଳା ସୁରକ୍ଷା ଏବେ ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝରରୁ ମାଲକାନଗିରି ଯାଏ ସବୁଠୁ ନାବାଳିକାଙ୍କୁ ଦୁଷ୍କର୍ମ କରି ଅପରାଧୀ ଏଯାଏ ଗିରଫ ହୋଇନାହିଁ। ଦିନକୁ ଦିନ ମହିଳା ନିର୍ଯାତନାର ବୃଦ୍ଧି ପାଇବା ଓଡ଼ିଶା ପାଇଁ ଲଜ୍ୟା ବୋଲି ସେ କହିଥିଲେ। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଦଳର ଅନ୍ୟତମ ବିଧାୟକ ଧ୍ରୁବଚରଣ ସାହୁ ଓ ସାରଦା ଜେନା ପ୍ରମୁଖ ରାଜ୍ୟରେ ମହିଳା ସୁରକ୍ଷାରେ ସରକାରଙ୍କ ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ।

ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକମାନେ ନିଜ ସରକାରଙ୍କୁ କ୍ଲିନଚିଟ ଦେଇଥିଲେ। ଶାସକ ଦଳ ବିଧାୟକ ନରସିଂହ ମାଡକାମି କହିଥିଲେ ଯେ ଦୋଷୀଙ୍କୁ ଦଣ୍ଡ ଦେବାକୁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ଅପରାଧ ଓ ଅପରାଧୀ ତଥା ମହିଳା ସୁରକ୍ଷା ପ୍ରତି ଶୂନ୍ୟ ସହନଶୀଳ ନୀତି ଜାରି ରହିଛି। ବିଧାୟିକା ସଞ୍ଜଲି ମୁର୍ମୁ ରାଜ୍ୟ ସରକାର ପୁଲିସିଂ ବ୍ୟବସ୍ଥାକୁ କିପରି ଶସକ୍ତ କରିଛନ୍ତି, ତାହା ନିଜ ବିବୃତିରେ ଉଲ୍ଲେଖ କରିଥିଲେ। ବିଧାୟକ ବାବୁ ସିଂ କହିଥିଲେ ଯେ ଆମ ସରକାର କୌଣସି ଅପରାଧ କିମ୍ବା ଅପରାଧୀଙ୍କୁ କେବେ ଘଣ୍ଟ ଘୋଡ଼ାଇ ନାହାନ୍ତି। ମାଲକାନଗିରି ଘଟଣାରେ ୨୪ ଘଣ୍ଟାରେ ଆସାମୀଙ୍କୁ ଗିରଫ କରାଯାଇଛି। ସେହିପରି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏନସିଆରବି ରିପୋର୍ଟରେ ରାଜ୍ୟରେ ମହିଳା ସମ୍ପର୍କିତ ହିଂସା କମିଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ।

# ରାଜନୀତିକ କାରଣରୁ ମହିଳା ସୁରକ୍ଷିତ ନୁହନ୍ତି ବୋଲି କହୁଛନ୍ତି ବିରୋଧୀ: ମନ୍ତ୍ରୀ

**ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ସରକାର**

**୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି**

ଭୁବନେଶ୍ୱର, ୨୮।୧୧ (ସମିସ): କେବଳ ରାଜନୀତିକ କାରଣରୁ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଦଳ କହୁଛନ୍ତି। ଏପରି କହି ପରୋକ୍ଷରେ ମହିଳାମାନଙ୍କୁ ଅପମାନିତ କରିବା ଏବଂ ନିନ୍ଦିତ କରିବାରୁ ବିରୋଧୀ କ୍ଷାନ୍ତ ରୁହନ୍ତୁ। ସରକାର ସବୁବେଳେ ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ନୂଆ ସରକାର ଆସିବା ପରେ ରାଜ୍ୟରେ ଅପରାଧ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି। ଦୁଷ୍କର୍ମ ମାମଲା ୩.୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଯୌନ ନିର୍ଯାତନା ମାମଲା ସ୍ଥିର ରହିଛି। ଏସିଡ ଆକ୍ରମଣ ୬୬.୭ ପ୍ରତିଶତ ଏବଂ ଯୌତୁକ ଜନିତ ମାମଲା ୨୦.୬ ପ୍ରତିଶତ ହ୍ରାସ ପାଇଛି। ଅପରପକ୍ଷେ ପୂର୍ବ ସରକାରଙ୍କ ପାଖରେ ଆବଶ୍ୟକ ପୁଲିସ ନ ଥିଲେ; ପ୍ରାୟ ୧୬୦୦୦ ପଦବୀ ଖାଲି ପଡିଥିଲା। ତଦନ୍ତ ପାଇଁ ପୁଲିସ ପାଖରେ ଆବଶ୍ୟକ ଉପକରଣ ନ ଥିଲା। ମାତ୍ର ଆମ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ସକ୍ଷମ ହେଉ। ସେଥିପାଇଁ ଗତ ୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି। ରାଜ୍ୟର ସମସ୍ତ ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ କାମ କରୁଛି। ୭୧ଟି ଶିଶୁ ଅନୁକୂଳ ଥାନା କାମ କରୁଛି। ୨୪ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କାମ କରୁଥିବା ବେଳେ ଏଥିରେ ଦୋଷୀ ଦଣ୍ଡ ବିଧାନକୁ ସରକାର ସୁନିଶ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ୪୫ଟି ଫାଷ୍ଟ ଟ୍ରାକ କୋର୍ଟ ମଧ୍ୟରୁ ୨୧ଟି ଖୋଲିବାକୁ ଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଦିଲ୍ଲୀ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋ ରାଜ୍ୟର ୫ଟି ମାମଲାକୁ ଉଲ୍ଲେଖନୀୟ ଘଟଣା ବୋଲି ଉଲ୍ଲେଖ କରିଛନ୍ତି, ଯାହା ଆମ ପାଇଁ ଗର୍ବର କଥା ବୋଲି ମନ୍ତ୍ରୀ ଗୃହରେ ନିଜ ଉତ୍ତରରେ କହିଥିଲେ। ସେହିପରି ମାଲକାନଗିରି ଘଟଣାରେ ୨୫ ତାରିଖରେ ମାମଲା ରୁଜୁ ହୋଇଥିବା ବେଳେ ୨୬ ତାରିଖରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

# ୨୦ରୁ କମ୍ ପିଲା ଥିଲେ ସ୍କୁଲ ବନ୍ଦ

ଭୁବନେଶ୍ୱର, ୨୮।୧୧ (ସମିସ): ରାଜ୍ୟରେ ୨୦ରୁ କମ୍ ପିଲା ଥିବା ବନ୍ଦ ସ୍କୁଲ ଆଉ ଖୋଲିବ ନାହିଁ। ଶୁକ୍ରବାର ବିଧାନସଭାରେ ଏନେଇ ପରୋକ୍ଷରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେବେ, ଯେଉଁଠି ପିଲାମାନଙ୍କୁ ସ୍କୁଲ ଆସିବାରେ ପ୍ରାକୃତିକ ବାଧା ଥିବ, ଉକ୍ତ ଅଞ୍ଚଳରେ ସ୍କୁଲ ପୁନର୍ବାର ଖୋଲିବା ପାଇଁ ଜିଲ୍ଲାସ୍ତରୀୟ କମିଟିରେ ଆବେଦନ କରାଯିବ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ, ନୂଆ ସରକାର ଆସିବା ପରେ ସରକାର ୬୦ ହଜାର ୭୨୯ ଜଣ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିଛନ୍ତି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

ଶୁକ୍ରବାର ବିଧାନସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ନିଜ ନିର୍ବାଚନମଣ୍ଡଳୀରେ ସ୍କୁଲ ଡ୍ରପ୍-ଆଉଟ ଛାତ୍ରଛାତ୍ରୀଙ୍କ ସମ୍ପର୍କିତ ଏକ ପ୍ରଶ୍ନ କରିଥିଲେ। ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ପ୍ରସନ୍ନ ଆଚାର୍ଯ୍ୟ ଏଥିରେ ଭାଗନେଇ କହିଲେ ଯେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ନିୟମ ଅଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍-ଆଉଟ ସମସ୍ୟା ବଢ଼ୁଛି। ଏହି ନିୟମରେ ସରକାର ପରିବର୍ତ୍ତନ ଆଣିବେ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛନ୍ତି। ବର୍ତ୍ତମାନ ଯେଉଁ ଅଞ୍ଚଳରେ ନଈ, ନାଳ, ପାହାଡ଼ ପରି ପ୍ରାକୃତିକ ବାଧା ଥିବ, ସେଠାରେ ବନ୍ଦ ଥିବା ସ୍କୁଲ ଖୋଲିବା ପାଇଁ ଜିଲ୍ଲାସ୍ତରରେ ଥିବା କମିଟିରେ ଆବେଦନ କରାଯାଇପାରିବ। ରାଜ୍ୟ ସରକାର ଏହି ଆବେଦନକୁ ବିଚାର କରିବେ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ପୁନଃ ଖୋଲିବା ନେଇ ନିଷ୍ପତ୍ତି ଗ୍ରହଣ କରିବେ। ଅଦ୍ୟାବଧି ରାଜ୍ୟରେ ଏ ଧରଣର ୪୬ଟି ବନ୍ଦ ସ୍କୁଲ ପୁନର୍ବାର ଖୋଲାଯାଇଛି। ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ। ସେ କହିଥିଲେ ଯେ ମନ୍ତ୍ରୀ ଯେଉଁ ଜିଲ୍ଲାସ୍ତରୀୟ କମିଟି କଥା କହୁଛନ୍ତି, କେଉଁ ଜିଲ୍ଲାରେ ଉକ୍ତ କମିଟି କେତେଥର ବସିଛି? ରାଜ୍ୟ ସରକାର ନିର୍ବାଚନ ବେଳେ ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ ପୁନର୍ବାର ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ତାହା ଭୁଲିଗଲେ ବୋଲି ପ୍ରମିଳା କଟାକ୍ଷ କରିଥିଲେ।

# ସ୍କୁଲକୁ ଫେରିଛନ୍ତି ୬୦ ହଜାର ଡ୍ରପ୍-ଆଉଟ୍

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟରେ ବିଭିନ୍ନ ସ୍କୁଲରେ ମୋଟ ୧ଲକ୍ଷ ୮୩ ହଜାର ୨୧୬ଛାତ୍ରଛାତ୍ରୀ ଡ୍ରପ-ଆଉଟ୍ ହୋଇଥିଲେ। ତନ୍ମଧ୍ୟରୁ ୬୦ ହଜାର ୭୨୯ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ପୁଣି ସ୍କୁଲକୁ ଫେରାଇ ଆଣିଛନ୍ତି। ଡ୍ରପ-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ପୁନଃ ନାମଲେଖା ପାଇଁ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଆଜି ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ଶୁକ୍ରବାର ପ୍ରଶ୍ନକାଳରେ ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ନେଇ ମୂଳ ପ୍ରଶ୍ନକର୍ତ୍ତାଙ୍କ ସହ ଅତିରିକ୍ତ ପ୍ରଶ୍ନକର୍ତ୍ତା ଏକାଧିକ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଡ୍ରପ-ଆଉଟ୍ ରୋକିବା ପାଇଁ ରାଜ୍ୟବ୍ୟାପୀ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଇଛି। ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଆସ ସ୍କୁଲ ଯିବା ପଦଯାତ୍ରା କରାଯାଉଛି। ସେହିପରି ସ୍କୁଲ ଛାଡ଼ିଥିବା ପିଲାଙ୍କ ଅଭିଭାବକଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି। ସମସ୍ତ ସ୍କୁଲରେ ପ୍ରବେଶ ଉତ୍ସବ ଆୟୋଜନ କରାଯିବା ସହ ଅଭିଭାବକ-ଶିକ୍ଷକ ସଭାର ମଧ୍ୟ ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବରୁ ଅଷ୍ଟମ ଶ୍ରେଣୀ ଯାଏଁ ପିଏମ୍ ପୋଷଣ ଯୋଜନା ଦ୍ୱାରା ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ଏବେ ସିଏମ୍ ପୋଷଣ ଯୋଜନା ଅଧୀନରେ ନବମ, ଦଶମର ପ୍ରାୟ ୧୦.୮୦ ଲକ୍ଷ ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଅପରପକ୍ଷେ, ବିଭିନ୍ନ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପାଇଁ ୧୫୦୦ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୨୪ ପୂର୍ବରୁ ରାଜ୍ୟରେ ପିଏମଶ୍ରୀ ସ୍କୁଲ ନଥିଲା। ପରେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ର ସରକାର ରାଜ୍ୟକୁ ୪୬୨ଟି ସ୍କୁଲ ଓଡ଼ିଶାକୁ ଦେଇଥିଲେ। ଏହାପରେ ରାଜ୍ୟ ସରକାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିବା ପରେ ଅତିରିକ୍ତ ୩୦୦ ସ୍କୁଲ ଓଡ଼ିଶାକୁ ମିଳିଛି।

# ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧୧(ସମିସ): ଶିଳ୍ପ ପ୍ରତିଷ୍ଠା ପାଇଁ ସଂସ୍ଥାମାନେ ସରକାରଙ୍କ ନିକଟରୁ ଜମି ନେଉଛନ୍ତି। ମାତ୍ର ଏହାପରେ ଉକ୍ତ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି। ଶିଳ୍ପ ପାଇଁ ଜମି ନେଇ ଅଣ ଶିଳ୍ପଭାବେ ବ୍ୟବହାର କରାଯାଉଛି। ରାଜ୍ୟର ଏପରି ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୧୨୨ଟି ଶିଳ୍ପାଞ୍ଚଳରେ ୬୪୭୯ ଶିଳ୍ପ ସଂସ୍ଥାକୁ ସରକାର ୬୫୮୨ ଏକର ଜମି ଯୋଗାଇ ଦେଇଥିଲେ; ମାତ୍ର ଏଥିରୁ ୨୦୫୭ଟି ଶିଳ୍ପ ସଂସ୍ଥା ଜମି ନେଇ ଏହାକୁ ଅଣ ଶିଳ୍ପଭାବେ ବ୍ୟବହାର କରୁଛନ୍ତି। ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ସହ ଜମି ଆବଣ୍ଟନ ରଦ୍ଦ କରାଯାଇଛି। ୩୫୮ଟି ଶିଳ୍ପ ସଂସ୍ଥା ବିରୋଧରେ ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା ସହ ୪୯୦ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟର ସମସ୍ତ କଲେଜ ଜମି ଜବରଦଖଲ ମୁକ୍ତ ହେବ

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟର ସମସ୍ତ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ପ୍ରଶ୍ନକାଳରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଭଦ୍ରକ ମହିଳା କଲେଜରେ ପୂର୍ବରୁ ରହିଥିବା ଅସାମାଜିକଙ୍କ ଦୌରାତ୍ମ୍ୟକୁ ଦମନ କରାଯାଇଛି। ଭଦ୍ରକ ସମେତ ରାଜ୍ୟର ବହୁ କଲେଜର ଜମି ଏବେବି ଜବରଦଖଲରେ ରହିଛି। ସବୁ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟରେ ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ ରହିଛନ୍ତି। ବିଧାନସଭାରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭ ଲକ୍ଷ ୧୧ ହଜାର ୧୨୩ ଜଣ ଭତ୍ତା ଅପେକ୍ଷାରେ ଅଛନ୍ତି। ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୧୭,୬୦୬ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ମୋଟ ୫୬ ଲକ୍ଷ ୧୮ ହଜାର ୩୩୬ ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବୃତ୍ତି ବନ୍ଦ !

**ବୃତ୍ତି ପାଇଁ ଫର୍ମ ଆବେଦନ ଖାରଜ**

**ଗୃହରେ ଉଦ୍‌ବେଗ ପ୍ରକାଶ କଲେ ଗୌତମବୁଦ୍ଧ**

**ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖିବାକୁ ଦାବି**

ଭୁବନେଶ୍ୱର, ୨୮।୧୧(ସମିସ): ରାଜ୍ୟରେ ଆଦର୍ଶ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ଏହାକୁ ନାକଚ କରି ଦିଆଯାଇଛି। ଫଳରେ ଗରିବ ପିଲାମାନେ ଚଳିତବର୍ଷ ବୃତ୍ତି ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ପରୀକ୍ଷା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ।

ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ସମସ୍ତ ୩୧୬ ଆଦର୍ଶ ବିଦ୍ୟାଳୟରେ ପ୍ରାୟ ୧.୭୦ଲକ୍ଷ ପିଲା ପାଠ ପଢୁଛନ୍ତି। ଯେପରି ଦୁର୍ଭାଗ୍ୟଜନକ ଭାବେ ଅନ୍ୱେଷା ଯୋଜନା ବନ୍ଦ ହୋଇଯାଇଛି, ସେମିତି ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ସରକାର ବାଟ ବନ୍ଦ କରିଦେଇଛନ୍ତି। ଶ୍ରୀ ଦାସ କହିଥିଲେ ଯେ କେନ୍ଦ୍ର ସରକାରଙ୍କ 'ଜାତୀୟ ମିନ୍‌ସ କମ୍ ମେରିଟ ସ୍କଲାରସିପ୍' ଯୋଜନାରେ ଅଢ଼େଇ ଲକ୍ଷ ଟଙ୍କା ମଧ୍ୟରେ ଆୟ ଥିବା ପରିବାରର ବିଦ୍ୟାର୍ଥୀଙ୍କୁ ବାର୍ଷିକ ୧୨ହଜାର ଟଙ୍କାର ବୃତ୍ତି ମିଳିଥାଏ। ବୃତ୍ତି ପାଇଁ ଏକ ପରୀକ୍ଷା ହେଉଥିବା ବେଳେ ଏହାକୁ ବନ୍ଦ କରାଯାଇଛି।

ସେ କହିଛନ୍ତି ଯେ ଆଦର୍ଶ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ପିଲାମାନଙ୍କ ବୃତ୍ତି ପାଇଁ ପ୍ରତ୍ୟେକ ସେପ୍ଟେମ୍ବରରେ ଫର୍ମପୂରଣ ହୋଇଥାଏ। ଏହି ପରୀକ୍ଷା ନଭେମ୍ବରରେ ଅନୁଷ୍ଠିତ ହୁଏ। ଚଳିତବର୍ଷ ପିଲା ମଧ୍ୟ ଏହି ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ମାତ୍ର ସମସ୍ତ ଫର୍ମକୁ ନାକଚ କରି ଦିଆଯାଇଛି। ଫଳରେ ପ୍ରାୟ ୫୦ ହଜାର ପିଲା ପରୀକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ମନ୍ତ୍ରୀ ଏନେଇ ଗୃହରେ ସ୍ପଷ୍ଟୋକ୍ତି ରଖନ୍ତୁ। ପିଲାଙ୍କ ଭବିଷ୍ୟତ ସହ ନଖେଳି ସରକାର ଏ ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି।

# ବିଜେପି ସରକାର ଓଡ଼ିଶାକୁ ଦେବାଳିଆ କରିଦେଲେଣି: ବିଜେଡି

**କେବଳ ପାରମ୍ପରିକ ଭାବେ ବଜେଟ ଆସିଛି: କଂଗ୍ରେସ**

**ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି: ବିଜେପି**

ଭୁବନେଶ୍ୱର,୨୮।୧୧(ସମିସ): ବିଧାନସଭାର ଶୀତ ଅଧିବେଶନରେ ଶୁକ୍ରବାର ଉପସ୍ଥାପିତ ଅତିରିକ୍ତ ବଜେଟକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ବିଜେଡି ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ମୂଳ ବଜେଟରେ ଆବଣ୍ଟିତ ଅର୍ଥ ଏଯାଏଁ ଠିକ୍ ଭାବେ ଖର୍ଚ୍ଚ ହୋଇନାହିଁ। ଏହାସହିତ ୧ ଲକ୍ଷ ୩୪ ହଜାର ୯୧୪ କୋଟିର ଋଣ ଭାର କରି ସରକାର ଅତିରିକ୍ତ ବଜେଟ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଋଣମୁକ୍ତ କରିବା ସହ ଅଭାବୀରୁ ପ୍ରଭାବୀ ଓଡ଼ିଶା ଓ ଦେବାଳିଆ ଓଡ଼ିଶାକୁ ଶବଳିଆ ଓଡ଼ିଶା କରିଥିଲେ। ମାତ୍ର ଏ ସରକାର ପୁଣି ଓଡ଼ିଶାକୁ ଦେବାଳିଆ କରିଦେଲେଣି କହି ଶ୍ରୀ ଜେନା ସମାଲୋଚନା କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଛନ୍ତି, ୨ଲକ୍ଷ ୯୦ ହଜାର କୋଟିର ବଜେଟ ଆସିଥିଲା। ଏବେ ପୁଣି ଅତିରିକ୍ତ ବଜେଟ ଆସିଲା। ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହୋଇଛି। ହେଲେ ସବୁ ଅର୍ଥ ଖର୍ଚ୍ଚର ବିନିଯୋଗ ପ୍ରମାଣ ପତ୍ର (ୟୁସି) ମଧ୍ୟ ଆସି ନାହିଁ। ଗତ ବଜେଟର କାମ ହୋଇନି। ତା'ଉପରେ ୧ଲକ୍ଷ ୩୫ ହଜାର କୋଟି ଋଣ ହେଲାଣି। କେବଳ ପାରମ୍ପରିକ ଭାବେ ବଜେଟ ଆସିଛି; ଏଥିରେ କିଛି ନୂଆ ଯୋଜନା ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ଅତିରିକ୍ତ ବଜେଟ୍‌କୁ ସ୍ୱାଗତ କରିବା ସହ ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି। ସବୁ କ୍ଷେତ୍ର ପାଇଁ ବଜେଟ ରଖାଯାଇଛି। ପୂର୍ବ ସରକାର ସମୟରେ ଯୋଜନା ଘୋଷଣା ହେଉଥିଲା କିନ୍ତୁ ବଜେଟ ଅଣ୍ଟୁ ନ ଥିଲା। ବର୍ତ୍ତମାନ ସରକାର ଯାହା ଯୋଜନା କରିଛନ୍ତି ସେଥିପାଇଁ ବଜେଟ ରଖୁଛନ୍ତି ବୋଲି ସେ କହିଛନ୍ତି।

# ଆଶ୍ରିତଙ୍କ ବିଧାୟକ ପଦ ରଦ୍ଦ ଦାବିରେ ଗର୍ଜିଲା କଂଗ୍ରେସ

ପୁରୀ, ୨୮।୧୧(ସମିସ): ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ବିଧାୟକ ପଦ ରଦ୍ଦ ଦାବି କରିଛି ପୁରୀ ଜିଲ୍ଲା ଯୁବ କଂଗ୍ରେସ। ଏନେଇ ଗୁରୁବାର ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ସହ ପିପିଲି ବିଧାୟକଙ୍କ ଫଟୋ ପୋଷ୍ଟର୍ ଦାହ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ କହିଛନ୍ତି, ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନକୁ ନେଇ ଦୀର୍ଘ ଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଛି। ସଂଘ ଉପରେ ହାଇକୋର୍ଟ ଓ ଅତିରିକ୍ତ ସିଭିଲ୍ କୋର୍ଟ ସିନିୟର ଡିଭିଜନଙ୍କର ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଥିବା ବେଳେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସଭାପତି ହୋଇଛନ୍ତି। ଏଥିରୁ ପ୍ରମାଣିତ ଜଣେ ଜନପ୍ରତିନିଧି ନିଜେ ଆଇନକୁ ଖାତିର କରୁନାହାନ୍ତି ବୋଲି ଆଲୋକ କହିଛନ୍ତି।

ସେହିପରି ଦୀର୍ଘ ଦିନ ଧରି କାଠପୋଲ ନିକଟରେ ଥିବା ଟ୍ରକ୍ ସଂଘଠାରେ ବେଆଇନ ଭାବେ ଟଙ୍କା ଆଦାୟ ହେଉଛି।




ରାଜ୍ୟ ବାହାର ଟ୍ରକ୍‌ଠାରୁ ଜୋର୍‌ଜବରଦସ୍ତ ଟଙ୍କା ଆଦାୟ ହେଉଛି। ପ୍ରଚ୍ଛଦ ପଟରେ ରହି ସଂଘ ସଭାପତି ହୋଇ ନିଜେ ବିଧାୟକ ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ତେବେ ଏହି ଟଙ୍କା ଆଦାୟ କାହା ସ୍ୱାର୍ଥରେ କରାଯାଉଛି ବୋଲି ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ରାଜ୍ୟ ଗୃହ ବିଭାଗ ପୁଲିସ ଡିଜି ଏବଂ ପୁରୀ ଏସ୍‌ପିଙ୍କୁ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ଜିଲ୍ଲା ଯୁବ କଂଗ୍ରେସ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ଏହି ଦାବି ଦୁଇଟି ହେଉଛି କୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବାରୁ ପିପିଲି ବିଧାୟକ ପଦ ରଦ୍ଦ କରାଯାଉ ଏବଂ ସେ ମୁଖିଆ ଥିବା ଟ୍ରକ୍ ସଂଘ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବାରୁ ତାଙ୍କୁ ଗିରଫ କରାଯାଉ। ୩ ଦିନ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ, ଜିଲ୍ଲାର ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ବିକ୍ଷୋଭ ପଦର୍ଶନ କରିବା ସହ ବିଧାନସଭା ଘେରାଉ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ।

ଏହି ବିକ୍ଷୋଭରେ ଜିଲ୍ଲା ଯୁବ କଂଗ୍ରେସର ମନୋଜ ମଣ୍ଡଳ, ଆଦିତ୍ୟ ସାମନ୍ତରାୟ, ଅନିଲ ବେଜ, ଅଭିଷେକ ଦାଶ, ବାଦଲ ବାରିକ, ହେମନ୍ତ ପ୍ରଧାନ, ଓମ୍‌ପ୍ରକାଶ ରାଓ, ଅସ୍ମିତ ବରାଳ, ପଙ୍କଜ ସ୍ୱାଇଁ, ରାକେଶ ପ୍ରଧାନ, ଆଲୋକ ବେହେରା ପ୍ରମୁଖ ସାମିଲ ଥିଲେ।

# ୯୦ ଦିନରେ ଚାର୍ଜସିଟ୍ ଦାଖଲ ନ ହେଲେ ଅଭିଯୁକ୍ତ ଜାମିନ ପାଇଁ ହକ୍‌ଦାର: ହାଇକୋର୍ଟ

କଟକ, ୨୮।୧୧ (ସମିସ): ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନ୍ତର୍ଗତ ଧାରା ୧୮୭ (୩) (ଆଇ) ଅନୁସାରେ ଅଭିଯୁକ୍ତକୁ ଜାମିନ ପ୍ରଦାନ ପ୍ରସଙ୍ଗରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଧାରା ଅନୁସାରେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହେଲେ ଅଭିଯୁକ୍ତ ଜାମିନରେ ଛାଡ଼ ପାଇବାକୁ ହକଦାର୍ ହେବେ। ପୂର୍ବରୁ ପ୍ରଚଳିତ ସିଆରପିସି ପ୍ରତ୍ୟାହାର କରାଯାଇଛି। ପୂର୍ବରୁ ରାଜ୍ୟରେ ଏହାର ସଂଶୋଧନ ଅନୁଯାୟୀ ଚାର୍ଜସିଟ୍ ଦାଖଲର ସମୟ ସୀମା ୯୦ ଦିନରୁ ୧୨୦ ଦିନକୁ ବୃଦ୍ଧି କରାଯାଇଥିଲେ ସୁଦ୍ଧା ଏହା ପ୍ରଭାବହୀନ ହୋଇଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିକି କୁମାର ଓ ଅନ୍ୟଜଣଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁଯାୟୀ ଆବେଦନକାରୀଙ୍କୁ ଗତ ମେ' ୧୦ରେ ଏକ ସାଇବର ଅପରାଧ ମାମଲାରେ ଗିରଫ କରାଯାଇଥିଲା। ୯୦ଦିନର ହାଜତ ରହଣି ସମାପ୍ତ ହେବା ପରେ ଚାର୍ଜସିଟ୍ ଦାଖଲ କରାଯାଇନଥିଲା। ସେମାନେ ବିଏନ୍‌ଏନ୍‌ଏସ୍‌ର ଧାରା ୧୮୭ (୩) ଅନୁଯାୟୀ ଜାମିନରେ ମୁକ୍ତି ପାଇଁ ଆବେଦନ କରିଥିଲେ। ବାଲେଶ୍ୱରର ଏସଡିଜେଏମ ଅଦାଲତ କିନ୍ତୁ ଜାମିନ ଦେବାକୁ କରିବାକୁ ମନା କରିଦେଇଥିଲେ। ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ସରକାର ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଓଡ଼ିଶା ସଂଶୋଧନ) ଆଇନ ୧୯୯୭ର ଓଡ଼ିଶା ଆଇନ-୧୧ ପ୍ରଣୟନ କରି ସିଆରପିସିର ଧାରା ୧୬୭(୨)(କ)(ଆଇ) ସଂଶୋଧନ କରିଥିଲେ, ଯାହାଦ୍ୱାରା ଚାର୍ଜସିଟ ଦାଖଲ ପାଇଁ ୯୦ ଦିନର ସମୟ ସୀମାକୁ ୧୨୦ ଦିନ କରାଯାଇଥିଲା। ଏହି ଆଧାରରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ଗତ ଅଗଷ୍ଟ୧୧ରେ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୪୯- ପୂର୍ବ ଜର୍ମାନୀର ଏକ ୟୁରାନିୟମ୍ ଖଣିରେ ବିସ୍ଫୋରଣ ହେବାରୁ ୩୭୦୦ ଲୋକଙ୍କ ପ୍ରାଣହାନି।
- ୧୯୬୧- ରୁଷୀୟ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ଭାରତ ଆଗମନ।
- ୧୯୮୯- ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଇସ୍ତଫା।
- ୨୦୦୮- ୬୦ ଘଣ୍ଟାର କମାଣ୍ଡୋ ଅପରେସନ୍ ପରେ ମୁମ୍ବାଇ ଆତଙ୍କବାଦୀଙ୍କ କବଳରୁ ମୁକ୍ତ।
- ୨୦୧୧- ଅହମିୟା ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ।



## ଭ୍ରାମ୍ୟମାଣ ସ୍କୁଲ

ପଞ୍ଜାବ, ଭଟିଣ୍ଡାରେ ଏକ ସ୍କୁଲକୁ ନେଇ ଏବେ ସବୁଠି ଚର୍ଚ୍ଚା। କାରଣ ଅନ୍ୟ ସ୍କୁଲ ଭଳି ଏଠାକୁ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ବରଂ ପିଲାମାନଙ୍କ ପଢ଼ିବା ନିମନ୍ତେ ସେମାନଙ୍କ ପାଖକୁ ସ୍କୁଲ ଆସିଥାଏ। 'ଗୁଡ୍‌ୱିଲ ମୋବାଇଲ୍ ସ୍କୁଲ' ନାମରେ ପରିଚିତ ଏହି ସ୍କୁଲଟି ଏକ ଟ୍ରାକ୍ଟର ଟ୍ରଲିରେ ତିଆରି ହୋଇଛି। ସହରର ବସ୍ତି ପିଲାଙ୍କୁ ଏହା ମାଗଣାରେ ଶିକ୍ଷାଦାନ କରିଥାଏ। ଅବସରପ୍ରାପ୍ତ ରେଲୱେ ଇଞ୍ଜିନିୟର କେକେ ଗର୍ଗ ବସ୍ତିରେ ରହୁଥିବା ଆର୍ଥିକ ଅନଗ୍ରସର ପିଲାଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ସ୍କୁଲର ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସେ ତାଙ୍କ ଡ୍ୟୁଟିକୁ ଯାଉଥିବା ସମୟରେ ରେଳ ଲାଇନ୍ ନିକଟରେ ଥିବା ପିଲାମାନେ ସବୁବେଳେ ଖେଳୁଥିବାର ସେ ଦେଖୁଥିଲେ। କେବେବି ପିଲାମାନଙ୍କୁ ସେ ସ୍କୁଲ ଯିବାର ଦେଖୁ ନ ଥିଲେ। ଶିକ୍ଷାରୁ ବଞ୍ଚିତ ଏହି ପିଲାମାନଙ୍କୁ ସେ ଶିକ୍ଷିତ କରିବାକୁ ଅବସର ପରେ ଏମିତି ଏକ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଖରା-ବର୍ଷାର ମୁକାବିଲା କରିବାକୁ ସେ ଏଥିରେ ପାଣିପାଗ ପ୍ରତିରୋଧି ଜାପାନୀ ସିଟ୍ ଏବଂ ଜିପ୍‌ସମ୍ ବୋର୍ଡ ବ୍ୟବହାର କରିଛନ୍ତି। ପିଲାମାନଙ୍କୁ ଗରମ ନ ଲାଗିବା ଲାଗି ସେ ଏଥିରେ ପଙ୍ଖାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ତେବେ ବିଗତ ୧୭ ବର୍ଷ ମଧ୍ୟରେ ଏହି ସ୍କୁଲଟି ପାଖାପାଖି ୭୦୦ରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାରେ ସକ୍ଷମ ହୋଇଛି। ତେବେ ଏହି ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଯୋଗାଇ ଦିଆଯିବା ପରେ ସେମାନଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାପାଇଁ ସେ ବନ୍ଦୋବସ୍ତ କରି ଦିଅନ୍ତି। ପିଲାଙ୍କୁ ପଢ଼ାଇବାକୁ ଶ୍ୱେତା ନାମକ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଅଛନ୍ତି। ଶ୍ୱେତା କୁହନ୍ତି, ଏହି ସ୍କୁଲରେ ସେ ଚାରି ବର୍ଷ ହେଲାଣି ପଢ଼ାଉଛନ୍ତି। ତେବେ ଆରମ୍ଭରୁ ଏହି କାମ କରିବା ତାଙ୍କ ପାଇଁ ବହୁତ ସମସ୍ୟା ଥିଲା। ହେଲେ ବସ୍ତିର ପିଲାମାନଙ୍କର ମାବାପାଙ୍କୁ ବୁଝାଇବା ପରେ ସେମାନେ ତାଙ୍କ ପିଲାଙ୍କୁ ପଢ଼ିବାକୁ ଛାଡିଥିଲେ। ପ୍ରତିଦିନ ସେ ଦ୍ୱିପ୍ରହର ୩ରୁ ୫ଟା ପର୍ଯ୍ୟନ୍ତ କ୍ଲାସ୍ ନିଅନ୍ତି। ସବୁଠୁ ବଡ଼ କଥା ହେଉଛି, ମାଗଣାରେ ଶିକ୍ଷାଦାନ ସହିତ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଫଳ, ବିସ୍କୁଟ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଇଥାଏ। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହିପରି ସ୍କୁଲ ସବୁଆଡେ ହେବା ଦରକାର। ସରକାର ମଧ୍ୟ ଏଭଳି ସ୍କୁଲ ଖୋଲିବା ପାଇଁ ସାହାଯ୍ୟ କରିବା ଦରକାର।



## 'ସ୍ପିରିଟ୍'ରେ ରଣବୀର

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ପ୍ରଭାସଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ରିଲିଜ୍‌କୁ ଏବେ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। 'ଆନିମଲ', 'କବିରସିଂହ' ଫେମ୍ ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ରଣବୀର କପୁର ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ରଣବୀର ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ପୂର୍ବରୁ ରଣବୀର ସନ୍ଦୀପଙ୍କ ସହ 'ଆନିମଲ' ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ସେ ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଇତିମଧ୍ୟରେ ସନ୍ଦୀପ ଏହାର ସୁଟିଂ ମଧ୍ୟ ଆରମ୍ଭ କରିଛନ୍ତି। 'ଆନିମଲ' ଫିଲ୍ମ ବ୍ଲକ୍‌ବଷ୍ଟର୍ ହେବା ପରେ 'ସ୍ପିରିଟ୍'କୁ ହିଟ୍ କରିବା ପାଇଁ ସନ୍ଦୀପ ରଣବୀରଙ୍କୁ ନେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏଯାଏଁ ରଣବୀରଙ୍କୁ ନେଇ ସନ୍ଦୀପ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

## ଇନ୍‌ଫ୍ଲୁଏନ୍ସରଙ୍କ ପାଇଁ ନୂଆ ନିୟମ

ନିକଟରେ ଚୀନ୍ ଏପରି ଏକ ନିୟମ ଆଣିଛି ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଆରମ୍ଭ ହୋଇଛି। ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଇନ୍‌ଫ୍ଲୁଏନ୍ସର୍‌ମାନେ କହିବା ପାଇଁ ଏହି କ୍ଷେତ୍ରରେ ଡିଗ୍ରୀ ରହିବା ନିହାତି ଆବଶ୍ୟକ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ବିନା ଡିଗ୍ରୀ ଏବଂ ଲାଇସେନ୍ସ ନ ଥିବା ଇନ୍‌ଫ୍ଲୁଏନସର୍ ଏହି ସବୁ ବିଷୟରେ ଖୋଲାଖୋଲି ଆଲୋଚନା କରିପାରିବେ ନାହିଁ। ଚୀନ୍‌ରେ ଏହି ନିୟମ ଅକ୍ଟୋବର ୨୫ରୁ ଲାଗୁ ହୋଇଛି। ତେବେ ଏଭଳି ନିୟମର ଉଦ୍ଦେଶ୍ୟ ହେଉଛି ଅନଲାଇନ୍‌ରେ ଭୁଲ ତଥ୍ୟ ପ୍ରଦାନ କରିବା ଏବଂ ଲୋକଙ୍କୁ ଭୁଲ୍ ତଥ୍ୟ ଦେଉଥିବା ଇନ୍‌ଫ୍ଲୁଏନ୍ସର୍‌ଙ୍କୁ ବନ୍ଦ କରିବା। ତେବେ ଏହି ନିୟମକୁ ସାଇବରସ୍ପେସ୍ ଆଡମିନିଷ୍ଟ୍ରେସନ ଅଫ୍ ଚୀନ୍ ଲାଗୁ କରିଛି। ସେହିପରି ଏହି ନିୟମ କେବଳ ଇନ୍‌ଫ୍ଲୁଏନ୍ସର୍‌ଙ୍କ ଉପରେ ନୁହେଁ, ବରଂ Douyin, weibo, bilibili ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଲାଗୁ ହେବ।

ଏହାବାଦ୍ ଚିକିତ୍ସା ଉପକରଣ, ହେଲଥ ଫୁଡ୍ ଏବଂ ସପ୍ଲିମେଣ୍ଟ ସମ୍ବନ୍ଧିତ ବିଜ୍ଞାପନ ଉପରେ ବି କଟକଣା ଲାଗୁ କରାଯାଇଛି। ସେହିପରି ଏହି କମ୍ପାନିମାନଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ, ଏହାର ପ୍ଲାଟଫର୍ମରେ ଥିବା କ୍ରିଏଟରଙ୍କ ପାଖରେ ସେସମ୍ପର୍କିତ ଡିଗ୍ରୀ, ସାର୍ଟିଫିକେଟ୍ ରହିଛି। ଯଦି ଜଣେ ଇନ୍‌ଫ୍ଲୁଏନ୍ସର୍ ତାଙ୍କ ବିଷୟବସ୍ତୁରେ ଏଆଇ ଜେନେରେଟେଡ୍ ସାମଗ୍ରୀ କିମ୍ବା ଗବେଷଣା ଅଧ୍ୟୟନ ବ୍ୟବହାର କରନ୍ତି, ତାହେଲେ ତାଙ୍କୁ ସେହି ଭିଡିଓ କିମ୍ବା ପୋଷ୍ଟରେ ଏ ବାବଦରେ ସ୍ପଷ୍ଟ ଭାବରେ କହିବାକୁ ପଡ଼ିବ। ଅନ୍ୟପଟେ ଏହି ନିୟମକୁ ନେଇ ଅନଲାଇନ୍‌ରେ ତର୍କ ଆରମ୍ଭ ହୋଇଛି। କିଛି ଲୋକ ଏହାକୁ ଠିକ୍ ପଦକ୍ଷେପ ବୋଲି କହିଥିବା ବେଳେ ଆଉ କିଛି ଜଣ ଏଭଳି ଆଇନ ବ୍ୟକ୍ତିଗତ ସ୍ୱାଧୀନତାକୁ ହସ୍ତକ୍ଷେପ କରୁଛି ବୋଲି କହିଛନ୍ତି।



## ପ୍ରହେଳିକା

- ପାତି ବାଉଁଶରେ ମୋ ଦେହ ଗଢ଼ା
  ଚାଉଳରୁ କୁଣ୍ଡା ପକାଏ କାଢ଼ି
  ସବୁ ପରିବାର ପାଇଁ ମୁଁ ଲୋଡ଼ା
  ମୋ ପିଠିରେ ମାଆ ପାରଇ ବଢ଼ି
  ଶୁଭ ବିବାହରେ ପଡ଼ଇ ଖୋଜା
  ହାତୀ କାନ ପରି ରୂପଟି ମୋର
  ଶବ ସଙ୍ଗେ ଯାଏ କହରେ ରାଜା
  ନାଆଁଟି ମୋହର ଦୁଇ ଅକ୍ଷର ।

  ଉତ୍ତର:- କୁଲା

- ସାଧୁ ବସିଥିଲେ ପୋଖରୀ କୂଳେ
  ଏକ ଧ୍ୟାନରେ
  ମୀନ ଖେଳୁଥିଲା ଗଭୀର ଜଳେ
  ଖୁସି ମନରେ
  ଜିହ୍ୱା ଲାଳସାର ମୋହରେ ସାଧୁ
  ଥଣ୍ଟରେ ଧରି
  ଗିଳି ପକେଇଲେ ଜିଅନ୍ତା ମାଛ
  ଡେରି ନ କରି
  ଡେଙ୍ଗା ଗୋଡ଼ ସାଧୁ ପୋଷାକ ଧଳା
  କହି ନ ପାରିଲେ ଚଞ୍ଚଳ ପଳା
  ଉତ୍ତର କହିବ ଯିଏ
  ଖେଚୁଡ଼ି ଖାଇବ ସିଏ ।

  ଉତ୍ତର:- ବଗ



- ବଞ୍ଚିଥିଲେ ଲକ୍ଷେ ମରିଗଲେ ଲକ୍ଷେ
  ପୂର୍ବରୁ ରହିଛି ପ୍ରବାଦ
  ସେଇ ଜୀବ ଏବେ ଗାଆଁ ମୁହାଁ ହୋଇ
  ନିଇତି ଘଟାଏ ବିବାଦ
  ଭାଙ୍ଗେ ଘରଦ୍ୱାର ମାରେ ମଣିଷ
  ଲକ୍ଷ୍ମୀଙ୍କ ବାହନ ସିଏ
  ଲକ୍ଷ୍ମୀ ଠାକୁରାଣୀ ଆଶିଷ ପାଇବ
  ନାଆଁ କହିଦେବ ଯିଏ ।

  ଉତ୍ତର:-ହାତୀ

ଜଗଦୀଶ ସାହୁ, ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ଆମ ଘର



ଗୋପୀନାଥ ଦାଶ

ପଥର ଇଟା ବାଲି ଓ ସିମେଣ୍ଟରେ
ତିଆରି ଆମ ଘର
ମା' ବାପା ଭାଇ ଭଉଣୀ ସଭିଏଁ
ପ୍ରେମ ଆନନ୍ଦ ଅପାର।
ସ୍କୁଲ ପାଠ ସାରି ଘରକୁ ଫେରିଲେ
ଖୁସି ହସେ ଭରେ ମନ
ପିତା ମାତାଙ୍କ ସେନେହ ଆଦରେ
ପୁଲକିତ ହୁଏ ପ୍ରାଣ।
ଖରା ବରଷା ଶୀତ କାକରରୁ
ବଞ୍ଚାଇ ରଖିଛି ଘର
କେତେ ପୂଜା ବିଧି ଉତ୍ସବ ବ୍ୟସନ
ମୂକ ସାକ୍ଷୀ ଏ ଘର।
ସଜାଇ ରଖିଛି ଖାତା ବହି ମୁହିଁ
ନିତି ଓଳାଏ ମୁଁ ଘର
ଅଭ୍ୟାସ କରେ ପଢ଼ା ଘରେ ବସି
ପାଠ ସାରେ ତର ତର।
ରନ୍ଧା ଘରେ ମା' ତିଆରି କରେ
ସୁସ୍ୱାଦୁ ଖାଦ୍ୟ ରକମର
ମମତା ଭରି ପରସି ଦିଏ ସେ
ପୂରିଯାଏ ପେଟ ମୋର।
ଅଜଣା ପାଠକୁ ଶିଖାଇ ଦିଅନ୍ତି
ବାପା ମୋତେ ବସା ଘରେ
କେତେ ପ୍ରକାର ଖେଳଣା ଦିଅନ୍ତି
ବସି ଖେଳେ ଆନନ୍ଦରେ।
ସଫାସୁତରା ଶୋଇବା ଘରଟି
ପୂର୍ଣ୍ଣ ବାୟୁ ଚଳାଚଳ
ଗଡ଼ିଲେ ସେଜରେ ନିଦ ମାଡ଼ିଆସେ
ସତେଜ ଲାଗେ ସକାଳ।
ଘରଟି ଆମର ସୁଖ ଶାନ୍ତିର
ବନ୍ଧନର ପରିଚୟ
ଏଇଠାରେ ଏକାଠି ସଭିଏଁ ରହୁଁ
ଏଇ ତ ଆମରି ଘର। ■

ବରପାଲିପଡ଼ା, ବଲାଙ୍ଗୀର
ମୋ -୬୩୭୧୮୦୫୦୭୦

## ବଣଭୋଜି



ରାମଚନ୍ଦ୍ର ବେହେରା

ଆସିଛି ଶୀତ ଆସ ସଙ୍ଗୀତ
କରିବା ବଣଭୋଜି
ଗଛର ମୂଳେ ଝରଣା କୂଳେ
ଆନନ୍ଦେ ଯିବା ମଜି।
ବଣର କୋଳେ ସାଥିଙ୍କ ମେଳେ
ରାନ୍ଧିବା ଭାତ ଡାଲି
ଭଜା ତିଅଣ ରାନ୍ଧିବା ଆମେ
ଲଗାଇ କାଠ ଚୂଲି।
ହସ ଖୁସିରେ ଖେଳିବା ଲୁଡୁ
ଗାଇବା ଖୁସି ଗୀତ
ଏକାଠି ବସି ଏକାଠି ହସି
ଖାଇବା ଖାଦ୍ୟ ମିତ।
ରୋଷେଇ ଜାଗା ରଖିବା ସଫା
ମାନିବା ବଣ ନୀତି
ବୃକ୍ଷ ଓ ଲତା ବନ୍ୟ ପ୍ରାଣୀଙ୍କ
କରିବା ନାହିଁ କ୍ଷତି।
ରୋଷେଇ ଅନ୍ତେ ଲିଭାଇ ଦେବା
ଚୂଲିରେ ଥିବା ନିଆଁ
ପରିବେଶର ରଖିଲେ ଧ୍ୟାନ
ହସିବ ଧରା ମାଆ।
ସଞ୍ଜ ନଇଁଲେ ଫେରି ଆସିବା
କରିବା ନାହିଁ ଡେରି
ବଣଭୋଜିର ମିଠା ସ୍ମୃତିକୁ
ପରାଣେ ଦେବା ଭରି। ■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ



ରାଜେଶ ରାୟ



## ମହୁମାଛିର ଦୁଃଖ

ଶୀତଦିନେ କ୍ଷେତରେ ଫୁଟିଥିବା ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲ ପାଖକୁ ପ୍ରତିଦିନ ମହୁମାଛିଟିଏ ଆସୁଥିଲା ଏବଂ ଫୁଲରୁ ବାହାରୁଥିବା ମିଠାରସ ଖାଇ ଆନନ୍ଦ ମନରେ ପରାଗ ରେଣୁକୁ ନେଇ ଉଡ଼ି ଯାଉଥିଲା। ତେଣୁ ସେହି ମହୁମାଛି ସହ ସୋରିଷ ଫୁଲର ଅତି ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରକୁ ସାଙ୍ଗ ବୋଲି ଡାକୁଥିଲେ । ଦିନକର ଘଟଣା, ମହୁମାଛିଟି ସେଦିନ ସୋରିଷ ଫୁଲ ପାଖକୁ ଆସିଲା ନାହିଁ। ସୋରିଷ ଭାବିଲା ହୁଏତ ମହୁମାଛି କୌଣସି କାମରେ ବ୍ୟସ୍ତ ରହିଯାଇଥିବ। ତା ପରଦିନ ମଧ୍ୟ ମହୁମାଛି ଆସିଲା ନାହିଁ। ନିଜ ସାଙ୍ଗକୁ ଅପେକ୍ଷା କରି କରି ସୋରିଷ ଫୁଲ ମନ ଦୁଃଖରେ ଝାଉଁଳି ପଡ଼ିଲା । ଏମିତି ୫ ଦିନ ବିତିଯିବା ପରେ ମହୁମାଛି ଆସି ପହଁଚିଲା। ନିଜ ସାଙ୍ଗକୁ ପାଖରେ ପାଇ ସୋରିଷ ଫୁଲ ବହୁତ ଖୁସିହେଲା କିନ୍ତୁ ସେ ଦେଖିଲା ମହୁମାଛି ଆଗପରି ଆଉ ଖୁସି ନାହିଁ । ଦୁଃଖରେ ମନ ମାରି ମହୁମାଛିଟି ବସି ରହିଥିଲା। ସୋରିଷ ପଚାରିଲା "ସାଙ୍ଗ କଣ ହେଇଛି ତୋର ? ତୁ ଏତେଦିନ ଯାଏଁ କୋଉଠି ଥିଲୁ ? ଜାଣିଛୁ ତତେ ଝୁରି ଝୁରି ମୁଁ କେତେ କଷ୍ଟ ପାଇଛି। ଏହାଶୁଣି ମହୁମାଛି ବହୁତ ଜୋରରେ କାନ୍ଦିବାକୁ ଲାଗିଲା ଏବଂ କହିଲା ସାଙ୍ଗ ମତେ ତୁ କ୍ଷମା କରିଦେ । ମୁଁ ଆଉ ଆଜିଠୁ ତୋ ପାଖକୁ ଆସିବି ନାହିଁ । ଏଇଟା ଆମର ଶେଷ ଦେଖା। ଏକଥା ଶୁଣିବା ପରେ ସୋରିଷ ଫୁଲର ଛାତି ଫାଟିଗଲା ଆଉ ସେ କହିଲା "କ'ଣ ପାଇଁ ସାଙ୍ଗ? ତୁ କାହିଁକି ଆସିବୁନି? କ'ଣ ଅସୁବିଧା ହେଇଛି ମତେ କହ। ତା ପରେ ମହୁମାଛି ନିଜର ଦୁଃଖକୁ ଗୋଟି ଗୋଟି କରି କହିଲା। ତା ଘର ଯେଉଁ ଗଛରେ ଥିଲା ସେଠାରେ ଲୋକମାନେ ଆସି କାରଖାନା କରିବା ପାଇଁ ଗଛ କାଟିଦେଲେ। ତେଣୁ ତା ଘର ଭାଙ୍ଗି ଯାଇଛି, ଭାଇ ଭଉଣୀମାନଙ୍କ ମଧ୍ୟରୁ କିଛି ମରି ଯାଇଛନ୍ତି ଆଉ କିଛି କେଉଁ ଆଡ଼େ ପଳେଇଛନ୍ତି। ମହୁମାଛି କହିଲା, ଯେଉଁ ପ୍ରକୃତି ଆମକୁ ସୃଷ୍ଟି କରିଛି ଏବଂ ନିଜ କୋଳରେ ରଖି ସୁରକ୍ଷା ଦେଉଛି ସେହି ପ୍ରକୃତିକୁ ମଣିଷ ଆଜି ନିଜର ସ୍ୱାର୍ଥ ପାଇଁ ନଷ୍ଟ କରି ଦେଉଛି ଯାହାର ପ୍ରଭାବରେ ଆମ ଜୈବ ବିବିଧତା ଦିନକୁ ଦିନ କମି ଯାଉଛି। ଏହି କାରଣ ଯୋଗୁ ଅନେକ ଜୀବ ଆମ ପାଖରୁ ଲୋପ ପାଇ ଗଲେଣି। ତେଣୁ ମୁଁ ନିଷ୍ପତି ନେଇଛି ଏହି ମଣିଷ ପାଖରୁ ବହୁତ୍ ଦୂରକୁ ଚାଲିଯିବି। ମହୁମାଛିର ଦୁଃଖକଥା ଶୁଣି ସୋରିଷ ଫୁଲ ମଧ୍ୟ ଭେଁ ଭେଁ ହୋଇ କାନ୍ଦିଲା ଆଉ କହିଲା " ସାଙ୍ଗ ତୁ ଯଦି ମୋ ଠାରୁ ଦୂରେଇ ଯିବୁ ତେବେ ମୁଁ ବି ମରିଯିବି କାରଣ ତୋରି ପାଇଁ ହିଁ ମୁଁ ନିଜର ପରାଗରେଣୁକୁ ଅନ୍ୟ ଫୁଲ ପାଖକୁ ପଠାଇ ପାରୁଛି ଯାହାଦ୍ୱାରା ମୋର ବଂଶ ବୃଦ୍ଧି ହେଉଛି। ତୁ ଚାଲିଗଲା ପରେ ମୋ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯିବ। ଆମେ ମଣିଷ ପାଇଁ କେତେ କ'ଣ ସାହାଯ୍ୟ କରୁଛୁ କିନ୍ତୁ ସିଏ ଆମ ମୂଲ୍ୟକୁ ବୁଝି ପାରୁନି। ମହୁମାଛି କହିଲା, ଜାଣିଛୁ ସାଙ୍ଗ ମଣିଷ ଏବେ ଆଧୁନିକତାର ମାୟାରେ ଅନ୍ଧ ହୋଇ ପ୍ରକୃତି ସହ ଖେଳୁଛି ଯାହା ଫଳରେ ଆଗପରି ଆଉ ଋତୁଚକ୍ର ବଦଳୁ ନାହିଁ , ପରିବେଶ ଏବେ ଧ୍ୱଂସ ମୁହଁରେ। ଏହାର ଫଳ ସ୍ୱରୂପ ଏବେ ବନ୍ୟା , ବାତ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଆମ ପାଖକୁ ମାଡ଼ି ଆସୁଛି। ମଣିଷ ଏବେ ଅନ୍ୟ ଗ୍ରହରେ ଘର କରିବା କଥା ଭାବୁଛି କିନ୍ତୁ ନିଜେ ରହୁଥିବା ଘରକୁ ସଜାଡୁ ନାହିଁ। ସିଏ ଜାଣି ପାରୁନି ଯେ ନିଜ ହାତରେ ନିଜର ହିଁ ସର୍ବନାଶ କରୁଛି। ଏହି କଥା କହି ଦୁହେଁ ପରସ୍ପରକୁ ଧରି କାନ୍ଦିଲେ। ଚାହୁଁ ଚାହୁଁ ସନ୍ଧ୍ୟାବେଳ ଆସିଯାଇଥିଲା। ଇଚ୍ଛା ନ ଥିଲେ ମଧ୍ୟ ଆଖିରୁ ଲୁହ ଗଡ଼ାଇ ମହୁମାଛି ତାର ଅତିପ୍ରିୟ ସାଙ୍ଗ ସୋରିଷ ଫୁଲ ପାଖରୁ ବିଦାୟ ନେଲା ଏବଂ ଗଲାବେଳେ ମଣିଷକୁ ହାତ ଯୋଡ଼ି କହିଲା, " ଯଦି ସତରେ ତୁମେ ପୃଥିବୀ ମାଆର ସନ୍ତାନ ତେବେ ନିଜ ମାଆର ଦୁଃଖକୁ ବୁଝ ଏବଂ ତାକୁ ସୁରକ୍ଷା ଦିଅ। ନହେଲେ ଆଗକୁ ଯେତେ ଭାବିଲେ ବି କିଛି ନଥିବ !" ■

ଜୟପୁର, କୋରାପୁଟ
ମୋ-୬୩୭୧୫୫୫୯୪୦





ରିଷିକା କାନୁନ୍‌ଗୋ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର






ସାଇ ସମୀକ୍ଷା ସ୍ୱାଇଁ
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ
ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ







ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

■ ପୁରୁଷ ଜୁନିଅର ହକି ବିଶ୍ୱକପ୍

# ବୃହତ୍ ବିଜୟରୁ ଭାରତର ଅଭିଯାନ



ଚେନ୍ନଇ,୨୮ ।୧୧(ଏଜେନ୍ସି): ଚିଲିକୁ ୭-୦ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ବୃହତ୍ ବିଜୟରୁ ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ ଅଭିଯାନ ଆରମ୍ଭ କରିଛି। ଏହି ବିଜୟରେ ଓଡ଼ିଆ ଖେଳାଳି ରୋଶନ କୁଜୁର ଓ ଦିଲରାଜ ସିଂହ ୨ଟି ଲେଖାଏଁ, ଅଜିତ ଯାଦବ, ଅନ୍ୟତମ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଓ ଅଧିନାୟକ ରୋହିତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ଦ୍ୱିତୀୟ ମ୍ୟାଚ ଓମାନ ସହ ଆସନ୍ତାକାଲି ରାତି ୮ଟାରେ ଖେଳିବ। ଏହି ପୁଲ୍‌ରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୦ରେ ଓମାନକୁ ହରାଇଥିଲା। ଆଜି ଖେଳାଯାଇଥିବା ପୁଲ-ଏ'ରେ ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ, ଆୟର୍ଲାଣ୍ଡ ୪-୩ରେ କାନାଡାକୁ, ପୁଲ୍-ସି'ରେ ଆର୍ଜେଣ୍ଟିନା ୪-୧ରେ ଜାପାନକୁ, ନ୍ୟୁଜିଲାଣ୍ଡ ୫-୩ରେ ଚୀନ୍‌କୁ, ପୁଲ-ଡି'ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ରେ ନାମିବ୍ୟାକୁ ପରାସ୍ତ କରିଛି।

■ ୧୯ ବର୍ଷରୁ କମ୍ ଏସିଆ କପ୍

# ଆୟୁଷଙ୍କୁ ଭାରତର ନେତୃତ୍ୱ

ନୂଆଦିଲ୍ଲୀ,୨୮ ।୧୧(ଏଜେନ୍ସି): ଦୁବାଇରେ ଡିସେମ୍ବର ୧୨ରୁ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଲାଗି ବିସିସିଆଇ ପକ୍ଷରୁ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାରକା ଖେଳାଳି ଆୟୁଷ ମାହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲାବେଳେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ରେ ପାକିସ୍ତାନ ଓ ଆଉ ଦୁଇଟି କ୍ୱାଲିଫାଇଂ ଟିମ୍ ସହ ସ୍ଥାନ ପାଇଛି। ମନୋନୀତ ଦଳ: ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ (ୱିକେଟରକ୍ଷକ), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ, ଉଧବ ମୋହନ, ଆରନ ଜର୍ଜ।

# ଭାରତ-ଶ୍ରୀଲଙ୍କା ମହିଳା ଟି-୨୦ ସିରିଜ୍ ଡିସେମ୍ବର ୨୧ରୁ

ନୂଆଦିଲ୍ଲୀ,୨୮ ।୧୧(ଏଜେନ୍ସି): ବାଂଲାଦେଶ ସହ ଭାରତର ମହିଳା କ୍ରିକେଟ ସିରିଜ୍ ବାତିଲ ହେବା ପରେ ଶ୍ରୀଲଙ୍କା ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଶ୍ରୀଲଙ୍କା ଦଳ ରାଜି ହୋଇଛି। ଏହି ସିରିଜ୍ ଡିସେମ୍ବର ୨୧ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଏହି ସିରିଜ୍ ପରେ ଭାରତରେ ମହିଳା ପ୍ରିମିୟର ଲିଗ୍ ଜାନୁଆରୀ ୯ରୁ ଆରମ୍ଭ ହେବ ବୋଲି ଜଣାଯାଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ବିଶାଖାପାଟଣାରେ ଡିସେମ୍ବର ୨୧ ଓ ୨୩ରେ, ପରବର୍ତ୍ତୀ ୩ଟି ମ୍ୟାଚ୍ ଥିରୁଅନନ୍ତପୁରମ୍‌ରେ ଡିସେମ୍ବର ୨୬, ୨୮ ଓ ୩୦ରେ ଖେଳାଯିବ।

# ବାରବାଟୀ ଟି-୨୦ ଲାଗି ଓସିଏର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮ ।୧୧(ସମିସ): ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟକୁ କିପରି ଶୃଙ୍ଖଳାର ସହ ପରିଚାଳନା କରାଯିବ ତାହା ଉପରେ ଆଜି ଓସିଏ ପକ୍ଷରୁ ଆଲୋଚନା କରାଯାଇଥିଲା। ବିଶେଷ କରି ପରିଚାଳନା ଲାଗି ଗଠନ କରାଯାଇଥିବା ବିଭିନ୍ନ ସବ୍ କମିଟି କିପରି ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖି କାମ କରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲାବେଳେ ଅନ୍ୟ ସମସ୍ତ କର୍ମକର୍ତ୍ତା, ବିଭିନ୍ନ କମିଟିର ସଦସ୍ୟ, ଓଡ଼ିଶା ଅଲିମ୍ପିକ୍, ଆଥ୍‌ଲେଟିକ୍, ଫୁଟବଲ ସଂଘର ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ୩୦ରୁ

# ରାଞ୍ଚିରେ ଟିମ୍ ଇଣ୍ଡିଆର ଜୋର୍‌ଦାର୍ ଅଭ୍ୟାସ

ରାଞ୍ଚି,୨୮ ।୧୧(ଏଜେନ୍ସି)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ନିକଟରୁ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ହାରିଯିବା ପରେ ଘରୋଇ ଟିମ୍ ଇଣ୍ଡିଆ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍‌ରେ ନିଜର ସମ୍ମାନ ରକ୍ଷା କରିବାକୁ ଜୋରଦାର ପ୍ରଚେଷ୍ଟା ଆରମ୍ଭ କରିଦେଇଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ରାଞ୍ଚିରେ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛି। ଏହି ଦ୍ୱିପାକ୍ଷିକ ସିରିଜ୍‌ରେ ନଭେମ୍ବର ୩୦, ଡିସେମ୍ବର ୩ ଓ ୬ରେ ୩ଟି ଦିନିକିଆ ମ୍ୟାଚ୍ ପ୍ରଥମେ ଖେଳିବ। ଏହା ପରେ ୫ ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ଟି-୨୦ କଟକରେ ଡିସେମ୍ବର ୯, ଦ୍ୱିତୀୟ ଟି-୨୦ ମୋହାଲିର ମୁଲାନପୁରରେ ୧୧, ତୃତୀୟ ଟି-୨୦ ଧର୍ମଶାଳାରେ ଡିସେମ୍ବର ୧୪, ଚତୁର୍ଥ ଟି-୨୦ ଲକ୍ଷ୍ନୌ ଡିସେମ୍ବର ୧୭ ଓ ପଞ୍ଚମ ତଥା ଶେଷ ଟି-୨୦ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ଖେଳାଯିବ। ଉଭୟ ସିରିଜ୍ ଲାଗି ଭିନ୍ନ ରଣନୀତି ଓ ଭିନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ।

ଟେଷ୍ଟ ଖେଳିଥିବା ଦଳର ୮୦ ଭାଗ ଉଭୟ ପକ୍ଷର ଖେଳାଳି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଏହା ସତ୍ତ୍ୱେ ଟେଷ୍ଟରୁ ଦିନିକିଆ ଫର୍ମାଟରେ ଖେଳାଳିଙ୍କୁ ଖାପ୍ ଖୁଆଇବାକୁ କଷ୍ଟ କରିବାକୁ ପଡ଼ିବ। ଯେଉଁମାନେ ପେସାଦାର ମନୋବୃତ୍ତି ନେଇ ଖେଳୁଛନ୍ତି ସେମାନଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଟେଷ୍ଟ ସିରିଜ୍ ଜିତିବା ପରେ ଦୃଢ଼ ମନୋବଳ ନେଇ ଖେଳିବାକୁ ଯାଉଛି। ଅନ୍ୟ ପକ୍ଷରେ ଘରୋଇ ଦଳ ଆଗରେ ପରାଜୟର ଗ୍ଲାନି, ନିୟମିତ ଅଧିନାୟକ ତଥା ଷ୍ଟାର ବ୍ୟାଟର ଶୁବମନ ଗିଲ୍ ନାହାନ୍ତି। କିନ୍ତୁ ଦୁଇ ବିଶ୍ୱବିଖ୍ୟାତ ବ୍ୟାଟର ରୋହିତ ଶର୍ମା ଏବଂ କୋହଲି ଏମାନଙ୍କ ସହ କୌଣସି ତାରକା ବୋଲର ଯଥା ଯଶପ୍ରୀତ୍ ବୁମ୍ରା, ମହମ୍ମଦ୍ ସାମି କିମ୍ବା ମହମ୍ମଦ୍ ସିରାଜ ମଧ୍ୟ ଦିନିକିଆ ସିରିଜ୍‌ରେ ଖେଳୁନାହାନ୍ତି। ଏଭଳି ସ୍ଥିତିରେ ଦୁଇଜଣ ଭାରତୀୟ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରଥମ ଜଣଙ୍କ ହେଉଛନ୍ତି ଓପନର ଯଶସ୍ୱୀ ଜୟସ୍ୱାଲ। ଗତ ଦୁଇବର୍ଷରେ ଜୟସ୍ୱାଲ ଭାରତ ପକ୍ଷରୁ ୫୬ଟି ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ତାହା ମଧ୍ୟରୁ କେବଳ ଗୋଟିଏ ଦିନିକିଆ ମ୍ୟାଚ୍ ରହିଛି। ରୋହିତ, ବିରାଟ ଓ ଶୁବମନଙ୍କ ଉପସ୍ଥିତି ଯୋଗୁଁ ଜୟସ୍ୱାଲ ଟପ୍ ଅର୍ଡରରେ ବ୍ୟାଟିଂ କରିବାର ସୁଯୋଗ ପାଇ ନାହାନ୍ତି। ଏଥର ଗିଲ୍ ଆହତ ହୋଇ



ଦଳରୁ ବାଦ୍ ପଡ଼ିଥିଲେ ମଧ୍ୟ ଖେଳିବେ କି ନାହିଁ ସନ୍ଦେହ। ଏହାର ପ୍ରମୁଖ କାରଣ ହେଲା ଋତୁରାଜ ଗାଏକ୍ୱାଡଙ୍କ ଉପସ୍ଥିତି। ତେବେ ସେ ଯାହା ହେଉ ଟପ୍ ଅର୍ଡରରେ ଜଣେ ପ୍ରତିଭାବାନ ଖେଳାଳିଙ୍କୁ ବାହାରେ କେତେଦିନ ବସାଇହେବ ତାହା କହିବା କଷ୍ଟକର। ସେହିପରି ବରିଷ୍ଠ ପେସରଙ୍କ ଅନୁପସ୍ଥିତିରେ ଅର୍ଶଦୀପ ଏଥର ଫାଷ୍ଟ ବୋଲିଂର ନେତୃତ୍ୱ ନେବେ। ସେ ଦେଶ ଲାଗି ୧୧ଟି ଦିନିକିଆ ଖେଳିଛନ୍ତି, ତାହା କିନ୍ତୁ ବି' ଟିମ୍ ଲାଗି। ଏଥର ସେ ନିଶ୍ଚିତ ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା ଓ ଅର୍ଶଦୀପଙ୍କୁ ନେଇ ଭାରତୀୟ ପେସ୍ ବାହିନୀ ଗଠିତ। ଏମାନେ କିପରି ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବ୍ୟାଟିଂକୁ କିପରି ଧ୍ୱଂସ କରିବେ ତାହା ଏବେଠୁ କହିବା କଷ୍ଟକର।

**ଭାରତୀୟ ଦଳ:** ଲୋକେଶ ରାହୁଲ (ଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

# ପ୍ରତ୍ୟାଶା ରାୟଙ୍କୁ ଆଉ ଏକ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୮ ।୧୧(ସମିସ): ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଶା ରାୟ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୩୧.୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜି କିଟ୍‌ର ପ୍ରତିଯୋଗୀଙ୍କୁ ବିଶେଷ ସଫଳତା ମିଳିଛି। ଦିବ୍ୟାଙ୍କା ପ୍ରଧାନ ଆଉ ଏକ କାଂସ୍ୟ ପଦକ ଜିତିବା ପରେ ଦଳ ଏହି ବିଭାଗରେ ପ୍ରଥମ ରନର୍ସ ଅପ୍ ହୋଇଛି। କିଟ୍ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୮୬ କିଲୋ ଭାରୋତ୍ତୋଳନରେ କିଟ୍‌ର ମାଗନ୍ତା କୀର୍ତ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କିଟ୍‌ର ଉଭୟ ରଗ୍‌ବୀ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ଓ ମହିଳା ଫାଇନାଲରେ କିଟ୍ ଦଳ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟକୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।



# ନାଲ୍‌କୋ ଓପନ ଟେନିସ୍ ଡିସେମ୍ବର ୧୨ରୁ

ଭୁବନେଶ୍ୱର,୨୮ ।୧୧(ସମିସ): ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ପକ୍ଷରୁ ୨୪ତମ ନିଖିଳ ଓଡ଼ିଶା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସ ପରିସରରେ ଡିସେମ୍ବର ୧୨ରୁ ୧୪ ଯାଏ ଖେଳାଯିବ। ୯ଟି ଭିନ୍ନ ଭିନ୍ନ କାଟାଗୋରୀରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ବିଡିଟିଏ ପକ୍ଷରୁ କୁହାଯାଇଛି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ଶିବଶଙ୍କର ପରିଡ଼ାଙ୍କୁ ୯୦୯୦୬-୦୩୫୩୫ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜାତୀୟ ଜୁନିଅର ଫୁଟବଲ

# ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୮ ।୧୧(ସମିସ): ଆନ୍ଧ୍ରର ଅନନ୍ତପୁରଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବାଳିକା ଫୁଟବଲ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୧-୦ ଗୋଲରେ ଓଡ଼ିଶାକୁ ହରାଇଦେଇଛି। ଓଡ଼ିଶାର ସମସ୍ତ ଚେଷ୍ଟା ସତ୍ତ୍ୱେ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଓଡ଼ିଶା ତାହାର ପରବର୍ତ୍ତୀ ମ୍ୟାଚ୍ ବେଙ୍ଗଲ ସହ ନଭେମ୍ବର ୩୦ରେ ଖେଳିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା ପରବର୍ତ୍ତୀ ପର୍ଯ୍ୟାୟକୁ ଯିବ ନଚେତ୍ ପ୍ରତିଯୋଗିତାରୁ ବିଦାୟ ନେବ।

ସୟଦ ମୁସ୍ତାକ ଅଲି ଟି-୨୦

# ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର,୨୮ ।୧୧(ସମିସ): ରଣଜୀ ଟ୍ରଫି ପରେ ସିନିୟର ଦଳ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ ପରାଜୟର ଧାରା ଅବ୍ୟାହତ ରଖିଛି। ଏହି କ୍ରମରେ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶଠାରୁ ୬୬ ରନ୍‌ରେ ପରାଜିତ ହୋଇଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ କେରଳଠାରୁ ୧୦ ୱିକେଟରେ ହାରିଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ଓଡ଼ିଶା ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ୧୭.୨ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୭ରେ ବ୍ୟାଟିଂ କରିଥିବା ୱିକେଟରକ୍ଷକ ସୌରଭ ଗୌଡ଼ା ସର୍ବାଧିକ ୨୪ ରନ୍ କରିଥିଲେ।

ଦୁଇ ଓପନର ସ୍ୱସ୍ତିକ ସାମଲ ୧୮, ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି ୧୬ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୫ ରନ୍ କରି ପ୍ରଥମେ ଶୀଘ୍ର ଆଉଟ ହୋଇଯାଇଥିଲେ। ଆନ୍ଧ୍ର ପକ୍ଷରୁ ଯାରା ପୃଥ୍ୱୀରାଜ ଓ ସୌରଭ କୁମାର ୩ଟି ଲେଖାଏଁ ୱିକେଟ ପାଇଥିଲେ। ପୂର୍ବରୁ ଆନ୍ଧ୍ର ଇନିଂସରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲାବେଳେ ଅଧିନାୟକ ରିକି ଭୂଇ ସର୍ବାଧିକ ୪୭ ଓ ଶ୍ରୀକର ଭରତ ୪୨ ରନ୍ କରିଥିଲେ। ସୌରଭ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅବଶିଷ୍ଟ ମ୍ୟାଚ୍‌ରେ ଓଡ଼ିଶା ଭଲ ଖେଳିବ ବୋଲି ଓସିଏ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।




ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ



ଭୁବନେଶ୍ୱର,୨୮ ।୧୧(ସମିସ)

କୋଲକାତାରେ ଚାଲିଥିବା ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନରେ ଓଡ଼ିଶାର ପ୍ରତିଯୋଗୀ ମାନେ ଆଜି ଚୂଡ଼ାନ୍ତ ହୋଇଥିବା ୨୭ଟି ପଦକ ମଧ୍ୟରୁ ୧୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ। ଯୁବ ବିଭାଗରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ଆଜି ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲି ଯୁବ ବର୍ଗରେ ବନିତା ନାଏକ ରାଜ୍ୟ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଯାଏ ଓଡ଼ିଶା ଜିତିଥିବା ୩ଟି ଯାକ ସ୍ୱର୍ଣ୍ଣ ପଦକ କେବଳ ଯୁବ ବିଭାଗରୁ ଆସିଛି।

ଆଜି ଅନୁଷ୍ଠିତ ଯୁବ ବିଭାଗର ୫୮ କିଲୋଗ୍ରାମ୍ କାଟୋଗୋରୀରେ ଅଙ୍କିତା ଓ ୬୯ କେଜି କାଟାଗୋରୀରେ ପ୍ରୀତମୟୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏମାନେ ମଧ୍ୟ ଅନ୍ୟ ବିଭାଗରେ ପଦକ ଜିତିଛନ୍ତି। ଅଙ୍କିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୁଇଟି କାଂସ୍ୟ, ପ୍ରୀତିମୟୀ ବରିଷ୍ଠ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ମିନା ସାନ୍ତା-ବି' ରୌପ୍ୟ, ୬୩ କେଜି ବରିଷ୍ଠ ବିଭାଗରେ ରୋମାଳି ପ୍ରଧାନ ରୌପ୍ୟ, ୬୩ କେଜି ଯୁବ ଓ କନିଷ୍ଠ ବିଭାଗରେ ଶ୍ୱେତାଲିନା ମହାନ୍ତି ୨ଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲିର ସଫଳତାକୁ ମିଶାଇ ଓଡ଼ିଶା ପ୍ରଥମ ଦୁଇ ଦିନରେ ୩ ସ୍ୱର୍ଣ୍ଣ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS